



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

SAMBALPUR

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-245 ♦MONDAY ♦02 MARCH 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୪୫ ♦ସୋମବାର ♦୦୨ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ୱେଷ୍ଟ ଇଣ୍ଡିଜ୍ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଲେ ସଞ୍ଜୁ ସାମ୍ସନ୍


■ କୋଲକାତା, ୧।୩ (ଏଜେନ୍ସି): ଟି-୨୦ ବିଶ୍ୱକପ୍‌ର ସୁପର୍ ୮ ପର୍ଯ୍ୟାୟ ଶେଷ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ୫ ୱିକେଟ୍‌ରେ ପରାସ୍ତ କରି ଭାରତ ସେମିଫାଇନାଲ୍‌ରେ ପ୍ରବେଶ କରିଛି। କର ବା ମର ସ୍ଥିତିରେ କୋଲକାତାର ଇଡେନ୍ ପିଚ୍‌କୁ ଓହ୍ଲାଇଥିବା ଭାରତୀୟ ଦଳ ପାଇଁ ଆଜି 'ସାଞ୍ଜୁ' ସାଜିଥିଲେ ସଞ୍ଜୁ ସାମ୍ସନ୍। ୧୯୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂକୁ ଓହ୍ଲାଇଥିବା ଭାରତୀୟ ଦଳର ଓପନର୍ ସଞ୍ଜୁ ସାମ୍ସନ୍ ୫୦ ଟି ବଲ୍‌ରେ ୪ଟି ଛକ୍କା ଓ ୧୨ଟି ଚୌକା ବଳରେ ୯୭ ରନ୍‌ର ବିସ୍ଫୋରକ ବ୍ୟାଟିଂ କରି ଶେଷ ୪ ବଲ୍ ବାକି ଥାଇ ୱେଷ୍ଟଇଣ୍ଡିଜ୍ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ। ସୁପର୍ ୮ ପର୍ଯ୍ୟାୟରେ ବିଜୟୀ ହୋଇଥିବା ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଆସନ୍ତା ୪ ତାରିଖରେ ଇଡେନ୍ ଗ୍ରାଉଣ୍ଡରେ ପ୍ରଥମ ସେମିଫାଇନାଲ୍‌ରେ ପରସ୍ପରକୁ ଭେଟିବେ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ୫ ତାରିଖର ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ। ୮ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଖେଳାଯିବ।

# ରକ୍ତମୁଖା ଇରାନ

## ଖାମନେଇଙ୍କ ମୃତ୍ୟୁ ପରେ ଆମେରିକୀୟ ଘାଟି, ଇସ୍ରାଏଲ ଉପରେ ଘନଘନ କ୍ଷେପଣାସ୍ତ୍ର ମାଡ଼

■ ତେହରାନ/ ତେଲ ଆଭିଭ, ୧।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇସ୍ରାଏଲ ଆରମ୍ଭ କରିଥିବା ଯୁଦ୍ଧ କାୟା ବିସ୍ତାର କରିବାରେ ଲାଗିଛି। ଏହା ଥମିବା ପରିବର୍ତ୍ତେ ଭୟଙ୍କର ରୂପ ଧାରଣ କରି ଚାଲିଛି। ଇରାନରେ ଆରମ୍ଭ ହୋଇଥିବା ନିଆଁ ସମ୍ପୂର୍ଣ୍ଣ ଅଞ୍ଚଳକୁ ବ୍ୟାପି ଚାଲିଛି। ଉଭୟ ପକ୍ଷ ପରସ୍ପରକୁ ଧମକ ପରେ ଧମକ ଦେଇ ଚାଲିଛନ୍ତି। ମିଳିତ ଆକ୍ରମଣରେ ସର୍ବୋଚ୍ଚ ନେତା ଆୟାତୋଲ୍ଲୀ ଖାମନେଇ (୮୬)ଙ୍କ ସମେତ ଝିଅ-ଜ୍ୱାଇଁ, ବୋହୂ, ନାତୁଣୀ ସମେତ କମ୍ପ୍ଲେକ୍ସରେ ଥିବା ୪୦ ଜଣଙ୍କ ମୃତ୍ୟୁ ହୋଇଛି। ଦେଶର ଆଉ ୩୦ ଜଣ ନେତା ମଧ୍ୟ ପ୍ରାଣ ହରାଇଛନ୍ତି। ଖାମନେଇଙ୍କ ମୃତ୍ୟୁ ପରେ ଦେଶର ଶାସନ ଭାର ଅସ୍ଥାୟୀ ଭାବେ ତିନିଜଣିଆ କମିଟି ମୁଖ୍ୟ ଆୟତୁଲ୍ଲା ଅମିରେଜା ଅରାଫିଙ୍କ ହାତରେ ନ୍ୟସ୍ତ କରାଯାଇଛି। ଖାମନେଇଙ୍କ ମୃତ୍ୟୁ ପରେ ରକ୍ତମୁଖା ହୋଇପଡ଼ିଛି ଇରାନ। ଆକ୍ରମଣର ଭୟଙ୍କର ପ୍ରତିଶୋଧ ନେବୁ ବୋଲି ଇରାନର ରାଷ୍ଟ୍ରପତି ମାସୁଦ୍ ଧମକ ଦେଇଛନ୍ତି। ଗତରାତି ଠାରୁ ▶ପୃଷ୍ଠା-୭

ସର୍ବୋଚ୍ଚ ନେତାଙ୍କ ସମ୍ମାନାର୍ଥେ ଇରାନରେ ୪୦ଦିନିଆ ରାଷ୍ଟ୍ରୀୟ ଶୋକ





- ଭୟଙ୍କର ଆକ୍ରମଣ ଅଭିଯାନ ଆରମ୍ଭ କରିବୁ: ଇରାନ
- ଯୁଦ୍ଧପୋତ 'ଆବ୍ରାହାମ୍ ଲିଙ୍କନ୍' ଉପରେ କ୍ଷେପଣାସ୍ତ୍ର ମାଡ଼
- ଇରାନ ଉପରେ ଆକ୍ରମଣକୁ ଚୀନ, ଋଷ୍, ଉ.କୋରିଆର ନିନ୍ଦା
- ଅନ୍ତଃରାଷ୍ଟ୍ରୀୟ ସମ୍ପର୍କକୁ ନଷ୍ଟ କରିଛି ଆମେରିକା: ଚୀନ୍
- ଖାମନେଇଙ୍କ ହତ୍ୟା ବିରୋଧରେ ବିଭିନ୍ନ ଦେଶରେ ବିକ୍ଷୋଭ

### ବଢ଼ିଲା ତେଲ ଓ ଗ୍ୟାସ୍ ଚିନ୍ତା

## ୧୨ ଟଙ୍କା ମହଙ୍ଗା ହେବ ପେଟ୍ରୋଲ-ଡିଜେଲ !

■ ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ଇରାନ୍ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟାରେ ଛାଇଯାଇଛି। ଏହି ପରିସ୍ଥିତିରେ ଭାରତ ସମେତ ସମଗ୍ର ବିଶ୍ୱରେ ତୈଳ ଯୋଗାଣକୁ ନେଇ ବଡ଼ ଆଶଙ୍କା ସୃଷ୍ଟି ହୋଇଛି। କାରଣ ହରମୁଜ୍ ପ୍ରଣାଳୀକୁ ବନ୍ଦ କରିବା ନେଇ ଇରାନ୍ ଧମକ ଦେଇଛି। ତେଣୁ ଏହି ଯୁଦ୍ଧରେ ହରମୁଜ୍ ପ୍ରଣାଳୀରେ ୧୫୦ ତୈଳ ଜାହାଜ ଅଟକି ରହିଥିବାରୁ ଭାରତକୁ ତୈଳ ଯୋଗାଣ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଯଦି ଏହି ଯୁଦ୍ଧ ଜାରି ରୁହେ ଏବଂ ହରମୁଜ୍ ପ୍ରଣାଳୀରେ ତୈଳ ମାର୍ଗ ବନ୍ଦ ହୋଇଯାଏ, ତେବେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇପାରେ। ଏହାର ପ୍ରଭାବ ସିଧାସଳଖ ଭାରତ ଉପରେ ପଡ଼ିବ। ଏଥିଯୋଗୁ ଦେଶରେ ପେଟ୍ରୋଲ- ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



VOLLEYBALL WORLD BEACH PRO TOUR | FIVB | KHELO INDIA | KISS



FIVB

1st TIME in INDIA in a University Campus

WORLD BEACH VOLLEYBALL CHAMPIONSHIP 2026 (MEN & WOMEN)

Proudly Hosted By KIIT UNIVERSITY Bhubaneswar, Odisha

4th-8th March, 2026 | KIIT, BHUBANESWAR, ODISHA

52 + COUNTRIES | 82 TEAMS | 164 ATHLETES | 306 PARTICIPANTS | OLYMPIC GOLD MEDALLISTS | CHAMPIONSHIP TROPHY (MEN & WOMEN) | UNLIMITED PASSION ON THE SAND


Participating Countries:

Australia | Austria | Belgium | Brazil | Canada | China | Czech Republic | Denmark | England | Estonia | Finland | France | Germany | Greece | ungary | India | Israel | Italy | Japan | Korea | Latvia | Lithuania | New Zealand | Norway | Poland | Portugal | Puerto Rico | Qatar | Romania | Saudi Arabia | Serbia | Singapore | Slovakia | Slovenia | Spain | Sri Lanka | Switzerland | Thailand | Türkiye | Ukraine | United Arab Emirates | United Kingdom | United States | Argentina | Bulgaria | Cuba | Egypt | Hong Kong | Peru | Philippines | Netherlands | Nigeria

KIIT, Patia, Bhubaneswar, Odisha, India 751024 | kiit@kiit.ac.in | kiit.ac.in | KISS Campus-3, Bhubaneswar, Odisha, India 751024 | info@kiss.ac.in | kiss.ac.in

ସକାଳ
www.sakalaepaper.com





# ଇରାନ ସ୍ତବ୍ଧ, ଖାମେନେଇଙ୍କ ପରେ କିଏ?



## ଖାମେନେଇଙ୍କ ପୁଅ ମୁଜତବାଙ୍କୁ ନେଇ ଚର୍ଚ୍ଚା

ତେହେରାନ,୧।୩(ଏଜେନ୍ସି): ଆୟୋତୁଲ୍ଲା ଖାମନେଇଙ୍କ ପରେ ଇରାନ ସବୁଠାରୁ ଶକ୍ତିଶାଳୀ ପଦବୀ 'ସୁପ୍ରିମ ଲିଡର ବା ସର୍ବୋଚ୍ଚ' ନେତା କିଏ ହେବ ସେ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ସରକାରୀ ଗଣମାଧ୍ୟମ ଅନୁଯାୟୀ, ଅଲି ଖାମନେଇଙ୍କ ଦ୍ୱିତୀୟ ପୁଅ ମୁଜତବା ଖାମନେଇ ଏହି ପଦବୀ ପାଇଁ ମୁଖ୍ୟ ଦାବିଦାର ଭାବେ ଉଭା ହୋଇଛନ୍ତି। ଗତ ୨ ବର୍ଷ ଧରି ସେ ଏଥିପାଇଁ ପ୍ରଶିକ୍ଷଣ ନେଉଥିଲେ ଓ ତାଙ୍କୁ ଏଥିପାଇଁ ପସ୍ତୁତ କରାଯାଉଥିଲା। ରିପୋର୍ଟ ଅନୁଯାୟୀ, ୨୦୨୪ ସେପ୍ଟେମ୍ବରରେ ହିଁ ଖାମନେଇ ନିଜର ଅସୁସ୍ଥତା କାରଣରୁ ୮୮ ଜଣିଆ ଧର୍ମଗୁରୁ ପରିଷଦକୁ ଡାକି ଗୋପନୀୟ ଭାବେ ଉତ୍ତରାଧିକାରୀ ଚୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଖାମନେଇଙ୍କ ପୁଅ ମୁଜତବା ଜଣେ ରହସ୍ୟମୟ ବ୍ୟକ୍ତିତ୍ୱ ଓ ସର୍ବସାଧାରଣରେ ବହୁତ କମ୍ ଦେଖାଯାନ୍ତି। ୨୦୦୯ରେ ଇରାନ ହୋଇଥିବା ବିକ୍ଷୋଭକୁ ଦମନ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିବା କୁହାଯାଏ। ଇରାନର ଗୁଇନ୍ଦା ଓ ସରକାରୀ ସଂସ୍ଥାଗୁଡ଼ିକରେ ତାଙ୍କର ବହୁତ ପ୍ରଭାବ ରହିଛି। ଅଲି ଖାମନେଇ ୧୯୩୯ ରେ ଜନ୍ମଗ୍ରହଣ କରିଥିଲେ ଓ ୧୯୮୯ରୁ ୩୭ ବର୍ଷ ଧରି ଇରାନର ସର୍ବୋଚ୍ଚ ନେତା ଭାବେ ଶାସନ କରୁଥିଲେ। ଶନିବାର ହୋଇଥିବା ଆକ୍ରମଣରେ ଖମନେଇଙ୍କ ସହ ୪୦ ଜଣ କମାଣ୍ଡର, ତାଙ୍କ ଝିଅ, ଜ୍ୱାଇଁ, ନାତୁଣୀ ଓ ବହୁ ମଧ୍ୟ ପ୍ରାଣ ହରାଇଥିବା ଦାବି କରାଯାଇଛି।


୫୬ ବର୍ଷୀୟ ମୁଜତାବା ଖାମନେଇ ୧୯୬୯ ମସହଦଠାରେ ଜନ୍ମଗ୍ରହଣ କରିଥିଲେ। ସେ ତେହେରାନର ଅଲଭି ହାଇସ୍କୁଲରୁ ଶିକ୍ଷା ସମାପ୍ତ କରିବା ପରେ କୋମ ସହରରେ ଧାର୍ମିକ ଶିକ୍ଷା ଗ୍ରହଣ କରିଥିଲେ। ସେ ଇରାନ- ଇରାକ ଯୁଦ୍ଧ ସମୟରେ 'ହବିବ ବାଟାଲିୟନ' ପାଇଁ କାର୍ଯ୍ୟ କରିଥିଲେ। ଏହି ସମୟରୁ ହିଁ ଇରାନର ଶକ୍ତିଶାଳୀ ସେନା ଆଇଆରଜିସି (ଇସଲାମିକ ରିଭୋଲୁସନାରୀ ଗାର୍ଡ କର୍ପ୍ସ) ସହ ତାଙ୍କର ଘନିଷ୍ଠ ସମ୍ପର୍କ ରହିଛି। ସରକାରରେ କୌଣସି ନିର୍ବାଚିତ ପଦବୀରେ ନଥାଇ ମଧ୍ୟ ସେ ନିଜର ପିତାଙ୍କ କାର୍ଯ୍ୟାଳୟରେ ଜଣେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣକାରୀ ଭାବେ କାର୍ଯ୍ୟ କରୁଥିଲେ। ୨୦୧୯ରେ ଆମେରିକା ତାଙ୍କ ଉପରେ କଟକଣା ଲଗାଇଥିଲା। ତେବେ ସର୍ବୋଚ୍ଚ ନେତା ହେବା ପାଇଁ ଜଣେ ବ୍ୟକ୍ତି 'ଆୟୋତୁଲ୍ଲା' ପାହ୍ୟାର ଧର୍ମଗୁରୁ ହେବା ଆବଶ୍ୟକ, କିନ୍ତୁ ମୁଜତାବା ବର୍ତ୍ତମାନ ସୁଦ୍ଧା ସେ ସ୍ତରରେ ପହଞ୍ଚି ପାରିନାହାନ୍ତି। ପୁଣି ଇରାନ ବିପ୍ଳବ ରାଜତନ୍ତ୍ର ବା ବଂଶାନୁକ୍ରମିକ ଶାସନ ବିରୋଧରେ ହୋଇଥିଲା। ତେଣୁ ପିତାଙ୍କ ପରେ ପୁଅ ଶାସନ ଗଦିରେ ବସିବାକୁ ନେଇ ଅନେକ ଧର୍ମଗୁରୁ ବିରୋଧ କରିପାରନ୍ତି।

## ୩୬ ବର୍ଷ ଧରି ସର୍ବୋଚ୍ଚ ପଦରେ ଥିଲେ ଖାମନେଇ

ତେହେରାନ,୧।୩(ଏଜେନ୍ସି): ଖାମନେଇ ୧୯୮୯ରୁ ମୃତ୍ୟୁପର୍ଯ୍ୟନ୍ତ ଇରାନର 'ସର୍ବୋଚ୍ଚ ନେତା' ଭାବେ ଦାୟିତ୍ୱରେ ରହିଥିଲେ। ତାଙ୍କ ମୃତ୍ୟୁ ସହ କେବଳ ଇରାନ ନୁହେଁ, ସାରା ମଧ୍ୟପ୍ରାଚ୍ୟ ଓ ସମଗ୍ର ପଶ୍ଚିମ ଏସିଆରେ ଏକ ଯୁଗର ଅବସାନ ହୋଇଛି କହିଲେ ଭୁଲ ହେବନାହିଁ। ସେ ଦେଶର ରାଜନୈତିକ ଓ ଧାର୍ମିକ କ୍ଷେତ୍ରରେ ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତିଥିଲେ। ୧୯୩୯ରେ ସେ ଇରାନ ପବିତ୍ର ସହର ମସହଦ୍‌ରେ ଜନ୍ମଗ୍ରହଣ କରିଥିଲେ। ୧୯୭୯ରେ ଇରାନରେ ଇସ୍‌ଲାମିକ ବିପ୍ଳବ ସମୟରେ ସେ ରୁହୋଲ୍ଲା ଖୋମେନେଇଙ୍କର ଜଣେ ଘନିଷ୍ଠ ସହଯୋଗୀ ଥିଲେ। ବିପ୍ଳବ ପୂର୍ବରୁ ଶାହାଙ୍କ ଶାସନ ସମୟରେ ତାଙ୍କୁ ଅନେକଥର ଜେଲ୍ ଯିବାକୁ ପଡ଼ିଥିଲା। ସେ ୧୯୮୧ରୁ ୧୯୮୯ ପର୍ଯ୍ୟନ୍ତ ଇରାନର ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିଥିଲେ। ଏହି ସମୟରେ ଇରାନ ଓ ଇରାକ ମଧ୍ୟରେ ଯୁଦ୍ଧ ହୋଇଥିଲା ଓ ଏଭଳି କଠିନ ପରିସ୍ଥିତିକୁ ସେ ସାମ୍ନା କରିଥିଲେ। ରୁହୋଲ୍ଲା ଖୋମେନେଇଙ୍କ ମୃତ୍ୟୁ ପରେ ତାଙ୍କୁ ଇରାନର ଦ୍ୱିତୀୟ ସୁପ୍ରିମ ଲିଡର ଅର୍ଥାତ ସର୍ବୋଚ୍ଚ ନେତା ଭାବେ ନିଯୁକ୍ତି କରାଯାଇଥିଲା। ସେବେଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଏହି ଗୁରୁ ଦାୟିତ୍ୱ ବହନ କରିଆସୁଥିଲେ। ଖାମନେଇଙ୍କ ପାଖରେ ଦେଶର ଚୂଡାନ୍ତ ନିଷ୍ପତ୍ତି ନେବାର କ୍ଷମତା ଥିଲା। ସେ ମୁଖ୍ୟତଃ ସାମରିକ ବଳ, ବିଦେଶ ନୀତି ଓ ଆଞ୍ଚଳିକ ପ୍ରଭାବକୁ ନିୟନ୍ତ୍ରଣ କରୁଥିଲେ। ଇରାକର ସେନା ଓ ଶକ୍ତିଶାଳୀ ଆଇଆରଜିସି (ରିଭୋଲ୍ୟୁସନାରୀ ଗାଡର୍) ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ହେଉଥିଲା। ସେହିପରି ସେ ପାଶ୍ଚାତ୍ୟ ଦେଶ, ବିଶେଷ କରି ଆମେରିକା ଓ ଓ ଇସ୍ରାଏଲ ବିରୋଧରେ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଆଞ୍ଚଳିକ କ୍ଷେତ୍ରରେ ଥିବା ସିରିଆ, ଇରାକ, ଲେବାନନ ଓ ୟେମେନ ଭଳି ଦେଶରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଓ ସେଠାକାର ଗୋଷ୍ଠୀକୁ ସାହାଯ୍ୟ କରିବାରେ ତାଙ୍କର ବଡ଼ ହାତ ଥିଲା। ଖାମନେଇଙ୍କ ଶାସନ କାଳରେ ଇରାନ ଅନେକ ଅନ୍ତର୍ଜାତୀୟ କଟକଣା ଓ ପରମାଣୁ କାର୍ଯ୍ୟକ୍ରମକୁ ନେଇ ବିବାଦର ସମ୍ମୁଖୀନ ହୋଇଥିଲା। ଏବେ ସେ ସବୁ କାହାଣୀରେ ପରିଣତ ହୋଇଛି। ଏବେ ତାଙ୍କ ବିନା ଇରାକକୁ ଆଗକୁ ବଢ଼ିବାର ସମୟ ଉପନୀତ ହୋଇଛି।

## ଅଲୀରେଜା ଆରଫି ନୂଆ ସର୍ବୋଚ୍ଚ ନେତା

ତେହେରାନ,୧।୩(ଏଜେନ୍ସି): ସର୍ବୋଚ୍ଚ ନେତା ଖମନେଇଙ୍କ ମୃତ୍ୟୁ ପରେ ଇରାନ ଓ ଇରାନର ଶାସନ ପ୍ରକ୍ରିୟା ବଡ଼ ଧରଣର ପରିବର୍ତ୍ତନ ଦେଇ ଗତି କରୁଛି। ଦେଶରେ ସ୍ଥିରତା ବଜାୟ ରଖିବା ପାଇଁ ଏକ ଅସ୍ଥାୟୀ ନେତୃତ୍ୱ ଦାୟିତ୍ୱ ଗ୍ରହଣ



କରିଛନ୍ତି। ଇରାନର ଏହି ପରିବର୍ତ୍ତନର ସମୟ ଉପରେ ସାରା ବିଶ୍ୱର ନଜର ରହିଛି। ବର୍ତ୍ତମାନ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିଆନ ଓ ମୁଖ୍ୟ ବିଚାରପତି ଗୋଲାମ- ହୋସେନ ମୋହସିନ-ଏଜେଇ ଏବଂ ଗାର୍ଡିଆନ କାଉନସିଲର ଜଣେ ସଦସ୍ୟ ମିଳିତ ଭାବେ ଦେଶର ଶାସନ ଦାୟିତ୍ୱ ତୁଲାଇବେ। ଖାମନେଇଙ୍କ ପରବର୍ତ୍ତୀ ଉତ୍ତରାଧିକାରୀ ବାଛିବା ପାଇଁ ଉଚ୍ଚସ୍ତରୀୟ ଧର୍ମଗୁରୁଙ୍କ ଏକ ଗୋଷ୍ଠୀ ଦାୟିତ୍ୱ ଗ୍ରହଣ କରିବେ। ତେବେ ଯୁଦ୍ଧ ସ୍ଥିତି କାରଣରୁ ଏହି ପ୍ରକ୍ରିୟାରେ ବିଳମ୍ବ ହୋଇପାରେ। ଇତିମଧ୍ୟରେ ଖାମନେଇଙ୍କ ସ୍ଥାନରେ ବିଶିଷ୍ଟ ଧର୍ମଗୁରୁ ଆୟତୋଲ୍ଲା ଅଲୀରେଜା ଆରଫିଙ୍କୁ ଅସ୍ଥାୟୀ ରୂପେ ସର୍ବୋଚ୍ଚ ଆଧ୍ୟାତ୍ମିକ ନେତା ରୂପେ ମନୋନୀତ କରାଯାଇଛି। ସ୍ଥାୟୀ ସର୍ବୋଚ୍ଚ ନେତା ମନୋନୀତ ହେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ।

## ଶନିବାର ସକାଳ କାହିଁକି?

ଦୁବାଇ,୧।୩(ଏଜେନ୍ସି): ଖାମନେଇଙ୍କୁ ଟାର୍ଗେଟ କରିବା ପାଇଁ ଆମେରିକା ଓ ଇସ୍ରାଏଲ୍ ଅତି ଚତୁରତାର ସହ ସମୟ ନିର୍ଦ୍ଧାରଣ କରିଥିଲେ। ଏହି ଆକ୍ରମଣ ପଛରେ କେତୋଟି ଗୁରୁତ୍ୱପୂର୍ଣ୍ଣ ରଣନୀତି ଥିଲା। ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଖାମନେଇଙ୍କୁ ପ୍ରଥମେ ଆକ୍ରମଣ କରିବା ଜରୁରୀ ଥିଲା। ଯଦି ସେ ସାମାନ୍ୟ ସୁରାକ ପାଇଥାନ୍ତେ, ତେବେ ସେ କୌଣସି ଗୋପନୀୟ ସ୍ଥାନରେ ଲୁଚି ଯାଇଥାନ୍ତେ। ତେଣୁ ତାଙ୍କୁ ସୁଯୋଗ ନ ଦେବା ପାଇଁ ଏହି ସମୟକୁ ବଛାଯାଇଥିଲା। ପ୍ରଥମେ ଶନିବାର ସନ୍ଧ୍ୟାରେ ଖାମନେଇ ନିଜର ଶୀର୍ଷ ପରାମର୍ଶଦାତାଙ୍କ ସହ ବୈଠକ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଇସ୍ରାଏଲ ଗୁଇନ୍ଦା ସଂସ୍ଥା ଜାଣିବାକୁ ପାଇଥିଲା ଯେ ଏହି ବୈଠକ ଶନିବାର ସକାଳେ ହେଉଛି। ଫଳରେ ଆକ୍ରମଣର ସମୟ ଆଗୁଆ କରି ଦିନ ଦ୍ୱିପହରରେ ହିଁ କମ୍ପାଉଣ୍ଡ ଉପରେ ବୋମା ମାଡ଼ କରାଯାଇଥିଲା। ଖାମନେଇ ଏକ ସୁରକ୍ଷିତ ସ୍ଥାନରେ ଅଲି ଶାମଖାନି ଓ ଅଲି ଲାରିଜାନିଙ୍କ ସହ ଆଲୋଚନା କରୁଥିବା ବେଳେ ହିଁ ଏହି ଆକ୍ରମଣ ହୋଇଥିଲା। ଏଥିରେ ଖାମନେଇ ଓ ଶାମଖାନିଙ୍କର ମୃତ୍ୟୁ ଘଟିଥିବା ବେଳେ ଲାରିଜାନି ବର୍ଞ୍ଚିଯାଇଛନ୍ତି।

## ପାକିସ୍ତାନରେ ଆମେରିକୀୟ ଦୂତାବାସ ଆକ୍ରମଣ ଉଦ୍ୟମ, ୨୮ ମୃତ



ନୂଆଦିଲ୍ଲୀ,୧।୩(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟୋତୁଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁ ପରେ ପାକିସ୍ତାନର ବନ୍ଦର ସହଜର କରାଚିରେ ପ୍ରବଳ ଉତ୍ତେଜନା ଦେଖା ଦେଇଛି। ଏହି ଘଟଣାକୁ ନେଇ ସିଆ ସଂଗଠନଗୁଡ଼ିକ ପକ୍ଷରୁ ଆମେରିକା ବିରୋଧରେ ପ୍ରଦର୍ଶନ କରାଯାଉଥିବା ବେଳେ ହିଂସାକାଣ୍ଡ ଘଟି ୨୮ ଜଣ ଲୋକ ମୃତ୍ୟୁ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। କରାଚିସ୍ଥିତ ଆମେରିକୀୟ ଦୂତାବାସ ଭିତରେ ପଶିବାକୁ ଚେଷ୍ଟା କରୁଥିବା ଆନ୍ଦୋଳନକାରୀଙ୍କ ଉପରକୁ ଆମେରିକୀୟ ମାରିନ ସୁରକ୍ଷାକର୍ମୀମାନେ ଗୁଳି ଚଳାଇଥିବା ସୂଚନା ମିଳିଛି। ଏଥିରେ ୧୨ ଜଣ ପ୍ରାଣ ହରାଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି। ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଖାମନେଇଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଏହି ପ୍ରତିବାଦ ଆରମ୍ଭ ହୋଇଥିଲା। ପୁଲିସ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ସହ ପ୍ରମୁଖ ରାସ୍ତାଗୁଡ଼ିକୁ ସିଲ୍ କରିଦେଇଛି। କନସୁଲେଟ୍ ବା ଦୂତାବାସ ଅଞ୍ଚଳରେ ଅତିରିକ୍ତ ବଳ ମୁତୟନ କରାଯାଇଛି। କେବଳ କରାଚି ନୁହେଁ, ଲାହୋର ଓ ସ୍କାର୍ଦୁ ପରି ସହରରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍କାର୍ଦୁରେ ଲୋକେ ମିଳିତ ଜାତିସଂଘ (ୟୁଏନ୍) ର କାର୍ଯ୍ୟାଳୟରେ ନିଆଁ ଲଗାଇଦେଇଛନ୍ତି।

# ଖାମନେଇଙ୍କୁ ହତ୍ୟା ପାଇଁ ଏମିତି ଟାର୍ଗେଟ କରାଯାଇଥିଲା

ନୂଆଦିଲ୍ଲୀ,୧।୩ (ଏଜେନ୍ସି): ଖାମନେଇଙ୍କୁ ହତ୍ୟା କରିବା ପାଇଁ ଆମେରିକା ଓ ଇସ୍ରାଏଲ୍ ଏକ ଅତି ଗୋପନୀୟ ଏବଂ ସମନ୍ୱିତ ଯୋଜନା ପ୍ରସ୍ତୁତ କରିଥିଲେ। 'ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ଅନୁଯାୟୀ, ଇସ୍ରାଏଲ ଯୁଦ୍ଧ ବିମାନଗୁଡ଼ିକ ଖାମନେଇ ରହୁଥିବା କମ୍ପ୍ଲେକ୍ସ ତଥା ବାସଭବନ ଉପରେ ୩୦ଟି ବୋମା ମାଡ଼ କରିଥିଲେ। ଆମେରିକା ଓ ଇସ୍ରାଏଲର

**୩୦ଟି ବୋମା ମାଡ଼ରେ ଧ୍ୱଂସ ହେଲା ଖାମନେଇଙ୍କ ବାସଭବନ**

ଗୁପ୍ତଚର ସଂସ୍ଥାଗୁଡ଼ିକ ଇରାନର ସାମରିକ ଓ ରାଜନୈତିକ ନେତୃତ୍ୱଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଷୟରେ ସୂଚନା ପାଇଥିଲେ। ଯେତେବେଳେ ଖାମନେଇଙ୍କ ସଠିକ୍ ଅବସ୍ଥିତି ଜଣାପଡ଼ିଥିଲା, ସେତେବେଳେ ଦିନ ଦ୍ୱିପହରରେ ଏହି ଆକ୍ରମଣ କରାଯାଇଥିଲା। କେବଳ ଖାମନେଇ ନୁହନ୍ତି, ବରଂ ଇରାନ ପ୍ରତିରକ୍ଷା ମନ୍ତ୍ରୀ ଅମୀର ନାସିରଜାଦେ ଓ ସେନାମୁଖ୍ୟ ମହମ୍ମଦ ପାକପୁରଙ୍କୁ ମଧ୍ୟ ଏହି ଆକ୍ରମଣରେ ଟାର୍ଗେଟ କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗୁପ୍ତଚର ରିପୋର୍ଟ ମୁତାବକ, ଇରାନ ଆମେରିକୀୟ ଘାଟି ଉପରେ ଆକ୍ରମଣ ଯୋଜନା କରୁଥିଲା। ଫଳରେ ଆମେରିକା ଏହି ପଦକ୍ଷେପ ନେଇଥିଲା। ଇରାନ ଖାମନେଇଙ୍କ ମୃତ୍ୟୁକୁ ନିଶ୍ଚିତ କରିବା ସହ ୪୦ ଦିନିଆ ଜାତୀୟ ଶୋକ ଘୋଷଣା କରିଛି। ଖାମନେଇଙ୍କ ମୃତ୍ୟୁ ପରେ ଇରାନ ପଶ୍ଚିମ ଏସିଆ ତଥା ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକ ଉପରେ ଆକ୍ରମଣ କରିବାକୁ ଚେତାବନୀ ଦେଇଛି। ଏହାର ଜବାବରେ ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଯଦି ଆମେରିକା ଓ ଇସ୍ରାଏଲ ଉପରେ ଆକ୍ରମଣ ହୁଏ, ତେବେ ଇରାନ ପୂର୍ବରୁ କେବେ ଦେଖି ନଥିବା ଭଳି ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ।



## ୪୦ ଦିନିଆ ଶୋକ

ତେହରାନ, ୧।୩ (ଏଜେନ୍ସି): ଆମେରିକା ଏବଂ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ୍ଲୀ ଖାମନେଇ (୮୬) ପ୍ରାଣ ହରାଇଛନ୍ତି। ଗତକାଲି ଖାମନେଇଙ୍କ ଅଫିସରେ ଆମେରିକା ଓ ଇସ୍ରାଏଲ ପକ୍ଷରୁ ୩୦ଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏହି ଆକ୍ରମଣରେ ଖାମନେଇଙ୍କ ଝିଅ-ଜ୍ୱାଇଁ, ବୋହୂ, ନାତୁଣୀ ସମେତ କମ୍ପ୍ଲେକ୍ସରେ ଥିବା ୪୦ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣ ସମୟରେ କମାଣ୍ଡର୍ସଙ୍କ ସହ ଖାମନେଇ ବୈଠକ କରୁଥିଲେ। ଗୁଇନ୍ଦା ଏବଂ ସାଇବର ସୁରକ୍ଷା ପାଇଁ ପ୍ରସିଦ୍ଧି ହାସଲ କରିଥିବା ଇରାନ ଏହି ଆକ୍ରମଣ ବିଷୟରେ କୌଣସି ସୂଚନା ପାଇପାରି ନ ଥିଲା। ଶନିବାର ବିଳମ୍ବିତ ରାତିରେ ଖାମନେଇ ପ୍ରାଣ ହରାଇଥିବା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଦାବି କରିଥିଲେ। ଏହାର କିଛି ସମୟରେ ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟ ସମାନ ସୂଚନା ଦେଇଥିଲେ। ମାତ୍ର ରବିବାର ସକାଳେ ଇରାନ ସରକାରୀ ଗଣମାଧ୍ୟମ ଖାମନେଇଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଥିଲା। ଖାମନେଇଙ୍କ ମୃତ୍ୟୁକୁ ନେଇ ଇରାନରେ ୪୦ ଦିନିଆ ରାଷ୍ଟ୍ରୀୟଶୋକ ଏବଂ ୭ ଦିନ ଛୁଟି ଘୋଷଣା କରାଯାଇଛି।

## ସେହି ଶନିବାର: ୪୫ ବର୍ଷ ପୂର୍ବେ ହତ୍ୟା ଉଦ୍ୟମ ହୋଇଥିଲା

ତେହେରାନ,୧।୩(ଏଜେନ୍ସି): ସର୍ବୋଚ୍ଚ ନେତା ଖାମନେଇଙ୍କ ମୃତ୍ୟୁ ସହ ଇରାନରେ ଏକ ଦୀର୍ଘ ଦଶନ୍ଧିର ଶାସନକାଳ ଓ ଯୁଗର ଅନ୍ତ ଘଟିଛି। ଶନିବାର ସହ ଖାମନେଇଙ୍କ ମୃତ୍ୟୁର ସଂଯୋଗ ରହିଛି। ୪୫ ବର୍ଷ ପୂର୍ବେ ୧୯୮୧ ଜୁନ୍ ୨୭ରେ ଏକ ମସଜିଦ୍‌ରେ ଭାଷଣ ଦେଉଥିବା ସମୟରେ ଖାମନେଇଙ୍କୁ ହତ୍ୟା କରିବାକୁ ଚେଷ୍ଟା କରାଯାଇଥିଲା। ସେଦିନ ଥିଲା ଶନିବାର। ଏକ ଟେପ ରେକର୍ଡରେ ବୋମା ବିସ୍ଫୋରଣ ହେବା ଫଳରେ ତାଙ୍କର ଡାହାଣ ହାତ ସବୁଦିନ ପାଇଁ ପକ୍ଷାଘାତ ହୋଇଯାଇଥିଲା। ଏହି ଘଟଣାର ୪୫ ବର୍ଷ ପରେ ପୁଣି ଏକ ଶନିବାର ଦିନ (୨୦୨୬ ଫେବୃଆରୀ ୨୮/ ମାର୍ଚ୍ଚ ୧) ଆକ୍ରମଣରେ ତାଙ୍କର ପ୍ରାଣହାନୀ ଘଟିଛି। ୧୯୮୯ରେ ସୁପ୍ରିମ ଲିଡର ହେବା ପରେ ସେ ଇରାନରେ କଠୋର ଇସ୍‌ଲାମିକ ନିୟମ ଲାଗୁ କରିଥିଲେ। ୧୯୯୯, ୨୦୦୯, ୨୦୧୯ ଏବଂ ନିକଟରେ ମହସା ଅମିନଙ୍କ ମୃତ୍ୟୁ ପରେ ହୋଇଥିବା 'ଓମ୍ୟାନ, ଲାଇଫ୍, ଫ୍ରିଡମ୍' ଆନ୍ଦୋଳନକୁ ଅତି ନିର୍ଦ୍ଦୟ ଭାବେ ଦମନ କରିଥିଲେ। ଖାମନେଇ ସବୁବେଳେ ଆମେରିକା ସହ ଆଲୋଚନା କରିବାକୁ ବିରୋଧ କରୁଥିଲେ। ତାଙ୍କର ଆମେରିକା ସହ ସନ୍ଧି କରିବା ନିରର୍ଥକ ଥିଲା। ମୃତ୍ୟୁ ପୂର୍ବରୁ ସେ ଚେତାବନୀ ଦେଇଥିଲେ ଯେ ଇରାନ ଉପରେ ଆକ୍ରମଣ ହେଲେ ଏହା ଏକ ବଡ଼ ଆଞ୍ଚଳିକ ଯୁଦ୍ଧରେ ପରିଣତ ହେବ। ୧୯୮୯ରେ ଖୋମେନେଇଙ୍କ ମୃତ୍ୟୁପରେ ଯେତେବେଳେ ତାଙ୍କୁ ସର୍ବୋଚ୍ଚ ନେତାଭାବେ ନିଯୁକ୍ତ କରାଗଲା, ସେ ନିଜେ ଏହାକୁ ବିରୋଧ କରି କହିଥିଲେ ଯେ, ସେ ଏହି ପଦବୀ ପାଇଁ ଯୋଗ୍ୟ ନୁହଁନ୍ତି। କିନ୍ତୁ ଏହାପରେ ସେ ଇରାନର ଶକ୍ତିଶାଳୀ ନେତା ଭାବେ ଉଭା ହୋଇଥିଲେ। ଖାମନେଇ ସବୁବେଳେ କଡ଼ା ସୁରକ୍ଷା ବଳୟ ଭିତରେ ରହୁଥିଲେ। ୧୯୮୯ ପରେ ସେ କେବେବି ଦେଶ ବାହାରକୁ ଯାଇ ନ ଥିଲେ। ୧୯୮୯ରେ ସେ ଶେଷଥର ପାଇଁ ଉତ୍ତର କୋରିଆ ଗସ୍ତ କରିଥିଲେ। ଏହା ତାଙ୍କର ଶେଷ ବିଦେଶ ଗସ୍ତ ଥିଲା। ଏହା ସତ୍ତ୍ୱେ ଆମେରିକା ଓ ଇସ୍ରାଏଲ କିପରି ତାଙ୍କର ଠିକ୍ ସ୍ଥାନ ଚିହ୍ନଟ କରି ହତ୍ୟା କଲେ, ତାହା ସାରା ବିଶ୍ୱ ପାଇଁ ଏକ ବଡ଼ ପ୍ରଶ୍ନ ହୋଇଛି।

## ଆକ୍ରମଣ ପାଇଁ ଟ୍ରମ୍ପଙ୍କୁ ଉସୁକାଇଥିଲେ ସାଉଦି ରାଜକୁମାର

ୱାଶିଂଟନ,୧।୩(ଏଜେନ୍ସି): ଇରାନ ଉପରେ ଆକ୍ରମଣ ପାଇଁ ସାଉଦି ରାଜକୁମାର ମହମ୍ମଦ ବିନ ସଲମାନ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଉସୁକାଇଥିଲେ ବୋଲି ଖବର ମିଳିଛି। ଏଥିପାଇଁ ସେ ଗତ ମାସ ଅନେକ ଥର ଗୋପନୀୟ ଭାବେ ଟ୍ରମ୍ପଙ୍କ ସହ କଥା ହୋଇଥିଲେ। ମାତ୍ର ଉପର ଠାଉରିଆ ଭାବେ ନିଜ ବାୟୁସୀମାକୁ କାହା ଉପରେ ଆକ୍ରମଣ ପାଇଁ ଅନୁମତି ଦେବୁ ନାହିଁ ବୋଲି କହିଥିଲେ। ଇରାନକୁ ବଡ଼ ବିପଦ ଭାବେ ଦର୍ଶାଇ ଟ୍ରମ୍ପଙ୍କୁ ଆକ୍ରମଣ ପାଇଁ ରାଜି କରାଇଥିଲେ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ମଧ୍ୟ ଆକ୍ରମଣ ପାଇଁ ଚାପ ପକାଇଥିଲେ। ଏହାପରେ ଟ୍ରମ୍ପ ଆକ୍ରମଣ ପାଇଁ ପ୍ରସ୍ତୁତି କରିବାକୁ କହିଥିଲେ। ଇରାନ ଆଗାମୀ ଏକ ଦଶନ୍ଧି ମଧ୍ୟରେ ଆମେରିକା ମେନ ଲ୍ୟାଣ୍ଡ ପ୍ରତି ବିପଦ ସୃଷ୍ଟି କରିପାରିବ ନାହିଁ ବୋଲି ଗୁଇନ୍ଦା ରିପୋର୍ଟରୁ ଜଣା ପଡ଼ିଥିଲା। ଏହା ସତ୍ତ୍ୱେ ଇରାନରେ ହୋଇଥିବା ଆକ୍ରମଣ ଅନ୍ୟ ଇଙ୍ଗିତରେ କରାଯାଇଥିବା ସ୍ପଷ୍ଟ ହେଉଛି।

### ଇସଲାମିକ ବିଶ୍ୱରେ ଇରାନ ଏକଘରିକିଆ

ଏଭଳି ସ୍ଥିତିରେ ମଧ୍ୟପ୍ରାଚ୍ୟର ୧୬ ମୁସଲିମ ଦେଶ ଇରାନକୁ କାହିଁକି ସୁରକ୍ଷା ଦେଲେନି ବୋଲି ପ୍ରଶ୍ନ ଉଠୁଛି। ଅନେକ ଦେଶ



ସହ ଭଲ ସମ୍ପର୍କ ଥିବା ସତ୍ତ୍ୱେ ଇରାନ ଏକ ଘରିକିଆ ହୋଇଯାଇଛି। ଏହା ପଛରେ ଅନେକ କାରଣ ରହିଛି। ସେଗୁଡିକ ମଧ୍ୟରେ ଆତଙ୍କବାଦୀ ଗୋଷ୍ଠୀକୁ ଇରାନର ସହାୟତା, ସିଆ-ସୁନି ବିବାଦ, ଭୂରାଜନୈତିକ ସ୍ଥିତି ଆଦି ପ୍ରମୁଖରେ ରହିଛି। ହିଜବୁଲ୍ଲାହ, ହମାସ ଏବଂ ହୁତି ବିଦ୍ରୋହୀ ଭଳି ଆତଙ୍କବାଦୀ ସଂଗଠନ ସହାୟତାରେ ଇରାନ ଅନେକ ଦେଶରେ ଅସ୍ଥିରତା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଏଥିପାଇଁ ମୁସଲିମ ଦେଶଗୁଡ଼ିକ ଇରାନକୁ ଦୋଷ ଦେଉଛନ୍ତି। ତେଣୁ ସାଉଦି, ୟୁଏଇ, ଜୋର୍ଡାନ ଆଦି ଦେଶ ସହାୟତା ଦେବାକୁ ମନା କରିଦେଇଛନ୍ତି। ସେହିପରି ସାଉଦି ଏବଂ ତୁର୍କୀ ସୁନି ମୁସଲିମ ଦେଶ ହୋଇଥିବାବେଳେ ଇରାନ ନିଜକୁ ସିଆଙ୍କ ଖଲିଫା କହୁଛି। ମାତ୍ର ଇରାକ, ସିରିଆ, ଲେବନାନ, ଜୋର୍ଡାନ, ପାଲେଷ୍ଟାଇନ, କୁଏତ, କାତାର, ଅଜରବୈଜାନ, ବାହାରିନ, ୟୁଏଇ, ଓମାନ, ୟେମେନ, ଇଜିପ୍ଟ ଏବଂ ଲିବିଆ ଆଦି ଦେଶ ମଧ୍ୟ ରହିଛନ୍ତି। କିନ୍ତୁ ଅଧିକାଂଶ ଦେଶରେ ଉଭୟ ସିଆ ଏବଂ ସୁନି ରହିଛନ୍ତି। ଏହି ଦେଶ ଯୁଦ୍ଧକୁ ବିରୋଧ କରୁଥିଲେ ବି ଖୋଲାଖୋଲି ଭାବେ ଇରାନକୁ ସମର୍ଥନ ଦେଇପାରୁ ନାହାନ୍ତି।

## ଦ୍ୱନ୍ଦ୍ୱରେ ପାକିସ୍ତାନ: ସାଉଦିକୁ ସମର୍ଥନ, ଖାମନେଇଙ୍କ ହତ୍ୟାକୁ ନିନ୍ଦା

ଇସଲାମାବାଦ,୧।୩(ଏଜେନ୍ସି):ଯୁଦ୍ଧକୁ ନେଇ ପାକିସ୍ତାନ ଅକଳରେ ପଡ଼ିଛି। ଏହି ଦେଶ ଇରାନ ସପକ୍ଷରେ ଥିବା ଦେଖାଇବାକୁ ପ୍ରୟାସ କରିଛି। ଆମେରିକା ଏବଂ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରି ବୟାନ ଜାରି କରିଛି।। ଜବାବୀ କାର୍ଯ୍ୟାନୁଷ୍ଠାନ ନେବା ଇରାନର ଅଧିକାର ବୋଲି କୁହାଯାଇଛି।। ପାକିସ୍ତାନ କହିଛି ଯେ ଖାମନେଇଙ୍କୁ ହତ୍ୟା କରି ଆମେରିକା ଏବଂ ଇସ୍ରାଏଲ ଆନ୍ତର୍ଜାତିକ ଆଇନର ଉଲ୍ଲଂଘନ କରିଛନ୍ତି। ଖାମନେଇଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ସହବାଜ ସରିଫ ଶୋକ ପ୍ରକାଶ କରିଛନ୍ତି। ବିବୃତି ଜାରି କରି ସେମାନଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ମାତ୍ର ସହାୟତାରୁ ପାକିସ୍ତାନ ଦୂରେଇ ରହିଛି। ଅନ୍ୟ ପଟେ ସାଉଦି ଆରବରେ ଇରାନ କରିଥିବା ଆକ୍ରମଣକୁ ବି ଇସଲାମାବାଦ ନିନ୍ଦା କରିଛି। ଅନ୍ୟପଟେ ମୁସଲିମ ଦେଶ ନ ହୋଇ ବି ଚୀନ୍ ଇରାନକୁ ସମର୍ଥନ ଦେଇଛି। ଆକ୍ରମଣକୁ ନେଇ ବେଜିଂ ଚିନ୍ତା ପ୍ରକଟ କରିଛି। ତୁରନ୍ତ ଅସ୍ତ୍ରବିରତି ପାଇଁ ନିବେଦନ କରିଛି। ସବୁ ପକ୍ଷ ଆଲୋଚନା ଆରମ୍ଭ କରନ୍ତୁ ବୋଲି ବାର୍ତ୍ତା ଦେଇଛି। ଅର୍ଥାତ୍ ଇରାନକୁ ଚୀନ୍ ସମ୍ପୂର୍ଣ୍ଣ ସମର୍ଥନ ଦେଇନାହିଁ।

## ଇରାନରେ ବି ବିଫଳ ହେଲା ଚୀନ୍‌ର ଏୟାର ଡିଫେନ୍ସ ସିଷ୍ଟମ

ତେହେରାନ,୧।୩(ଏଜେନ୍ସି): ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନର ସହରଗୁଡ଼ିକ ଛାରଖାର ହେବା ପରେ, ଇରାନର ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଏୟାର ଡଫେନ୍ସ ସିଷ୍ଟମ)ର କ୍ଷମତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷ କରି ଚୀନ୍‌ଠାରୁ କିଣାଯାଇଥିବା ଏଚ୍‌କ୍ୟୁ-୯ବି ସିଷ୍ଟମ ଶତ୍ରୁ ପକ୍ଷର ମିସାଇଲ ରୋକିବାରେ ବିଫଳ ହୋଇଥିବା ସ୍ପଷ୍ଟ ହୋଇଛି। ଇରାନ ନିଜର ତୈଳ ବଦଳରେ ଚୀନଠାରୁ ଏହି ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଣାଳୀ କ୍ରୟ କରିଥିଲା। ପୂର୍ବରୁ ପାକିସ୍ତାନରେ ମଧ୍ୟ ଭାରତର 'ଅପରେସନ ସିନ୍ଦୂର' ସମୟରେ ଏହି ସିଷ୍ଟମ ଫେଲ୍ ମାରିଥିଲା। ବର୍ତ୍ତମାନ ଇରାନରେ ଏହାର ଖରାପ ପ୍ରଦର୍ଶନ ଚୀନର ପ୍ରତିରକ୍ଷା ଟେକ୍ନୋଲୋଜି ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଏଚ୍‌କ୍ୟୁ-୯ବି ହେଉଛି ଚୀନର ଏକ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବାୟୁ ପ୍ରତିରକ୍ଷା ପ୍ରଣାଳୀ। ଏହାର ଲକ୍ଷ୍ୟଭେଦ କ୍ଷମତା ୧୬୦ କିମି ଏବଂ ୫୦ କିମି ଉଚ୍ଚତାରେ ଶତ୍ରୁପକ୍ଷର ବିମାନ ଓ ମିସାଇଲ୍‌କୁ ଖସାଇ ଖସାଇ ଦେଇପାରେ ବୋଲି ଦାବି କରାଯାଏ। ଏହା ଏକାସାଙ୍ଗରେ ୧୦୦ଟି ଲକ୍ଷ୍ୟକୁ ଟ୍ରାକ କରିପାରିବ। ଇରାନ ନିଜର ପରମାଣୁ କେନ୍ଦ୍ର ଓ ତେହେରାନ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଚ୍‌କ୍ୟୁ-୯ବି ମୁତୟନ କରିଥିଲା। ଏହା ସହିତ ରୁଷର ଏସ୍-୩୦୦ ଓ ସ୍ୱାଦେଶୀ ବାଭର-୩୭୩ ମଧ୍ୟ ଥିଲା। କିନ୍ତୁ କେହି ବି ଆମେରିକା- ଇସ୍ରାଏଲର ଶକ୍ତିଶାଳୀ ଆକ୍ରମଣକୁ ରୋକି ପାରିଲେ ନାହିଁ। ଇରାନର ୩୧ଟିରୁ ୨୦ଟିରୁ ଅଧିକ ରାଜ୍ୟ ଆକ୍ରମଣ ଦ୍ୱାରା ପ୍ରଭାବିତ ହୋଇଛି।

**ବ୍ୟବସାୟୀ ରାହୁଲ ହତ୍ୟାକାଣ୍ଡ**

# ସାଙ୍ଗଙ୍କୁ ବଞ୍ଚାଇବାକୁ ଯାଇ ଜୀବନ ଗଲା

ଭୁବନେଶ୍ୱର, ୧।୩ (ସମିସ): ବ୍ୟବସାୟୀ ରାହୁଲ ମହାରଣା ହତ୍ୟାକାଣ୍ଡ ଉପରୁ ପରଦା ହଟିଛି। ମାତ୍ର ୧୨ଘଣ୍ଟା ମଧ୍ୟରେ ପୁଲିସ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିବା ସହ ଅଭିଯୁକ୍ତ ଦାଦା ଓ ୨ ପୁତୁରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି, କଟକ ଜିଲ୍ଲା କାନପୁର ଥାନା ମାନପୁରର ସମରେନ୍ଦ୍ର ବେହେରା ଓରଫ୍ ମୁନା(୨୦), ତା'ର ବଡ଼ଭାଇ ସଂଗ୍ରାମ ବେହେରା ଓରଫ୍ କୁନା (୨୪) ଓ ସେମାନଙ୍କ ଦାଦା ସଂଗ୍ରାମ କେଶରୀ ବେହେରା ଓରଫ୍ ଶତ୍ରୁରା (୩୭)। ସଂଗ୍ରାମ ୧୨୦ ବାଟାଲିୟନରେ ଯବାନ ହୋଇଥିବା ବେଳେ ଜମ୍ମୁ କାଶ୍ମୀରରେ କାର୍ଯ୍ୟରତ ଥିଲେ। ସେମାନଙ୍କଠାରୁ ଦୁଇଟି ବାଇକ୍ ଓ ଛୁରି ଜବତ ହୋଇଛି। ସାମାନ୍ୟ ବଚସାରୁ ଏଭଳି ଜଘନ୍ୟ କାଣ୍ଡ ଘଟିଛି। ବନ୍ଧୁ ଶିବଙ୍କୁ ବଞ୍ଚାଇବାକୁ ଯାଇ ରାହୁଲ ପ୍ରାଣ ହରାଇଛନ୍ତି ବୋଲି ଜଣାଯାଇଛି।



- ଦାଦା, ୨ ପୁତୁରା ମିଶି ମାରିଦେଲେ
- ଯବାନଙ୍କ ସମେତ ୩ ଗିରଫ
- ଦୁଇଟି ବାଇକ୍ ଓ ଛୁରି ଜବତ
- ଅଭିଯୁକ୍ତଙ୍କ ହେବ ଟିଆଇ ପରେଡ୍
- ଚକ୍ଷୁଦାନ କଲେ ମୃତକଙ୍କ ପରିବାର

ପୁଲିସ ସୂଚନା ମୁତାବକ, ଯବାନ ସଂଗ୍ରାମଙ୍କ ପରିବାର ଓ ବଡ଼ ପୁତୁରା କୁନା ଜିଜିପି କଲୋନୀରେ ଭଡ଼ାରେ ରହୁଛନ୍ତି। ସଂଗ୍ରାମ ଛୁଟିରେ ଆସିଥିବାରୁ ସାନ ପୁତୁରା ମୁନା ମଧ୍ୟ ଭୁବନେଶ୍ୱର ଆସିଥିଲା। ଗତକାଲି ସନ୍ଧ୍ୟାରେ ପାଣ୍ଡରା ଅଞ୍ଚଳର ରାହୁଲ, ଶିବ, ସଚିନ ଓ ବବୁଲ ଜିଜିପି କଲୋନୀସ୍ଥିତ ସ୍କୁଲ୍ ପଡ଼ିଆରେ ବସିଥିଲେ। ସେଇ ପାଖରେ ସଂଗ୍ରାମ ଓ ତାଙ୍କ ଦୁଇ ପୁତୁରା କୁନା ଓ ମୁନା ମଧ୍ୟ ବସିଥିଲେ। ଫୋନ୍ ଆସିବାରୁ ରାହୁଲଙ୍କ ସାଙ୍ଗ ଶିବ କଥା ହୋଇ ହୋଇ ସଂଗ୍ରାମଙ୍କ ଆଡ଼କୁ ପଳାଇଥିଲେ। ଶିବ ଫୋନ ଯୋଗେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କଥାବାର୍ତ୍ତା ହେଉଥିବାରୁ ସଂଗ୍ରାମ ଏହାକୁ ବିରୋଧ କରିଥିଲେ। ଫଳରେ ଶିବ ଓ ସଂଗ୍ରାମଙ୍କ ମଧ୍ୟରେ ବଚସା ହୋଇଥିଲା। ସଂଗ୍ରାମ, ମୁନା ଓ କୁନା ମିଶି ଶିବଙ୍କୁ ଗୋଇଠା ଓ ମୁଥ ମାରିଥିଲେ। ରାହୁଲ ପାଟିତୁଣ୍ଡ ଶୁଣି ନିଜ ସାଙ୍ଗ ଶିବଙ୍କୁ ବଞ୍ଚାଇବାକୁ ଯାଇଥିଲେ। ସଂଗ୍ରାମ ଓ କୁନା ମିଶି ରାହୁଲଙ୍କୁ ଧରି ପକାଇଥିବା ବେଳେ ମୁନା ପାଖରେ ରଖିଥିବା ଛୁରିରେ ତାଙ୍କୁ ଆକ୍ରମଣ କରିଥିଲା। ରାହୁଲ କାକୁତିମିନତି ହେଉଥିବା ବେଳେ ମୁନା ତାଙ୍କ ଛାତି, ବେକ ଓ ହାତକୁ ଛୁରି ଭୁସି ଚାଲିଥିଲା। ରାହୁଲ ପଡ଼ିଯିବା ପରେ ଅଭିଯୁକ୍ତମାନେ ଛାଡ଼ି ପଳାଇଥିଲେ। ସେପଟେ, ରାହୁଲଙ୍କ ସାଙ୍ଗ ତାଙ୍କୁ ଉଦ୍ଧାର କରି ଗୋଟିଏ ପରେ ଗୋଟିଏ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରୁ କ୍ୟାପିଟାଲ ହସ୍ପିଟାଲକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେପଟେ ଖବର ପାଇ ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସ୍କୁଲ୍ ପ୍ରବେଶ ପଥରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ୩ ଅଭିଯୁକ୍ତ ବ୍ୟବହାର କରିଥିବା ଦୁଇଟି ଗାଡ଼ିକୁ ଚିହ୍ନଟ କରିଥିଲା। ଗାଡ଼ିରୁ ନମ୍ବରରୁ ମିଳିଥିବା ଠିକଣା କଟକ କାନପୁରର ହୋଇଥିବାରୁ ଅଭିଯୁକ୍ତଙ୍କୁ ତୁରନ୍ତ ଧରିବା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ହେଲେ ସେଥିରୁ ମିଳିଥିବା ମୋବାଇଲ ନମ୍ବରର ଲୋକେସନ୍ ସ୍ଥାନୀୟ ଅଞ୍ଚଳରେ ଦେଖାଇଥିଲା। ପୁଲିସ ଭଡ଼ା ଘରେ ଚଢ଼ଉ କରି ସଂଗ୍ରାମ, ମୁନା ଓ କୁନାକୁ ଗିରଫ କରିଥିଲା। ରାହୁଲଙ୍କ ସାଙ୍ଗ ସଚିନ କୁମାର ନାୟକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହ ସହ ୩ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କ୍ୟାପିଟାଲ ହସପିଟାଲରେ ମୃତଦେହ ବ୍ୟବଚ୍ଛେଦ କରି ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ହତ୍ୟା ଭଳି ସମ୍ବେଦନଶୀଳ ମାମଲା ହୋଇଥିବାରୁ ଘଟଣାକୁ ପୁଲିସ ଗୁରୁତ୍ୱ ଦେବା ସହ ପ୍ରମାଣ ସଂଗ୍ରହ କରୁଛି। ଏଥିଲାଗି ଅଭିଯୁକ୍ତମାନଙ୍କ ଟିଆଇ ପରେଡ୍ କରାଯିବ ବୋଲି ପୁଲିସ କହିଛି।

**ସାଇବର ଅପରାଧୀଙ୍କ ପାଇଁ କାଳ ସାଜିଛି 'ସାଇବର କବଚ'**

# ୨୮୧ ଗିରଫ, ୨୨ ହଜାରରୁ ଊର୍ଦ୍ଧ୍ୱ ଆକାଉଣ୍ଟ ଯାଞ୍ଚ

କଟକ, ୧।୩ (ସମିସ): ରାଜ୍ୟରେ ସାଇବର ଠକେଇ ଉପରେ ରୋକ୍ ଲଗାଇବା ପାଇଁ ଓଡ଼ିଶା ପୁଲିସ ଏକ ଶକ୍ତିଶାଳୀ ରଣନୀତି ପ୍ରସ୍ତୁତ କରିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୂର ଖୁରାନିଆଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଆରମ୍ଭ ହୋଇଥିବା 'ଅପରେସନ୍ ସାଇବର୍ କବଚ' ମାଧ୍ୟମରେ ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ ବା ବେନାମୀ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଟାର୍ଗେଟ୍ କରାଯାଇଛି। ସମଗ୍ର ରାଜ୍ୟରେ ଏ ପର୍ଯ୍ୟନ୍ତ ମୋଟ

- ଡିଜିପିଙ୍କ ନିର୍ଦ୍ଦେଶରେ ରାଜ୍ୟବ୍ୟାପୀ ପୁଲିସର ବଡ଼ ଆକ୍ସନ
- ଠାବ ହେଲା ୭୦୦ରୁ ଅଧିକ ବେନାମୀ ବ୍ୟାଙ୍କ ଆକାଉଣ୍ଟ

୨୨,୪୫୫ଟି ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ଏହି ପ୍ରକ୍ରିୟାରେ ୨୮୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ମ୍ୟୁଲ୍ ଆକାଉଣ୍ଟ ସମ୍ପର୍କିତ ୭୬୦ଟି ମାମଲା ସମେତ ଏଟିଏମ୍ ଓ ଚେକ୍ ଜରିଆରେ ଟଙ୍କା ଉଠାଣ ଏବଂ ନକଲି ସିମ୍ କାରବାର ସହ ଜଡ଼ିତ ଏକାଧିକ ନୂଆ ମାମଲା ରୁଜୁ ହୋଇଛି। ଏହି ଅଭିଯାନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପୁଲିସ ବେଶ୍ ସକ୍ରିୟ ଭୂମିକା ଗ୍ରହଣ କରିଛି। ରାଉରକେଲା ଜିଲ୍ଲା ପୁଲିସ୍ ସର୍ବାଧିକ ୩୭ଟି ମାମଲା ରୁଜୁ କରିଥିବା ବେଳେ ଢେଙ୍କାନାଳରେ ୧୨୫ଟି, ବାଲେଶ୍ୱରରେ ୧୧୪ଟି ଏବଂ ବରଗଡ଼ରେ ୧୦୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇଛି। ସେହିପରି, ଗଞ୍ଜାମ ପୁଲିସ ୪ଜଣଙ୍କୁ ଗିରଫ କରିଥିବା ବେଳେ ନୟାଗଡ଼ ପୁଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। କଟକ, ଯାଜପୁର, ପୁରୀ, ଝାରସୁଗୁଡ଼ା, ସମ୍ବଲପୁର ଓ କେନ୍ଦୁଝର ପରି ଜିଲ୍ଲାଗୁଡ଼ିକରେ ମଧ୍ୟ ବେନାମୀ ଆକାଉଣ୍ଟ ଯାଞ୍ଚ ସହ ସନ୍ଦିଗ୍ଧଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ମୋଟାମୋଟି ଭାବେ ରାଜ୍ୟର ୫,୦୯୨ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ପୁଲିସ ପକ୍ଷରୁ ନୋଟିସ୍ ପଠାଯାଇ ଘଟଣାର ତଦନ୍ତ ଜାରି ରହିଛି।

ସାଇବର ଅପରାଧମୁକ୍ତ ଓଡ଼ିଶା ଗଠନ ପାଇଁ ରାଜ୍ୟ ପୁଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି। ବିଶେଷକରି ଲୋକମାନଙ୍କୁ ପ୍ରଲୋଭିତ କରି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଠକେଇ ଟଙ୍କା କାରବାରରେ ବ୍ୟବହାର କରୁଥିବା ମ୍ୟୁଲ୍ ଆକାଉଣ୍ଟ ହୋଲ୍ଡରଙ୍କ ଉପରେ ନଜର ରଖାଯାଇଛି। ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି କଡ଼ାକଡ଼ି କରାଯିବ ଏବଂ କୌଣସି ବି ପରିସ୍ଥିତିରେ ଅପରାଧୀଙ୍କୁ ଛଡ଼ାଯିବ ନାହିଁ। ରାଜ୍ୟବାସୀଙ୍କୁ ନିଜର ବ୍ୟାଙ୍କ ସୂଚନା ଗୋପନ ରଖିବାକୁ ଏବଂ ସାଇବର ଠକେଇର ଶିକାର ହେଲେ ତୁରନ୍ତ ୧୯୩୦ ନମ୍ବରରେ ଜଣାଇବାକୁ ପୁଲିସ ପରାମର୍ଶ ଦେଇଛି।

# ୩୬ ଡିଗ୍ରୀ ଉପରେ ୩ ସହର ତାପମାତ୍ରା

ଭୁବନେଶ୍ୱର, ୧।୩(ସମିସ): ରାଜ୍ୟରେ ତାପମାତ୍ରା ବୃଦ୍ଧି ଆରମ୍ଭ ହୋଇଛି। କ୍ରମାଗତ ଭାବେ କିଛି କିଛି ସ୍ଥାନରେ ତାପମାତ୍ରା ବଢ଼ିବାରେ ଲାଗିଛି। ରବିବାର ରାଜ୍ୟର ୩ଟି ସ୍ଥାନରେ ତାପମାତ୍ରା ୩୬ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ଏକାଧିକ ସ୍ଥାନରେ ତାପମାତ୍ରା ୩୫ଡିଗ୍ରୀ ଉପରେ ରହିଛି। ୩୬.୪ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ଭୁବନେଶ୍ୱର ଓ ସୋନପୁରରେ ୩୬.୨ଡିଗ୍ରୀ ରେକର୍ଡ ହୋଇଛି। ଚଳିତ ବର୍ଷ ମାର୍ଚ୍ଚ-ମେ' ପର୍ଯ୍ୟନ୍ତ ପ୍ରବଳ ତାତି ଅନୁଭୂତ ହେବାକୁ ଥିବା ବେଳେ ପ୍ରାୟ ଅଗଷ୍ଟ ପର୍ଯ୍ୟନ୍ତ ତାମପାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବା ନେଇ ଆଶଙ୍କା କରାଯାଇଛି। ଏଥିପାଇଁ ମାର୍ଚ୍ଚ ଆରମ୍ଭରୁ ତାତି ବୃଦ୍ଧି ପାଇବାରେ ଲାଗିଛି।

ଏହି କ୍ରମରେ ଆଗକୁ ପ୍ରବଳ ଖରାତାତି ଓ ଗରମ ଆରମ୍ଭ ହେବା ସହ ମାର୍ଚ୍ଚ ପ୍ରଥମ ସପ୍ତାହର ଶେଷ ଆଡ଼କୁ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବା ନେଇ ଆକଳନ କରାଯାଉଛି। ବିଶେଷକରି, ଝାରସୁଗୁଡ଼ା, ସୋନପୁର, ଟିଟଲାଗଡ଼ ଓ ଭୁବନେଶ୍ୱର ଭଳି ସହରରେ ତାପମାତ୍ରା ଅଧିକ ରହିବା ନେଇ ଆକଳନ କରାଯାଉଛି। ପଶ୍ଚିମ ଏବଂ ଉତ୍ତର ଓଡ଼ିଶାରେ ପ୍ରବଳ ଗରମ ହେବା ସହ ଉପକୂଳ ଓଡ଼ିଶାରେ ଗୁଳୁଗୁଳିର ପ୍ରଭାବ ଅଧିକ ରହିବା ନେଇ ପୂର୍ବାନୁମାନ କରାଯାଇଛି। ଶନିବାର ସାରା ଦେଶ ପାଇଁ ଗ୍ରୀଷ୍ମକାଳୀନ ଆକଳନ ରିପୋର୍ଟ ଆଇଏମଡି ଜାରି କରିଛି। ଏହି ଆକଳନ ଅନୁସାରେ ମାର୍ଚ୍ଚରୁ ମେ' ମାସ ଯାଏ ସ୍ୱାଭାବିକଠାରୁ ଅଧିକ ତାତି ରହିବ। ଫଳରେ, ଓଡ଼ିଶା ଭଳି ରାଜ୍ୟରେ ଗ୍ରୀଷ୍ମ ଲହରୀ (ହିଟ୍‌ୱେଭ୍) ସ୍ଥିତି ଉତ୍ପନ୍ନ ହେବା ନେଇ ପୂର୍ବାନୁମାନ କରାଯାଇଛି।

**ଲୋଧଣୀ ଗ୍ରାମରେ ସଶସ୍ତ୍ର ଡକାୟତି**

# ମା', ଝିଅଙ୍କୁ ହାଣି ଲୁଟିଲେ

ପରଜଙ୍ଗ, ୧।୩(ସମିସ): ଘରେ ପଶି ମା'-ଝିଅଙ୍କୁ ହାଣି ଲୁଟିଲେ। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଲୋଧଣୀ ଗ୍ରାମରେ ଗତରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ଲୁଟେରାଙ୍କ ଦ୍ୱାରା ଆକ୍ରମଣର ଶିକାର ମା'-ଝିଅ ହେଲେ, ପ୍ରସନ୍ନ ସାହୁଙ୍କ ସ୍ତ୍ରୀ ମାଣିକ ଓ ତାଙ୍କ ଝିଅ ଈଶ୍ୱରୀ। ସେମାନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପରଜଙ୍ଗ ଓ ପରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଗତ ରାତିରେ ପ୍ରସନ୍ନଙ୍କ ପରିବାର ଲୋକେ ଖାଇ ପିଇ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଦୁଇ ଲୁଟେରା ତାଙ୍କ ଘରେ ପଶିଥିଲେ। ଏହି ସମୟରେ ପ୍ରସନ୍ନ ଉଠି ପଡ଼ିବାରୁ ଦୁର୍ବୃତ୍ତଦ୍ୱୟ ତାଙ୍କୁ ଏକ



କୋଠରିରେ ପୂରାଇ ତାଲା ପକାଇ ଦେଇଥିଲେ। ପରେ ତାଙ୍କ ସ୍ତ୍ରୀ ମାଣିକ ଏବଂ ଝିଅ ଈଶ୍ୱରୀଙ୍କୁ ମାଡ଼ ମାରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ଘରେ ଥିବା ସମସ୍ତ ସୁନା ଅଳଙ୍କାର ଏବଂ ଟଙ୍କା ଧରି ଚମ୍ପଟ ମାରିଥିଲେ। ସେପଟେ, ଲୋଧଣୀ ଗ୍ରାମର ଲୁଲୁ ସାହୁଙ୍କ ଘରେ ପଶି ମଧ୍ୟ ଦୁର୍ବୃତ୍ତମାନେ ଲୁଟପାଟ୍ କରିଛନ୍ତି। ଲୁଲୁଙ୍କ ପରିବାରଲୋକେ ଘରେ ନ ଥିବା ବେଳେ ତାଙ୍କ ଭାଇଙ୍କ ପରିବାର ଲୋକଙ୍କୁ ଦୁର୍ବୃତ୍ତମାନେ

**ସଙ୍କଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତର**

ଘରେ ତାଲା ପକାଇ ଦେଇଥିଲେ। ପରେ ଘର କବାଟ ଓ ଆଲମାରୀ ଭାଙ୍ଗି ସବୁ କିଛି ଲୁଟି ନେଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ, ଏପର୍ଯ୍ୟନ୍ତ ଡକାୟତଙ୍କ ସମ୍ପର୍କରେ କୌଣସି ସୁରାକ ମିଳିନାହିଁ। ପରଜଙ୍ଗ ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି, ହତ୍ୟା ଆଦି ଅପରାଧ ବଢ଼ି ଚାଲିଛି।

# ୧୫ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧।୩ (ସମିସ): ମାଓବାଦୀଙ୍କ ଓଡ଼ିଶା ରାଜ୍ୟ କମିଟିର ସଦସ୍ୟ ସୁଦର୍ଶନଙ୍କ ସମେତ ୧୫ଜଣ ନକ୍ସଲ ଛତିଶଗଡ଼ ମହାସମୁନ୍ଦ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସମସ୍ତେ ମହାସମୁନ୍ଦର ସରାଇପାଲିର ବାଲୋଡ଼ା ଜଙ୍ଗଲରୁ ଆସିଥିଲେ। ୧୪ଜଣ ମାଓବାଦୀ ସ୍ୱୟଂଚାଳିତ ବନ୍ଧୁକ ଏବଂ ଘରୋଇ ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଥିଲେ। ନକ୍ସଲବାଦୀଙ୍କ ସହ ସ୍ଥାନୀୟ ସାମ୍ବାଦିକ ମଧ୍ୟସ୍ଥି ଭାବେ ରହି ସେମାନଙ୍କ ଆତ୍ମସମର୍ପଣ ପ୍ରକ୍ରିୟାକୁ ସଫଳ କରାଇଥିଲେ। ଏହି ମାଓବାଦୀମାନେ ଦୀର୍ଘ ଦିନ ଧରି ଆମୋ ସଂଗଠନରେ ରହି ଅନେକ ବଡ଼ବଡ଼ ହିଂସାକାଣ୍ଡରେ ସାମିଲ ଥିଲେ। ଆତ୍ମସମର୍ପଣ ନୀତି ଅନୁଯାୟୀ, ଏମାନଙ୍କୁ ୫୦ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ ସହ ଆଗାମୀ ଦିନରେ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତକୁ ବିରୋଧ

ଭୁବନେଶ୍ୱର,୧।୩(ସମିସ): ମହାନଦୀ ଜଳବିବାଦର ସମାଧାନ ନାମରେ ଟ୍ରିବ୍ୟୁନାଲର ସଦସ୍ୟମାନେ ପାରିବାରିକ ଗସ୍ତରେ ଓଡ଼ିଶା ଆସି ବିଳାସମୟ ପିକ୍‌ନିକ୍ କରୁଛନ୍ତି ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ଅଭିଯୋଗ କରିଛି। ସଂଗଠନ କହିଛି ଯେ ଏହି ଗସ୍ତରେ ଟ୍ରିବ୍ୟୁନାଲଙ୍କ ପରିବାର ସଦସ୍ୟ ଆସିଥିବା ବେଳେ ସେମାନେ ବିଭିନ୍ନ ସ୍ଥାନ ପରିଦର୍ଶନ କରୁଛନ୍ତି। ରବିବାର ମହାନଦୀ ବଞ୍ଚାଅ ଆନ୍ଦୋଳନର




- 'ମହାନଦୀ ବଞ୍ଚାଅ ଆନ୍ଦୋଳନ'ର ଜୋର୍‌ଦାର୍ ପ୍ରତିବାଦ
- ଆବଶ୍ୟକ ପାଣି ଛାଡ଼ିବାକୁ ଅନ୍ତରୀଣ ଆଦେଶ ଦାବି

ଆବହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ସଂଗଠନ ପକ୍ଷରୁ ଭୁବନେଶ୍ୱରସ୍ଥିତ ମେ' ଫେୟାର ହୋଟେଲ୍ ସାମନାରେ ପ୍ରତିବାଦ କରାଯିବା ସହ ମହାନଦୀ ପାଇଁ ଟ୍ରିବ୍ୟୁନାଲ ଏବଂ କେନ୍ଦ୍ର ସରକାରଙ୍କୁ ନିଦରୁ ଉଠାଇବା ପାଇଁ ରାଜ୍ୟର ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼େଇ ଜୋର୍‌ଦାର୍ ହେବ ବୋଲି କୁହାଯାଇଛି।

ସଂଗଠନ କହିଛି ଯେ ମହାନଦୀ ଟ୍ରିବ୍ୟୁନାଲ ମାର୍ଚ୍ଚ ୨ ପର୍ଯ୍ୟନ୍ତ ୫ ଦିନ ଧରି ଓଡିଶା ଗସ୍ତରେ ଅଛନ୍ତି। ପୂର୍ବରୁ ୨୦୨୩ରେ ଟ୍ରିବ୍ୟୁନାଲଙ୍କ ଗସ୍ତରେ ଓଡିଶା ସରକାରଙ୍କର ୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ମହାନଦୀ ଟ୍ରିବ୍ୟୁନାଲଙ୍କ ଗସ୍ତ ପିକ୍‌ନିକ୍ ପାଇଁ ନୁହଁ; ପ୍ରଣୟର ମାଙ୍ଗଳିକ ବୋଲି ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ଉକ୍ତିକୁ ମଧ୍ୟ ମହାନଦୀ ବଞ୍ଚାଅ ଆନ୍ଦୋଳନ ନାପସନ୍ଦ କରିଛି। କାରଣ ଆସିଥିବା ଟ୍ରିବ୍ୟୁନାଲର ୧୦ଜଣ ସଦସ୍ୟଙ୍କ ଭିତରୁ ୪ଜଣ ସେମାନଙ୍କ ପରିବାର ଲୋକ ଏବଂ ସେମାନେ ବୁଲୁଥିବା ସ୍ଥାନ ଭିତରୁ ହୀରାକୁଦକୁ ଛାଡ଼ିଦେଲେ ଅନ୍ୟ ସ୍ଥାନଗୁଡିକର ମହାନଦୀ ସ୍ଥିତି ଆକଳନ ସହ କୌଣସି ସଂପର୍କ ନାହିଁ। ରାଜ୍ୟ ସରକାରଙ୍କ ବିଳାସପୂର୍ଣ୍ଣ ଅତିଥି ଭବନ ଥିବା ବେଳେ ଫାଇଭ ଷ୍ଟାର ହୋଟେଲରେ ଟ୍ରିବ୍ୟୁନାଲଙ୍କ ରହଣି କ'ଣ ପାଇଁ ବୋଲି ସଂଗଠନ ପ୍ରଶ୍ନ କରିଛି।

ଅନ୍ୟପଟରେ ଛତିଶଗଡ଼ ଆପୋଷ ସମାଧାନ ପାଇଁ ଓଡ଼ିଶାକୁ ସହଯୋଗ ଦେଉନାହିଁ। କାରଣ ଛତିଶଗଡ଼ ଏପର୍ଯ୍ୟନ୍ତ ଓଡିଶା ପରି କମିଟି ଗଠନ କରିନି। ତେଣୁ ଟ୍ରିବ୍ୟୁନାଲ ମଧ୍ୟବର୍ତ୍ତୀକାଳୀନ ଅନ୍ତରୀଣ ଆଦେଶରେ ଅଣ-ମୌସୁମୀ ସମୟରେ ମହାନଦୀର ନିତାନ୍ତ ଆବଶ୍ୟକ ପାଣି ଛାଡିବାକୁ ଛତିଶଗଡ଼କୁ ନିର୍ଦ୍ଦେଶ ଦେବାକୁ ସଂଗଠନ ଆଜି ପ୍ରତିବାଦରେ ଦାବି କରିଛି। କଲମା ବ୍ୟାରେଜରେ ନଦୀର ତଣ୍ଟି ଚିପି ପାଣି ସମ୍ପୂର୍ଣ୍ଣ ବନ୍ଦ କରିବାରୁ ନିବୃତ ରହିବାକୁ ଛତିଶଗଡ଼କୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବାହକ ସୁଦର୍ଶନ ଦାସ କହିଛନ୍ତି। ଟ୍ରିବ୍ୟୁନାଲ ଗସ୍ତରେ ପାଣି ଅଭାବରୁ ପ୍ରଭାବିତ ଅଂଚଳ ନ ଯାଇ ହୀରାକୁଦ ଡ୍ୟାମ୍, ଡେବ୍ରିଗଡ଼ ଜଙ୍ଗଲ, ସମଲେଇ, ପୁରୀ ଜଗନ୍ନାଥ, ଲିଙ୍ଗରାଜ, ରାମଚଣ୍ଡୀରେ ବୋଟିଂ, କୋଣାର୍କ ଓ ଚିଲିକା ସି' ମାଉଥ୍ ବୁଲିବା ସହ ବୋଟିଂର କାର୍ଯ୍ୟକ୍ରମ ରହିଛି। ଏହା ପିକ୍‌ନିକ୍, ଏସ୍କର୍ସନ ବା ବିଳାସମୟ ଭ୍ରମଣ ନୁହେଁ ତ ଆଉ କ'ଣ ବୋଲି ସଂଗଠନ ପ୍ରଶ୍ନ କରିଛି। ମେଫେୟାରଠାରେ ଆଜିର ପ୍ରତିବାଦରେ ସଂଗଠନର ସହ ଆବାହକ ବାସୁଦେବ ଭଟ୍ଟ, ମୁଖପାତ୍ର ପ୍ରସନ୍ନ ବିଶୋଇ, ଫରୱାର୍ଡ ବ୍ଲକ ନେତା ଜ୍ୟୋତି ମହାପତ୍ର, ଏନ୍‌ଏଚ୍‌ଆରସି କୋର୍ ମେମ୍ବର ମନୋଜ ଜେନା ପ୍ରମୁଖ ସାମିଲ ହୋଇଛନ୍ତି।

# ୫,୩୭୦ ବିଦ୍ୟାଳୟରେ ହେବ ଏଆଇ ଶ୍ରେଣୀଗୃହ

**ନିଅଣ୍ଟିଆ ଭିତ୍ତିଭୂମି ମଧ୍ୟରେ ଏପରି ଯୋଜନାକୁ ଅଭିଭାବକଙ୍କ ନାପସନ୍ଦ**

ଭୁବନେଶ୍ୱର, ୧।୩ (ସମିସ): ରାଜ୍ୟରେ ଶିକ୍ଷାଦାନ ପାଇଁ ପର୍ଯ୍ୟାପ୍ତ ଶିକ୍ଷକ ନାହାନ୍ତି। ହାଇସ୍କୁଲରେ ଲାଇବ୍ରେରୀ, ଲାବରାଟୋରୀ, ସ୍ମାର୍ଟ କ୍ଲାସରୁମ୍ ପରି ଅତ୍ୟାଧୁନିକ ବ୍ୟବସ୍ଥା ହୋଇଥିଲେ ମଧ୍ୟ ତହିଁରେ ତାଲା ଝୁଲିଲାଣି। ଏହାକୁ ବ୍ୟବସ୍ଥିତ କରିବା ପୂର୍ବରୁ କୃତ୍ରିମ ବୁଦ୍ଧିମତା (ଏଆଇ) ପରିଚାଳିତ ଭର୍ଚୁଆଲ୍ ଶ୍ରେଣୀଗୃହ ଯୋଡ଼ିବାକୁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଆଇସିଟି ଏବଂ ଡିଜିଟାଲ ପଦେକ୍ଷେପ ଅଧୀନରେ ରାଜ୍ୟର ୫,୩୭୦ ବିଦ୍ୟାଳୟରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ରୂପରେଖ ପ୍ରସ୍ତୁତ ହୋଇଛି। ଇତିମଧ୍ୟରେ ଓକାକ୍ ପକ୍ଷରୁ ଟେଣ୍ଡର୍ ମଧ୍ୟ ଶେଷ ହୋଇଛି। ମାତ୍ର ରାଜ୍ୟର ନିଅଣ୍ଟିଆ ଭିତ୍ତିଭୂମି ମଧ୍ୟରେ ଶତାଧିକ କୋଟି ଟଙ୍କା ଖର୍ଚ୍ଚ କରି ଡିଜିଟାଲ ଓ ଏଆଇ ପରିଚାଳିତ ଭର୍ଚୁଆଲ ଶ୍ରେଣୀଗୃହ କିପରି ସଫଳ ହେବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

ଏହି ପ୍ରକଳ୍ପ ଅଧୀନରେ ୪ଟି ମୁଖ୍ୟ ଷ୍ଟୁଡିଓ ସହ ୮ଟି ଜୋନାଲ ସ୍ତରୀୟ ଷ୍ଟୁଡିଓ ରହିବ। ଫାଇବର୍ ଓ ସାଟେଲାଇଟ୍ ଇଣ୍ଟରନେଟ୍ ସଂଯୋଗ ମାଧ୍ୟମରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯିବ। ଓଡ଼ିଆ ସମେତ ଇଂରାଜୀ ଭାଷାରେ ଡିଜିଟାଲ କଣ୍ଟେଣ୍ଟ, ଶିକ୍ଷକଙ୍କ ଦକ୍ଷତା ବିକାଶ, ଏଆଇ ଆଧାରିତ ଭର୍ଚୁଆଲ ଶ୍ରେଣୀଗୃହ, ଇଣ୍ଟରାକ୍ଟିଭ୍ ଫ୍ଲାଟ୍ ପ୍ୟାନେଲ୍, ଡିଜିଟାଲ୍ ମୂଲ୍ୟାୟନ ଡିଭାଇସ୍, ଛାତ୍ର ଆପ୍, କାର୍ଯ୍ୟଦକ୍ଷତା ଆନାଲିଟିକ୍ସ ଡ୍ୟାସବୋର୍ଡ ପରି ବିଭିନ୍ନ ପ୍ରକାର ଭିତ୍ତିଭୂମି ରହିବ। ଯେଉଁ ସଂସ୍ଥା ଏହାର ଦାୟିତ୍ୱ ନେବ, ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ଆସନ୍ତା ୫ବର୍ଷ ପାଇଁ ନେବ ବୋଲି ଟେଣ୍ଡର୍‌ରେ କୁହାଯାଇଛି। ଗ୍ରାମାଞ୍ଚଳ ବିଦ୍ୟାଳୟଗୁଡ଼ିକରେ ଏନେଇ ଆବଶ୍ୟକ ଭିତ୍ତିଭୂମି ସହ ଇଣ୍ଟରନେଟ୍ ଉପଲବ୍ଧ କରାଯିବ। ବ୍ରଡ୍‌କାଷ୍ଟିଂ ଷ୍ଟୁଡିଓ, ଏଆଇ ପରିଚାଳନା ଭର୍ଚୁଆଲ କ୍ଲାସରୁମ୍ ସହ ଡିଜିଟାଲ ମୂଲ୍ୟାୟନ, ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଓଡ଼ିଆ ଓ ଇଂରାଜୀ ମାଧ୍ୟମରେ ଡିଜିଟାଏ କଣ୍ଟେଣ୍ଟ ଆଦି ପ୍ରସ୍ତୁକ କରିବାକୁ ଗଣଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି।

ସରକାରଙ୍କ ଏହି ପଦକ୍ଷେପ ସମ୍ପର୍କରେ ଉତ୍କଳ ଅଭିଭାବକ ସଂଘ ସଭାପତି କୃଷ୍ଣଚନ୍ଦ୍ର ପତି କହିଛନ୍ତି ଯେ ରାଜ୍ୟର ନିଅଣ୍ଟିଆ ଶୈକ୍ଷିକ ଭିତ୍ତିଭୂମି ମଧ୍ୟରେ ହଜାରେରୁ ଅଧିକ କୋଟି ଟଙ୍କା ବିନିଯୋଗ କରି ଏଆଇ ଆଧାରିତ ଶିକ୍ଷା ଯୋଜନା ଆଶ୍ଚର୍ଯ୍ୟ କରୁଛି। ରାଜ୍ୟରେ ନୂତନ ସରକାର ଆସିବା ପରେ ବର୍ଷେ ହେଲା ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ କେବଳ ଘୋଷଣାରେ ଚାଲିଛି। କେଉଁଠି ମଧ୍ୟ ଭିତ୍ତିଭୂମି ବିକଶିତ ହୋଇପାରୁନି। ଏହା ସତ୍ତ୍ୱେ ଏହି ଯୋଜନା ଏକ ବାହାସ୍ଫୋଟ ବୋଲି କହିବା ସହ କୌଣସି ଏକ କମ୍ପାନିଙ୍କୁ ଅହେତୁକ ଅନୁକମ୍ପା ଦେଖାଇବାକୁ ଏହି ପ୍ରକଳ୍ପ ନକ୍ସା ପ୍ରସ୍ତୁତ କରାଯାଇଥିବା ସେ ଆଶଙ୍କାବ୍ୟକ୍ତ କରିଛନ୍ତି। ସେହିପରି ଓଡ଼ିଶା ଅଭିଭାବକ ମହାସଂଘ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋୟୀ କହିଛନ୍ତି ଯେ ବିଦ୍ୟାଳୟରେ ସରକାର ଶିକ୍ଷକ ନିଯୁକ୍ତ କରିପାରୁନାହାନ୍ତି। ବଜେଟ୍ ଅନୁଯାୟୀ ଖର୍ଚ୍ଚ ମଧ୍ୟ କରିପାରୁ ନାହାନ୍ତି। ଏହି ମୌଳିକ ଆବଶ୍ୟକତା ପୂରଣ କରିବା ପୂର୍ବରୁ ଏଆଇ ଆଧାରିତ ଶିକ୍ଷାଦାନ ଯୋଜନା ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦେବ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି।




# ଅସମ୍ପୂର୍ଣ୍ଣ କେନାଲ ରାସ୍ତା ନିର୍ମାଣକାରୀଙ୍କୁ ଅନୁକମ୍ପା

କଳମପୁର, ୧।୩(ସମିସ)





ପ୍ରକଳ୍ପ ନିର୍ମାଣ ପୂର୍ବରୁ ସୂଚନା ଫଳକ ଲଗାଇବାକୁ ସରକାର ନିୟମ କରିଛନ୍ତି। ଏଠାରେ ବ୍ଲକ ପ୍ରଶାସନ ପାଇଁ ସୂଚନା ଫଳକ ବାଧ୍ୟତାମୂଳକ କିନ୍ତୁ ଅନ୍ୟ ବିଭାଗ ଲାଗି ନିୟମ କାଗଜପତ୍ରରେ ସୀମିତ, ଆରଡି, ପିଡ୍ଲ୍ୟୁଡି, ସ୍ୱାସ୍ଥ୍ୟ, ପାନୀୟ ଜଳ ଭଳି ଲାଗି ଅନେକ ବିଭାଗ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଚାଲିଛନ୍ତି। ଯାହାର ନଗ୍ନ ନମୁନା କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ଇନ୍ଦ୍ରାବତୀ ବିଭାଗ ଦ୍ୱାରା ସମ୍ପାଦିତ କାର୍ଯ୍ୟରେ ଦେଖିବାକୁ ମିଳିଛି। ଏହି ବିଭାଗ ବାର୍ଷିକ କୋଟି କୋଟି ଟଙ୍କାର କାମ କରି ଚାଲିଛନ୍ତି, କିନ୍ତୁ କାର୍ଯ୍ୟସ୍ଥଳରେ ଜନ ସାଧାରଣଙ୍କ ଅବଗତ ଲାଗି ସୂଚନା ଫଳକ ବ୍ୟବହାର କରିଥିବା ନଜିର ନାହିଁ। ଫଳରେ କାମରମାନ ଅଟକଳ ମୂଲ୍ୟ ଠାରୁ କାର୍ଯ୍ୟକର୍ତ୍ତାଙ୍କ ନାମ ମଧ୍ୟ ଜଣାପଡେ ନାହିଁ। ନିକଟରେ ଅଞ୍ଚଳର ବିଭିନ୍ନ ସ୍ଥାନରେ କୋଟି କୋଟି ଟଙ୍କାର ଶାଖା କେନାଲ ମରାମତି କାର୍ଯ୍ୟ ସମ୍ପାଦିତ ହୋଇଛି। ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଉଦବୃତ୍ତ ପାଣିକୁ ଜଳସେଚନ ଲାଗି ବ୍ୟବହାର କରିବାର ଧାର୍ଯ୍ୟ ତାରିଖ ପାଖେଇ ଆସିଲେ କାମ ତରବରିଆ ଭାବେ ସମ୍ପାଦନ କରାଯାଇ ଆସୁଛି। ଫଳରେ କେନାଲରେ ପାଣି ଆସିଲେ କାମ ଅଧାପନ୍ତରିଆ ଥିଲେ ମଧ୍ୟ ବିଲ ହାତେଇବାରେ ଅସୁବିଧା ହୁଏ ନାହିଁ। ଏଥିପାଇଁ ଶାଖା କେନାଲ ମରାମତି କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ସମ୍ପାଦନ ନ କରି ସୁପାରିଶ ଅନୁସାରେ ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଛି। ବିଭାଗ ଦ୍ୱାରା ସମ୍ପାଦିତ ବିଭିନ୍ନ କାମମାନଙ୍କ ମଧ୍ୟରେ ଇନ୍ଦ୍ରାବତୀ ଡାହାଣ କେନାଲ ପୁନରୁଦ୍ଧାର ଓ ରାସ୍ତା କାମ ଅନ୍ୟତମ, ଏହା ଅନେକ ଅଭିଯୋଗକୁ ଲଂଘି ଶିର୍ଷସ୍ଥାନରେ ଉପନିତ ହୋଇଛି। ତିନି ଶତରୁ ଅଧିକ କୋଟି ଟଙ୍କାରେ ଡାହାଣ କେନାଲ ପୁନରୁଦ୍ଧାର କାର୍ଯ୍ୟ ହେଲା, ମରାମତି ଯୋଗୁଁ ଚାଷୀମାନେ ପ୍ରଭାବିତ ହେଲେ, ଜଳ ସେଚନ ନ ହେବାରୁ ତିନି ବର୍ଷ ଚାଷ ହେଲା ନାହିଁ, ଚାଷୀଙ୍କ ଆପତ୍ତି ପରେ ଅଧାପନ୍ତରିଆ

## ପୁଣି ୨ କେନାଲ ରାସ୍ତା ନିର୍ମାଣ ଦାୟିତ୍ୱ

କେନାଲରେ ଜଳସେଚନ କରାଗଲା। ସେବେ ଠାରୁ ଦୁଇ ବର୍ଷ ହେବାକୁ ବସିଲାଣି ଅଧାପନ୍ତରିଆ କାମ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ସେହି ଅସମ୍ପୂର୍ଣ୍ଣ କେନାଲ ଉପରେ ରାସ୍ତା କାମ ଆରମ୍ଭ ହେଲା, ହାଲୁକା ମାଟିରେ ତରବରିଆ ରାସ୍ତା କାମ ନିର୍ମାଣ ହେଲା, ମଙ୍ଗଳପୁର ଶୂନ୍ୟ କିଲୋମିଟରରୁ ୪୧ କିଲୋମିଟର ଦେପୁର ପର୍ଯ୍ୟନ୍ତ ଏହି ରାସ୍ତା ପାଇଁ ଶତାଧିକ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଗଲା। ସେହି କାମ ମଧ୍ୟ ଏବେ ଅଧପନ୍ତରିଆ ଭାବେ ପଡ଼ି ରହିଛି, କିଛି ଭଲ ଭଲ ସ୍ଥାନମାନଙ୍କରେ କାମ ସାରି ଦିଆଯାଇ ଟିକେ ଅସୁବିଧା ଓ ଲୋକଙ୍କ ଅତ୍ୟନ୍ତ ଆବଶ୍ୟକ ଥିବା ସ୍ଥାନମାନଙ୍କରେ କାମ ଛାଡି ଦିଆଯାଇଛି। ଏପଟେ ବିଭାଗ କିନ୍ତୁ ଶ୍ରେୟ ନେବାକୁ ପଛେଇ ନାହାନ୍ତି, କ୍ୱାଲିଟୀ କଣ୍ଟ୍ରୋଲ ବୋର୍ଡ ଅଧିକାରୀଙ୍କୁ ଆଣି ଭଲ କାମ ହୋଇଥିବା ସ୍ଥାନମାନଙ୍କୁ ଦେଖାଇ ବାହାବା ନେଇଛି। ରାସ୍ତା ନିର୍ମାଣର କେତେକ ଛାଡି ଦିଆଯାଇଥିବା ସ୍ଥାନରେ ମାଟି ଗାଣ୍ଡୁଏ ମଧ୍ୟ ପକାଇ ସମତୁଲ କରାଯାଇ ନାହିଁ, ପାତ୍ରବସାଗ୍ରାମ ଶିବ ମନ୍ଦିର ନିକଟସ୍ତ ଘାଟି ରାସ୍ତା ଜ୍ୱଳନ୍ତ ଉଦାହରଣ ପାଲଟିଛି। ଏହି କେନାଲ ରାସ୍ତା ମଧ୍ୟ ଦୁଇ ବର୍ଷ ହେଲାଣି ସମ୍ପୂର୍ଣ୍ଣ ହୋଇ ପାରିନାହିଁ, ଏହି କାର୍ଯ୍ୟକାରୀ ସଂସ୍ଥାକୁ ପୁଣି ଅହେତୁକ ଅନୁକମ୍ପା ଦେଖାଇ ବିଭାଗ ଆଉ ଦୁଇଟି କେନାଲ କାମ ଉପହାର ସଦୃଶ୍ୟ ଭେଟି ଦେଇଥିବା ଅଭିଯୋଗ ହେଉଛି, ବର୍ଚ୍ଚି କେନାଲ ଛକରୁ ଡୁମେରମୁଣ୍ଡା ଓ ମଣ୍ଡଳ ପଞ୍ଚାୟତ କେନାଲ ଠାରୁ ନୂଆଗାଁ ପର୍ଯ୍ୟନ୍ତ ଏହି ସଂସ୍ଥା କାମ କରୁଛି। ବିଭାଗ ପକ୍ଷରୁ କାର୍ଯ୍ୟ ସ୍ଥଳରେ ସୂଚନା ଫଳକ ଲଗାଯାଇ ନ ଥିବାରୁ ସବିଶେଷ ବିବରଣୀ ମିଳି ପାରି ନ ଥିବା ବେଳେ ବିଭାଗରେ କର୍ମଚାରୀଙ୍କ ଅଦଳବଦଳ ଫଳରେ ଫୋନ ଯୋଗାଯୋଗ ହୋଇ ପାରିନାହିଁ। ଫଳରେ ସଠିକ ତଥ୍ୟ ମିଳି ନ ଥିଲେ ମଧ୍ୟ ମଙ୍ଗଳପୁର ଠାରୁ ଦେପୁର ପର୍ଯ୍ୟନ୍ତ କେନାଲ ରାସ୍ତା ନିର୍ମାଣ କରିଥିବା ଠିକାଦାର ହିଁ ବର୍ତ୍ତମାନ ଦୁଇଟି ରାସ୍ତା କାମ କରୁଥିବା ଠିକାଦାରଙ୍କ ଠାରେ ନିୟୋଜିତ ବ୍ୟକ୍ତି ମାନଙ୍କ ଠାରୁ ଜଣାପଡ଼ିଛି। ସମ୍ପୃକ୍ତ ଠିକାଦାରଙ୍କ ପ୍ରତି ବିଭାଗର ଅହେତୁକ ଅନୁକମ୍ପା କେଉଁ ସ୍ୱାର୍ଥରେ ତାହା ତଦନ୍ତ ହେବା ଆବଶ୍ୟକ ବୋଲି ଅଞ୍ଚଳର ଚାଷୀଙ୍କ ମହଲରେ ମତ ପ୍ରକାଶ ପାଇଛି।

# ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ନେଇ ବୈଠକ

କୋକସରା, ୧।୩(ସମିସ): କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ନେଇ ଶନିବାର ପୋଡାଗୁଡା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଲକ୍ଷ୍ମୀକାନ୍ତ ପୁଝାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଭାପତି ରାଜୀବ କୁମାର ଅଗ୍ରୱାଲ, ପୁରୁଷୋତ୍ତମ ଦାସ ଗୁପ୍ତା, ପୋଡାଗୁଡା ସରପଞ୍ଚ ଜୟରାମ ନାଏକ, ସମିତି ସଭ୍ୟ ରାଜୀବ ଖମାରୀ, ରଘୁମଣି ଖମାରୀ, ଧର୍ମାନନ୍ଦ ନାଏକ, ଶ୍ରୀମନ୍ତ ପାତ୍ରୀ, କେଶବ ଚନ୍ଦ୍ର ନାଏକ, ଧବଳେଶ୍ୱର ନାଗ, ସନତ କୁମାର ପ୍ରଧାନୀ, ରବିନାରାୟଣ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କ୍ରମରେ ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ଦାବି ଉପରେ ବିଶେଷ ଆଲୋଚନା କରାଯାଇ ଜନମତ ସଂଗ୍ରହ



କରାଯାଇଥିଲା। ଛଡ଼ାଇ ନେଇଥିବା ସର୍ବପୁରାତନ କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ପୁନଃ ଫେରେଇ ଆଣି କୋକସରାର ଗୌରବ ଓ ସମ୍ମାନକୁ ଫେରେଇ ଆଣିବା ପାଇଁ ବୈଠକରେ ଉପସ୍ଥିତ ରହିଥିବା ପୋଡାଗୁଡା ପଞ୍ଚାୟତର ନେଗିଗୁଡା, ମଙ୍ଗଳପୁର, କୁଲେରଗୁଡା ସମେତ ବିଭିନ୍ନ ଗ୍ରାମର ବୁଦ୍ଧିଜୀବୀ ସମେତ ବ୍ୟକ୍ତି ବିଶେଷ ସମସ୍ତଙ୍କ ସହଯୋଗ ରହିବା ସହ ଉକ୍ତ ଦାବିକୁ ସମର୍ଥନ ଦେଇଥିଲେ। ପଞ୍ଚାୟତସ୍ତରରୁ ଦାବିକୁ ତୀବ୍ର କରିବା ପାଇଁ ୧୧ ଜଣିଆ କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ବୈଠକରେ ହରେକୃଷ୍ଣ ନାଏକ, ଧନୁର୍ଜୟ ବାଗ, କ୍ଷୀରସିନ୍ଧୁ ଦାସ, ପ୍ରଶାନ୍ତ କୁମାର ନାଏକ, ରୀଖିରାମ ନାଏକ, ବବୃବାହନ ସାହୁ, ଅଜୟ କୁମାର ମାଝୀ, ଉମା ଶଙ୍କର ନିଏଲ, ଲଛମନ ଯୁଏଡ, ସୁରେନ୍ଦ୍ର ଗୋପାଳ, ପବିତ୍ର ପୂଝାରୀ, ଜଳନ୍ଧର ଯୁଏଡ, ବଳଦେବ ନିଆଲ, ଗଜାନନ ଖମାରୀ, ଟଙ୍କଧର ଧରୁଆ, ଚୈବନ ମେହେର, ଭରତୁ ନାଏକ, ଗୁଲସନ ବାଗ ସମେତ ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ରହିଥିଲେ।

# କୁଷ୍ଠରୋଗ ସନ୍ଦେହ ବ୍ୟକ୍ତିଙ୍କ ପ୍ରାଥମିକ ପରୀକ୍ଷଣ କର୍ମଶାଳା

ଧର୍ମଗଡ଼, ୧।୩(ସମିସ): ଧର୍ମଗଡ଼ ବ୍ଲକ ଟିପିଗୁଡା ପଞ୍ଚାୟତ ସଭାଗୃହରେ କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ସମିତି କୁଷ୍ଠ ନିରାକରଣ ବିଭାଗ ଓ ଲେପ୍ରା ସୋସାଇଟୀ ସ୍ୱାଭିମାନ ପ୍ରକଳ୍ପଙ୍କ ମିଳିତ ଆନୁକୂଲ୍ୟରେ କୁଷ୍ଠରୋଗ ସନ୍ଦେହାସ୍ପଦ ବ୍ୟକ୍ତିଙ୍କୁ ପ୍ରାଥମିକ ପରୀକ୍ଷଣ ଏବଂ ନିଦାନ ଓ ଚିକିତ୍ସା ଲାଗି ସରକାରୀ ଡାକ୍ତରଖାନାକୁ ପ୍ରେରଣ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ହାତୀରାମ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ଧର୍ମଗଡ଼ ବ୍ଲକ ନୋଡାଲ୍ ଲେପ୍ରୋସି ୱର୍କର୍ ସୁଶାନ୍ତ କୁମାର ବେହେରା ଓ



ଟିପିଗୁଡା ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ବିଷ୍ଣୁ ପ୍ରସାଦ ନାଏକ ଉପସ୍ଥିତ ରହି ଚବିଶ ଜଣ ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ପିଏମପି, ଆରମି, ଟିଏଚ ଙ୍କୁ କୁଷ୍ଠରୋଗର କାରଣ, ଲକ୍ଷଣ, ପ୍ରଭାବ ଓ ଚିକିତ୍ସା ତଥା ଏହାର ନିରାକରଣ ସମ୍ବନ୍ଧୀୟ ବିଭିନ୍ନ ବିଷୟ ବୁଝାଇବାସହ କୁଷ୍ଠରୋଗ ସନ୍ଦେହାସ୍ପଦ ବ୍ୟକ୍ତିଙ୍କୁ ନିକଟସ୍ଥ ସରକାରୀ ଡାକ୍ତରଖାନାକୁ ପ୍ରେରଣ ଲଶଗି ଅବଗତ କରିଥିଲେ। କର୍ମଶାଳାରେ ସରପଞ୍ଚ ହାତୀରାମ ଦୁର୍ଗା, କୁଷ୍ଠରୋଗପ୍ରତି ରହିଥିବା ଦୀର୍ଘ କାଳର ଅନ୍ଧ ବିଶ୍ୱାସ ଓ ଘୃଣାଭାବକୁ ଜନ ଜାଗରଣ ଓ ସ୍ୱାସ୍ଥ୍ୟ ସଚେତନ ଦ୍ୱାରା ହଟାଇ ଆମ ସମାଜକୁ ସମ୍ପୂର୍ଣ କୁଷ୍ଠ ମୁକ୍ତ କରିବା ପାଇଁ ଅଞ୍ଚଳବାସୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଲେପ୍ରା ସୋସାଇଟିର କ୍ଷେତ୍ର ସଂଯୋଜକ ଶିଶିର କୁମାର ସାବତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା ଓ ଜେଜେମା ସମ୍ମିଳନୀ

ଭବାନୀପାଟଣା, ୧।୩(ସମିସ): ବ୍ରଜବିହାର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗର ଜେଜେବାପା ଓ ଜେଜେମା ସମ୍ମିଳନୀ ପ୍ରଧାନାଚାର୍ଯ୍ୟ ମନୋଜ କୁମାର ମୁଣ୍ଡଙ୍କ ତତ୍ୱାବଧାନରେ କାର୍ଯ୍ୟକାରୀ ହୋଇଯାଇଛି। କାର୍ଯ୍ୟକ୍ରମ ଦାୟିତ୍ୱ ନେଇଥିଲେ ବାଟିକା ପ୍ରମୁଖ ଶ୍ରୀମତୀ ସୁକାନ୍ତି ଦାଶ। ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ବିଦ୍ୟାଳୟର କଣ୍ଠଶିଳ୍ପୀ ବୃନ୍ଦ। ମୁଖ୍ୟଅତିଥି ଭାବେ ମଞ୍ଚାସୀନ ହୋଇଥିଲେ ଅବସପ୍ରାପ୍ତ ସଂସ୍କୃତ ପଣ୍ଡିତ ସୁରେନ୍ଦ୍ର



କୁମାର ପତି, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ପଣ୍ଡା ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ମନୋଜ କୁମାର ନାୟକ ପରିଚୟ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଗୁରୁମା ସୁମତି ମୁଣ୍ଡ। ବର୍ତ୍ତମାନର ସମୟରେ ଜେଜେବାପା ଜେଜେମା ଓ ଶିଶୁର ସମ୍ପର୍କ କେତେ ନିବିଡ଼ ହେବା ଆବଶ୍ୟକ ଏବଂ ପରିବାର ମଧ୍ୟରେ ଜେଜେ ବାପା ଜେଜେମାଙ୍କ ଗୁରୁତ୍ୱ ରହିଲେ ଶିଶୁ ବହୁତ କିଛି ଶିଖିପାରିବେ ବୋଲି ପ୍ରଧାନଆଚାର୍ଯ୍ୟ କହିଥିଲେ। ମୁଖ୍ୟବକ୍ତା ଜରାଶ୍ରମର କଥା ଦୁଃଖର ସହ କହିଥିଲେ ଓ ସଂସ୍କାର, ଆଦର୍ଶବାଦ ଶିକ୍ଷା ଦେବା ପାଇଁ ଆଜିର ସମୟରେ ବାପା ମାଆ ପାଖରେ ସମୟ ନାହିଁ। ବର୍ତ୍ତମାନ ନୈତିକ ଶିକ୍ଷାର ଓ ସ୍ନେହ ଢେର ଅଭାବ ରହୁଛି ଯାହା ପୂର୍ଣ୍ଣକରିପାରିବେ ଜେଜେମା ଜେଜେ ବାପା ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ପରିବାରରେ ବୟସ୍କ ମା ବାପାଙ୍କୁ ଅବହେଳା ନ କରାଯାଉ ଓ ସେମାନଙ୍କ ଉପସ୍ଥିତିର ଗୁରୁତ୍ୱ ଦିଆଯାଉ ବୋଲି ସଭାପତି କହିଥିଲେ। ବାଟିକା ପ୍ରମୁଖ ଆଜିର ଦିବସର ଗୁରୁତ୍ୱ କେତେ ରହିଛି ପରିବାର ମଧ୍ୟରେ ତାହା ଉପସ୍ଥାପନା କରିଥିଲେ। ଶିଶୁ ବାଟିକାର କୁନି କୁନି ଛୁଆ ଶେଷରେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସୁଶାନ୍ତ ବାରିକ ଧନ୍ୟବାଦ ଦେଇଥିଲେ।

● ସର୍ଦ୍ଦାର ପାଖରେ ବନ୍ଧା ପଡ଼ିଛି ଦାଦନ ଶ୍ରମିକ

# ପୁଅକୁ ଉଦ୍ଧାର କରିବାକୁ ପରିବାର ଲୋକଙ୍କ ନିବେଦନ

ଗୋଲାମୁଣ୍ଡା, ୧।୩(ସମିସ): କଳାହାଣ୍ଡି ଜିଲ୍ଲାରେ ଦିନକୁ ଦିନ ଦାଦନ ସମସ୍ୟା ଉଗ୍ରରୂପ ନେବାରେ ଲାଗିଛି। ପେଟ ପାଇଁ ଆନ୍ଧ୍ରପ୍ରଦେଶକୁ ଯାଇଥିଲେ ହେଲେ ଦାଦନ ସର୍ଦ୍ଦାର ପାଖରେ ପ୍ରାୟ ୧୦ମାସ ହେଲା ବନ୍ଧା ପଡ଼ିଛନ୍ତି। କେବଳ ଖାଇବାକୁ ଦେଇ କାମ କରାଇବା ସହିତ



ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ରାଜ୍ୟ ସରକାର ଦାଦନ ମୁକ୍ତ ପାଇଁ ନୂଆପଡ଼ା ଜିଲ୍ଲାକୁ ଡାଲଖାଇ ଯୋଜନାରେ ସାମିଲ କରିଛନ୍ତି ହେଲେ କଳାହାଣ୍ଡି ଜିଲ୍ଲାକୁ ଅଣଦେଖା କରାଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କଲେଇ ଗାଁର ନରେନ୍ଦ୍ର ନାଏକ(୨୬) ଓ ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ସିନାପାଲି ଗ୍ରାମର ପ୍ରେମରାଜ ନାଗ ଦାଦନ ସର୍ଦ୍ଦାର ପାଖରେ ପ୍ରାୟ ୧୦ ମାସ ହେବ ବନ୍ଧା ପଡ଼ିଛନ୍ତି। ନରେନ୍ଦ୍ର ନାଏକ ଗତ ୨୦୨୫ ମସିହା ମାର୍ଚ୍ଚ ମାସରେ ଦାଦନ ଶ୍ରମିକ ଭାବେ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ଯାଇଥିଲେ। କିଛି ମାସ କାମ କରିବା ପରେ ଦାଦନ ଦଲାଲ ଅଧିକ ମଜୁରୀ ଦେବାକୁ କହି ଦୁଇ ସାଙ୍ଗଙ୍କୁ ଟ୍ରେନ ଯୋଗେ ନେଇ ସର୍ଦ୍ଦାର ପାଖରେ ଛାଡି ଦେଇ ଫେରାର ହୋଇଥିଲା। ଦାଦନ ଶ୍ରମିକ ନରେନ୍ଦ୍ର ଏବଂ ପ୍ରେମରାଜଙ୍କୁ ଦାଦନ ସର୍ଦ୍ଦାର ଆନ୍ଧ୍ରପ୍ରଦେଶର ପେହେନା ନଦୀ ଆରପଟେ ରଖି ମାଛମରା କାମରେ ନିୟୋଜିତ କରିଛନ୍ତି। ନରେନ୍ଦ୍ର ଓ ପ୍ରେମରାଜଙ୍କୁ ଟଙ୍କା ପଇସା କିଛି ଦେଉନ ଥିବା ବେଳେ ସକାଳ ଭୋର ୪ଟା ରୁ ଦିନ ୧ ଟା ପର୍ଯ୍ୟନ୍ତ ଏବଂ ଦିନ ୨ଟା ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କେବଳ କାମ କରୁଛନ୍ତି। ଭଲ ସେ ଖାଇବାକୁ ମଧ୍ୟ ଦେଉନାହିଁ। ଶୀଘ୍ର ଉଦ୍ଧାର କରିବାକୁ ଏକ ଫୋନ ମାଧ୍ୟମରେ ପରିବାର ଲୋକଙ୍କୁ ଜଣାଇଛନ୍ତି। ଅନ୍ୟ ପଟେ ପୁଅଙ୍କୁ ଉଦ୍ଧାର କରିବା ପାଇଁ ନରେନ୍ଦ୍ରଙ୍କ ବାପା ଅଶ୍ୱିନୀ ନାଏକ କଳାହାଣ୍ଡି ଜିଲ୍ଲାପାଳ ଠାରୁ ଆରମ୍ଭ କରି ଶ୍ରମ ବିଭାଗ, ଜୁନାଗଡ଼ ଥାନା ଓ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ତାଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି ତୁରନ୍ତ ବନ୍ଧା ପଡ଼ିଥିବା ଦୁଇ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଦାବି ହୋଇଛି।

# ବ୍ଲକ୍‌ସ୍ତରୀୟ ଜାତୀୟ ବିଜ୍ଞାନ ଦିବସ

କେସିଙ୍ଗା, ୧।୩(ସମିସ): ବ୍ଲକ ବିଜ୍ଞାନ ସାଧନ କେନ୍ଦ୍ର, କେସିଙ୍ଗା ଓ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ମିଳିତ ସହଯୋଗରେ ବରିଷ୍ଠ ଶିକ୍ଷକ ହେମନ୍ତ କୁମାର



ବାଗଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ଓ କେସିଙ୍ଗା ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପକ ରାଜେଶ କୁମାର ଅଗ୍ରୱାଲ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ରୂପେ ଯୋଗଦାନ କରି 'ବିଜ୍ଞାନରେ ମହିଳା: ଏକ ବିକଶିତ ଭାରତକୁ ତ୍ୱରାନ୍ୱିତ କରିବା ବିଷୟବସ୍ତୁ ଉପରେ ନିଜ ବକ୍ତବ୍ୟରେ ବିଶଦ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ଅଭୟ କୁମାର ଦେବତା, ସଭାପତି, ବ୍ଲକ ବିଜ୍ଞାନ ସାଧନ କେନ୍ଦ୍ର, କେସିଙ୍ଗା ଓ ବରିଷ୍ଠ ବିଜ୍ଞାନ ଶିକ୍ଷକ ପରମାନନ୍ଦ ଛୁଆଳସିଂହ ଯୋଗଦାନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜି.କ୍ରିଷ୍ଣା ରେଡି ସଂଯୋଜନା କରିଥିବା ବେଳେ ଅଭୟ କୁମାର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପରମାନନ୍ଦ ଛୁଆଳସିଂହ ବିଜ୍ଞାନର ରହସ୍ୟମୟ ଯାଦୁ ଖେଳ ଓ କରିସ୍ମା ଆଧାରିତ ପ୍ରଦର୍ଶନ କରିଥିଲେ।

# କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ନୂଆପଡ଼ା, ୧।୩(ସମିସ): ନୂଆପଡ଼ା ଜିଲ୍ଲା ସଦର ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନୂଆପଡ଼ା କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଓ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଯୋଗିନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ନୂଆପଡ଼ା ମୁଖ୍ୟଅତିଥି, ପୂର୍ବତନ ସିଆରସିସି ଅହିଂସା ରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଶରତ ପଣ୍ଡା, ପୂର୍ବତନ ସିଆରସିସି ଅଏଁଲାଯୁବା ଶରତ କୁମାର ପଣ୍ଡା, ନୂଆପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, ନୂଆପଡ଼ା ଡାଏଟ ଅଧ୍ୟକ୍ଷ ନରୋତ୍ତମ ଭୋଇ, ଡାଏଟ ବରିଷ୍ଠ ଶିକ୍ଷକ ବିକ୍ରମାଦିତ୍ୟ ସିଂ ବରିହା, ଏସ୍‌ଏମସି ଅଧ୍ୟକ୍ଷା ଲୀଳାବତୀ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ଡ଼.ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ଖରିଆରରୋଡ଼ ସରକାରୀ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ହୋତା, ଯୁକ୍ତ ସରୋଜ କୁମାର ଅଗସ୍ତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ୧୩ଟି ବିଦ୍ୟାଳୟର ସମସ୍ତ ଏଫଏଲଏନ୍ ଶିକ୍ଷକଙ୍କୁ ଅଂଶଗ୍ରହଣ ପ୍ରମାଣ ପତ୍ର ଦିଆଗଲା। ଶେଷରେ ସାଲେଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

# ମନରେଗା ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ

ଭବାନୀପାଟଣା, ୧।୩(ସମିସ): ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମ୍ୟ କର୍ମନିଯୁକ୍ତି ଆଇନକୁ ପରିବର୍ତ୍ତନ କରି କେନ୍ଦ୍ର ବିଜେପି ସରକାର ବି.ଭି.ଜୀ.ରା.ମ.ଜୀ ନାମରେ ନାମିତ କରିଛନ୍ତି। ଡ଼. ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିବା ସମୟରେ ମନରେଗା ଆଇନ ଆଣିଥିଲା। ବର୍ଷକୁ ୧୦୦ ଦିନର ରୋଜଗାର ଦେଇ ବିସ୍ଥାପନ ଓ ଗରିବିକୁ ରୋକିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ। ମନରେଗା ମାଧ୍ୟମରେ ନିଜ ଗାଁ ଓ ପଞ୍ଚାୟତରେ ଲୋକେ କାମ କରିପାରୁଥିଲେ। ଯେଉଁକାମ ପାଇଁ ଲୋକେ ଦାବି କରୁଥିଲେ ତୁରନ୍ତ ଉକ୍ତ ସ୍ଥାନରେ କର୍ମ ନିଯୁକ୍ତି ସୃଷ୍ଟି ହେଉଥିଲା। ଏହାଦ୍ୱାରା ଗ୍ରାମ ତଥା ପଞ୍ଚାୟତରେ ରାସ୍ତାଘାଟ, ପୋଖରୀ ନିର୍ମାଣ, ଜମି ମରାମତି, ବଗିଚା ସୃଷ୍ଟି, ଆଡ଼ିବନ୍ଧ ନିର୍ମାଣ ଭଳି ବିଭିନ୍ନ ପ୍ରକାର କାମ ହୋଇ ପାରୁଥିଲା। ଏହିସବୁ କାମକୁ ତ୍ୱରାନ୍ୱିତ କରିବା ପାଇଁ ଗାଁରେ ଗାଁସାଥି ଓ ପଞ୍ଚାୟତରେ ଗ୍ରାମରୋଜଗାର ସେବକ ନିୟୋଜିତ ଥିଲେ। କେନ୍ଦ୍ରସରକାର ୧୦୦ ପ୍ରତିଶତ ଅର୍ଥ ପ୍ରଦାନ କରିବାର ବ୍ୟବସ୍ଥା ଥିଲା। ଏପରିକି ଶ୍ରମିକଙ୍କୁ କାମ ଯୋଗାଇ ନ ପାରିଲେ ଭତ୍ତା ପ୍ରଦାନ ଏବଂ କାମର ପ୍ରାପ୍ୟ ଦେବା ବିଳମ୍ବ ହେଲେ କ୍ଷତିପୂରଣ ଦେବାର ବ୍ୟବସ୍ଥା ଥିଲା। ବର୍ତ୍ତମାନ କେନ୍ଦ୍ର ବିଜେପି ସରକାର କେବଳ ନାମ ପରିବର୍ତ୍ତନ କରିନାହାନ୍ତି ଶ୍ରମିକମାନଙ୍କର କାମର ଅଧିକାରକୁ କ୍ଷୁର୍ଣ୍ଣ କରିଛନ୍ତି। ଗାଁ ସାଥି ଓ ଗ୍ରାମରୋଜଗାର ସେବକମାନେ କାମରେ ନିୟୋଜିତ ହେବେ ନାହିଁ। କେନ୍ଦ୍ର ମାତ୍ର ୬୦ ପ୍ରତିଶତ ଓ ରାଜ୍ୟ ୪୦ ପ୍ରତିଶତ ଅର୍ଥ ପ୍ରଦାନକରିବ। ବର୍ଷକରେ ଚାଷ ସମୟରେ ତିନିମାସ କାମ ବନ୍ଦ ରହିବ। ଏହି ସବୁ କଟକଣା ଯୋଗୁଁ ଗ୍ରାମରେ ଶ୍ରମଦିବସ ସୃଷ୍ଟି ହେବା ବଦଳରେ ଲୋକେ ଦେଶାନ୍ତର ହେବାକୁ ବାଧ୍ୟ ହେବେ। ସାରାଦେଶରେ କଂଗ୍ରେସ ମନରେଗା ବଞ୍ଚାଅ ଅଭିଯାନ ଡାକରା ଦେଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକରେ ରାଜୀବଗାନ୍ଧି ପଞ୍ଚାୟତିରାଜ ସଂଗଠନ ତରଫରୁ ମନରେଗା ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ ଜରିଆରେ ପଞ୍ଚାୟତସ୍ତରରେ ଶ୍ରମିକ ଓ ଜନସାଧାରଣଙ୍କୁ ମନରେଗାକୁ ପୁଣିଥରେ ପୂର୍ଣ୍ଣକ୍ଷ୍ୟମ କରିବାପାଇଁ ସଚେତନ କରାଯାଉଛି। କଳମପୁର ବ୍ଲକ ଆବାହକ ପଦ୍ମକିଶୋର ନାଏକଙ୍କ ନେତୃତ୍ୱରେ ବୀଜମରା ପଞ୍ଚାୟତର ଡୁମେରଗୁଡା ଗ୍ରାମରେ ଜନସାଧାରଣ ଙ୍କୁ ସଚେତନ କରାଯାଇଥିଲା।

# ଧର୍ମଗଡ଼ ଥାନା ପୁଲିସ୍ ପକ୍ଷରୁ ଶାନ୍ତି କମିଟି ବୈଠକ

ଧର୍ମଗଡ଼, ୧।୩(ସମିସ): ଧର୍ମଗଡ଼ ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତି ବିଶେଷଙ୍କୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ଥାନା ସମ୍ମିଳନୀ ଗୃହରେ ଥାନା ଅଧିକାରୀ ସୁଦର୍ଶନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଧର୍ମଗଡ଼ ଚାମ୍ବର ଅଫ କମର୍ସର ସଭାପତି ବିଦ୍ୟାଧର ସାହୁ, ବିଶିଷ୍ଟ ସମାଜସେବୀ ହୃଷିକେଶ ମିଶ୍ର, ସାମାଜିକ କର୍ମୀ ବ୍ରଜେସ ପଣ୍ଡା, ମାରୱାଡ଼ି ସମାଜର ବରିଷ୍ଠ ସଦସ୍ୟ ସୁକଲାଲ ଅଗ୍ରୱାଲ, କାଉନସିଲର ପ୍ରବୀଣ କୁମାର ପଣ୍ଡା, ଅବଦୁଲ ରେହେମାନ ସମେତ ଅନ୍ୟାନ୍ୟ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ରଙ୍ଗର ପର୍ବ ହୋଲି, ହନୁମାନ ଜୟନ୍ତୀ ହଉ ଅବା ପ୍ରଫେଟ୍ ମହମ୍ମଦ ଜୟନ୍ତୀ, ଇଦୁଲ ଫିଦର୍ କିମ୍ବା ଖ୍ରୀଷ୍ଟମସ ଡେ ଭଳି ସବୁ ସମ୍ପ୍ରଦାୟର ପର୍ବ ପର୍ବାଣୀରେ ଶାନ୍ତି, ସଦଭାବନା ଓ ଏକତାବଜାୟ ରଖିବାକୁ ଥାନା ଅଧିକାରୀ ଶ୍ରୀ ନାୟକ ଆଗ୍ରହ ପ୍ରକାଶ କରିଥିଲେ। ସମ୍ପ୍ରତି ସୋସିଆଲ ମିଡିଆରେ ପ୍ରଚାରିତ ହେଉଥିବା ଗୁଜବକୁ ଅଣଦେଖା କରି ଶାନ୍ତିର ସହର ଧର୍ମଗଡ଼ରେ ସର୍ବଧର୍ମ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ବଜାୟ ରଖିବା ପାଇଁ ଅନୁରୋଧ କରିଥଲେ। ବୈଠକରେ ମହମ୍ମଦ ଇସଲାମ, ମହମ୍ମଦ ଫିରୋଜ, ଅବଦୁଲ୍ ହାରୁନ, ବିକ୍ରମ ସୁନାନୀ, ସତ୍ୟବାନ୍ ଦୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମଗଡ଼ ଥାନା ସବ ଇନ୍ସପେକ୍ଟର ଲୋରିସ ପଧାନ ଧନ୍ୟବାଦ୍ ଅର୍ପଣ କରିଥଲେ।

● ନାମକୁ କେବଳ ଫାଷ୍ଟଫୁଡ୍ ଦୋକାନ

# ମିଳୁଛି ମଦ, ବିପଥଗାମୀ ହେଉଛନ୍ତି ଛାତ୍ର

ଭବାନୀପାଟଣା, ୧।୩(ସମିସ): କଳାହାଣ୍ଡି ଜିଲ୍ଲା ଜାତୀୟ ରାଜପଥ-୨୬ ବନ୍ଧୁପଲାସ୍ଥିତ ସରକାରୀ ଇଂଜିନିୟରିଂ କଲେଜ ସମ୍ମୁଖରେ ଥିବା ଏକ ଫାଷ୍ଟ ଫୁଡରେ ମିଳୁଛି ଦେଶୀ ଓ ବିଦେଶୀ ମଦ। ଦୂର ଦୁରାନ୍ତରୁ ନିଜର ଭବିଷ୍ୟତ ଗଢିବା ପାଇଁ ଆଶା ରଖି କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହରର ସରକାରୀ ଇଞ୍ଜିନିୟରିଂ କଲେଜକୁ ପାଠ ପଢ଼ିବା ପାଇଁ ଅନେକ ଛାତ୍ର ଛାତ୍ରୀ ଆସିଥାନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା କଲେଜ ମୁଖ ଗେଟ ପାଖରେ ସରକାରୀ ଜାଗାରେ ବେଆଇନ ଭାବରେ ଏକ ଫାଷ୍ଟ ଫୁଡ ଦୋକାନ ଗଢି ଉଠିଛି ଯେଉଁଠାରେ ପ୍ରତିଦିନ ସକାଳୁ କିଛି ଅସାମାଜିକ ବ୍ୟକ୍ତିଙ୍କ ସହିତ କଲେଜରେ ପାଠ ପଢୁଥିବା କିଛି ଛାତ୍ର ମଦ ପିଇବା ଆରମ୍ଭ କରନ୍ତି। ପାଠ ପଢ଼ିବାକୁ ଆସିଥିବା ଛାତ୍ରଙ୍କ ଅଭିଭାବକ ଘରେ ଥାଇ ଭାବୁଥିବେ ଆମ ପୁଅ ପାଠ ପଢୁଛି କିନ୍ତୁ ଏଠି ପାଠ ପଢ଼ିବା ପରିବର୍ତ୍ତେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମଦ ପିଆ ହେଉଛି। କଲେଜ କର୍ତ୍ତୃପକ୍ଷ ମଧ୍ୟ ସବୁ ଜାଣିଛନ୍ତି କିନ୍ତୁ ନ ଜାଣିଲା ପରି ଅଭିନୟ କରୁଛନ୍ତି। କଲେଜ କର୍ତ୍ତୃପକ୍ଷ ଯଥେଷ୍ଟ ଚତୁର, ଯଦି କିଛି ଅଘଟଣ ଘଟେ ତେବେ ପୁଲିସ ପ୍ରଶାସନକୁ କଲେଜ କର୍ତ୍ତୃପକ୍ଷ ଦାୟୀ ରହିବେ କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଯଥା ଶୀଘ୍ର ପୁଲିସ ଓ ଅବକାରୀ ବିଭାଗଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

## ଗଣ୍ଡାବାହାଲି ମୁଖ୍ୟ ରାସ୍ତା ନିର୍ମାଣରେ ବିଳମ୍ବ

# ୫ ସୁଦ୍ଧା ଜବରଦଖଲ ଉଚ୍ଛେଦ ପାଇଁ ପ୍ରତିଶ୍ରୁତି

ସିନାପାଲି, ୧।୩(ସମିସ)

ସିନାପାଲି ଖଡ଼ିଆଳ ମୁଖ୍ୟରାସ୍ତା ନିର୍ମାଣ ଓ ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲୁଥିବା ବେଳେ ଗଣ୍ଡାବାହାଲି ନିକଟରେ ବିବାଦୀୟ ହୋଇ ଅଟକି ରହିଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିଲା। କେବଳ ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଥିଲେ। ଦିନକୁ ଦିନ ମୁଖ୍ୟ ରାସ୍ତା ଅଦିନିଆ ନଇ ପାଲଟି ଥିବା ଦେଖିବାକୁ ମିଳୁଛି। ଏନେଇ ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରି ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଗ୍ରାମବାସୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ତୁରନ୍ତ ଜବରଦଖଲ ଉଚ୍ଛେଦ କରି ରାସ୍ତା ନିର୍ମାଣ ସହ ପ୍ରଶସ୍ତିକରଣ କରିବାକୁ ଅନୁରୋଧ କରିଥିଲେ। ନଚେତ ଆଗାମୀ ୫ତାରିଖରୁ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଥିଲେ।



ପ୍ରଶାସନ ତତ୍ପରତା ଦେଖାଇ ସମ୍ପୃକ୍ତ ଗଣ୍ଡାବାହାଲି ଠାରେ ପହଞ୍ଚି ଗ୍ରାମବାସୀଙ୍କ ସହ ବୈଠକ ମାଧ୍ୟମରେ ଆଲୋଚନା କରିଥିବା ଜଣାପଡ଼ିଛି। ଆଗାମୀ ୫ତାରିଖ ସୁଦ୍ଧା ଜବରଦଖଲ ଉଚ୍ଛେଦ କରିବା ସହ ରାସ୍ତା ପ୍ରଶସ୍ତିକରଣ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଉକ୍ତ ଆଲୋଚନାରେ ଖଡ଼ିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ସିନାପାଲି ଆଇଆଇସି ଦୁର୍ଗାମାଧବ ବାଗ ତଥା ପୁଲିସ ବିଭାଗୀୟ ଅଧିକାରୀ, ସ୍ଥାନୀୟ ସରପଞ୍ଚ କୌଶଲ୍ୟା ମେହେର, ଜିଲ୍ଲାପରିଷଦ ସଦସ୍ୟା ଯଜ୍ଞସେନି କଟା ପ୍ରମୁଖଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ଜନପ୍ରତିନିଧି, ଭଦ୍ରବ୍ୟକ୍ତି ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଯେ ଉକ୍ତ ରାସ୍ତା ନିର୍ମାଣ ଦ୍ୱାରା ଅନେକ ଘର କୋଠା ଭାଙ୍ଗିବା ଆବଶ୍ୟକ ରହିଛି। ହେଲେ ଏନେଇ ରାଜସ୍ୱ ବିଭାଗ ଜବରଦଖଲ ଉଚ୍ଛେଦ କରି କୋଠା ଭାଙ୍ଗିବାରେ ସକ୍ଷମ ହୋଇପାରୁ ନାହିଁ। ଯଦ୍ୱାରା ଗଣ୍ଡାବାହାଲି ଠାରେ ମୁଖ୍ୟ ରାସ୍ତା ନିର୍ମାଣ ବାଟବଣା ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜସ୍ୱ ବିଭାଗ ଜବରଦଖଲ ଚିହ୍ନଟ କରି ସାରିଥିଲେ ହେଁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇପାରୁ ନାହିଁ କାହିଁକି। ଏଥିରେ ସିନାପାଲି ରାଜସ୍ୱ ବିଭାଗ ନୀରବ ପାଲଟିବାର ଅସଲ ଉଦ୍ଦେଶ୍ୟ କଣ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସିନାପାଲି ତହସିଲଦାର ତଥା ରାଜସ୍ୱ ବିଭାଗ କାହା ଚାପରେ ପଡ଼ି ଉଚ୍ଛେଦ ପ୍ରକ୍ରିୟା କୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ହାତ ବାନ୍ଧି ବସିଛନ୍ତି ବୋଲି ମତ ପ୍ରକାଶ ପାଇବା ସହ ଆଜିର ବୈଠକ ତଥା ଆଲୋଚନାରେ ତହସିଲଦାର ତଥା ରାଜସ୍ୱ ବିଭାଗର ଅନୁପସ୍ଥିତି କୁ ନେଇ ଆଙ୍ଗୁଳି ନିର୍ଦ୍ଦେଶ ହେଉଛି। ଏଥର ପ୍ରଶାସନ ପକ୍ଷରୁ ଗାଁକୁ ଆସି ବୈଠକ ମାଧ୍ୟମରେ ଆଲୋଚନା କରି ନିଷ୍ପତ୍ତି ନିଆଯାଇଛି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ମାୟା ନନ୍ଦ
ଆବିର୍ଭାବ : ୨୮.୦୭.୧୯୫୦
ତିରୋଧାନ : ୨୦.୦୨.୨୦୨୬

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ସ୍ୱିକାର୍ଥ ଏବଂ ଅର୍ଚ୍ଚନା, ସଂଘମିତ୍ରା ଏବଂ ବିଜୟ, ସବ୍ୟସାଚୀ ଏବଂ ରଶ୍ମୀ, ବବୁଲ, ଶ୍ରେୟାସ, କେତନ, ଶିବାନୀ, ଅନୁଷ୍ଠା, ଓମ୍, ଏବଂ ବନ୍ଧୁ ବାନ୍ଧବ ଓ ପରିବାରବର୍ଗ।

# ଆଗଲପୁରରେ ପୁଲିସ ଉପରେ ଆକ୍ରମଣ

ବଲାଙ୍ଗିର/ଲୋଇସିଂହା, ୧।୩(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ସଦର ଗାଁ ଆଗଲପୁରରେ ରବିବାର ପୁଲିସକୁ ଆକ୍ରମଣ ହୋଇଛି। ଏହି ଘଟଣାରେ ଲୋଇସିଂହା ଥାନାର ଏଏସ୍‌ଆଇ ଜୀବନାନନ୍ଦ ବେହେରା ଆହତ ହୋଇଛନ୍ତି। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ତେବେ ଗାଁରେ ଏହି ଘଟଣାକୁ ଗାଁରେ ନେଇ ଉତ୍ତେଜନା ଦେଖା ଦେଇଛି। ରବିବାର ଜରୁରୀକାଳୀନ ନମ୍ବର ୧୧୨କୁ ଏକ ଫୋନ୍ ଯାଇଥିଲା। ଖବର ପାଇ ଆଗଲପୁର ଥାନାର ଏକ ଟିମ୍ ଆଗଲପୁର ଘସିଆପଡ଼ା ଯାଇଥିଲା। ସେଠାରେ ରହୁଥିବା ଏକ ଦମ୍ପତିଙ୍କ ମଧ୍ୟରେ ନିୟମିତ ଗଣ୍ଡଗୋଳ ହୋଇଥାଏ। ହଠାତ୍ ପୁଲିସ ପହଞ୍ଚିବା ଦେଖି କେତେକ ବ୍ୟକ୍ତି ଅତର୍କିତ ଭାବେ ପୁଲିସ ଟିମ୍ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୁଲିସ ଟିମ୍ ଓ କେତେକ ବ୍ୟକ୍ତିଙ୍କ ମଧ୍ୟରେ ଟଣାଓଟରା ହୋଇଥିଲା। ଏଥିରେ ଜଣେ କନେଷ୍ଟବଳ ସାମାନ୍ୟ ଆହତ ହୋଇଥିଲେ। ପରେ ଏହି ଘଟଣାକୁ ନେଇ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ ଉଦ୍ୟମ କରିଥିଲା। ଆଗଲପୁର ପୁଲିସ ସହ ଲୋଇସିଂହା ପୁଲିସର ମଧ୍ୟ କିଛି ଅଧିକାରୀଙ୍କ ଏକ ଟିମ୍ ଆଗଲପୁରରେ ପହଞ୍ଚିଥିଲା। ଏହି ସମୟରେ ପଡ଼ାରେ ପୁଲିସ ଉପରକୁ ପୁଣି ଆକ୍ରମଣ ହୋଇଥିଲା।

# ଟାକ୍ସ ବାର୍‌କୁ ହରାଇ ଆୟକର ବିଭାଗ ବିଜୟୀ

ବଲାଙ୍ଗିର, ୧।୩(ସମିସ): ବଲାଙ୍ଗିର ଗାନ୍ଧି ଷ୍ଟାଡିୟମରେ ଜିଲ୍ଲା ଟାକ୍ସ ବାର୍ ଓ ଆୟକର ବିଭାଗ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ଆୟକର ବିଭାଗ ଟସ୍ ଜିତି ଫିଲ୍ଡି କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ଟାକ୍ସ ବାର୍ ୧୫ ଓଭରରେ ସମସ୍ତ ଉିକେଟ ହରାଇ ୭୦ ରନ୍ ସଂଗ୍ରହ କରିଥିଲା। ଆୟକର ବିଭାଗ ୭୧ ରନ୍‌ର ପିଛା କରି ବିଜୟ ହାସଲ କରିଥିଲା। ପୁରସ୍କାର ବିତରଣ ସଭାରେ ସଭାପତି ଶାନ୍ତନୁ ଭୋଇ, ବରିଷ୍ଠ ସଭ୍ୟ ଦୁଲିଚାନ୍ଦ ଅଗ୍ରୱାଲ, ନକୁଳ ଅଗ୍ରୱାଲ, ଅଶୋକ ଦାସ, ଆୟକର ଅଧିକାରୀ ଅଜୟ କୁମାର ଓ ଟୁନା କୁମାର ମଞ୍ଚାସୀନ ଥିଲେ। ସମ୍ପାଦକ ପ୍ରଭଞ୍ଜନ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆୟକର ବିଭାଗ ବିଜେତା ହୋଇଥିବାବେଳେ ଟାକ୍ସ ବାର୍ ଉପବିଜେତା ହୋଇଥିଲା। ରତନା କରନ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିବାବେଳେ ସନାତନ ସାହୁ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ ହୋଇଥିଲେ। ଦୀପକ ଛାପାଡିଆ ବେଷ୍ଟ ବୋଲର ପୁରସ୍କାର ପାଇଥିଲେ। ଗଣେଶ ପ୍ରସାଦ ଦୀକ୍ଷିତ, ଶଶାଙ୍କ ପଟ୍ଟନାୟକ, ରାୟ କିଶୋର ଜେନା, ସନ୍ତୋଷ ଆନନ୍ଦ ମିଶ୍ର, ଆଶିଷ ଦୀକ୍ଷିତ, ଅଭିଷେକ ଅଗ୍ରୱାଲ, ସାର୍ଥକ ପଟ୍ଟନାୟକ, ସରୋଜ କୁମାର ମାଝି, ସଞ୍ଜିବ ମାଝି, ଆଶୁତୋଷ ଅଗ୍ରୱାଲ, କସ୍ତୁବ ଥପା ପ୍ରମୁଖ ସହଯୋଗ କରିଥିଲେ।

# ଭାରତୀୟ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ

ବଲାଙ୍ଗିର, ୧।୩(ସମିସ): ବିଲେଇସର୍ଡା ଭାରତୀୟ ବିଦ୍ୟା ନିକେତନର ୧୩ତମ ବାର୍ଷିକ ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁଇଁତଲା ବ୍ଲକ ଅଧ୍ୟକ୍ଷ ଭାବେ ସରୋଜ ପ୍ରଧାନ, ମୁଖ୍ୟବକ୍ତା ଭାବେ ବଲାଙ୍ଗିର ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ କୌତୁକ ପଧାନ, ସମ୍ମାନିତ ଅତିଥି ରୂପେ ବ୍ୟାଙ୍କ କୁଇନ ଅନୁପ୍ରିଆ ମିଶ୍ର, ବିଲେଇସର୍ଡା ସରପଞ୍ଚ ସୁଶାନ୍ତ ଛତ୍ରିଆ, ସ୍କୁଲର ସଭାପତି ବୁଲୁ ପଣ୍ଡା, ସମିତି ସଭ୍ୟ ସୁରେନ୍ଦ୍ର ବୁଡେକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଶଶୀକଳା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ପ୍ରକାଶ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଦେବାଶିଷ କୁମାର ବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସଇଁତଲା, ୧।୩(ସମିସ): କନ୍ଦଲବା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦୟ ଶଙ୍କର ବାଗଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସରପଞ୍ଚ ଅନୁରାଧା ସେଠ, ଅତିରିକ୍ତ ବିଇଓ ନାରାୟଣ ଭୋଇ, ନରେନ୍ଦ୍ର ସାହୁ, ସିଆରସିସି ବାଳକୃଷ୍ଣ ନାଗ, ସଇଁତଲା ବ୍ଲକ ଶିକ୍ଷକ ସଂଘ ସଭାପତି ବୈକୁଣ୍ଠ ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦର୍ଶନ ବାଗ, ଗଣ୍ଡପଡ଼ାପାଲି ସିଆରସିସି ହରେକୃଷ୍ଣ ନାଗ, ପର୍ଣ୍ଣଗାମ ମୁଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁକେଲା ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ବେହେରା ସଭାପତିତ୍ୱ କରିଥିଲେ। ଶିକ୍ଷକ ନିରଞ୍ଜନ ମାଝୀ, ସୁବୀନ୍ଦ୍ର ନାଏକ, ସନ୍ଧ୍ୟାରାଣୀ ସାହୁ, ବଞ୍ଚାନିଧି ମିଶ୍ର, ରାକେଶ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# କୁଳିପଡ଼ା ମହାନଦୀ ଘାଟରେ ବୁଡ଼ି ନାବାଳକ ମୃତ

ବୌଦ୍ଧ, ୧।୩(ସମିସ): ବୌଦ୍ଧ ସହର ମହାନଦୀର କୁଳିପଡ଼ା ଘାଟକୁ ଗାଧୋଇବାକୁ ଯାଇ ଜଣେ ନାବାଳକ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ବୌଦ୍ଧ ସହର ସୁଦ ସାହିର ସୁବୋଧ ଭଞ୍ଜଙ୍କ ୧୬ ବର୍ଷର ପୁଅ ଆଦିତ୍ୟ। ସାଙ୍ଗମାନଙ୍କ ସହ ସେ କୁଳିପଡ଼ା ଘାଟ ନିକଟ ମହାନଦୀକୁ ଗାଧୋଇବାକୁ ଯାଇଥିଲେ; ହେଲେ ଘରକୁ ଫେରି ନ ଥିଲେ। ବିଳମ୍ବ ହେବାରୁ ଘରଲୋକ ଖୋଜା ଖୋଜି କରିଥିଲେ। ନ ପାଇବାରୁ ପାଣିରେ ବୁଡି ଯାଇଥିବା ସନ୍ଦେହ କରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ପହଞ୍ଚି ବୋଟ୍ ଓ ଦେଶୀଡଙ୍ଗା ସାହାଯ୍ୟରେ ଖୋଜିଥିଲେ। ଜଳ ମୁଣ୍ଡରେ ପ୍ରାୟ ୩ ଘଣ୍ଟା ଧରି ଖୋଜା ଖୋଜି କରିବା ପରେ ମୃତଦେହ ମିଳିଥିଲା। ବୌଦ୍ଧ ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ।

**ଇମ୍ପେରିୟାଲ କ୍ଲାସିକ ରାଜ୍ୟ ପ୍ରତିଯୋଗିତା ଉଦ୍‌ଯାପିତ**

# ବଲାଙ୍ଗିର ଦେଖିଲା ସୁନ୍ଦର ସ୍ୱାସ୍ଥ୍ୟ

ବଲାଙ୍ଗିର, ୧।୩(ସମିସ)

ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡସ୍ଥିତ ଫଳ ବଜାରଠାରେ କଳିଙ୍ଗ ବଡି ବିଲ୍ଡି ଆସୋସିଏସନ ବଲାଙ୍ଗିର ଜିଲ୍ଲା ଶାଖା ତରଫରୁ ୨ ଦିନ ଧରି ଅନୁଷ୍ଠିତ ଇମ୍ପେରିୟାଲ କ୍ଲାସିକ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନ ବଲାଙ୍ଗିରର ବରିଷ୍ଠ ଆଇନଜ୍ଞ ଅମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଶ୍ରୀ ମିଶ୍ର କହିଥିଲେ ବଡିଂ ବିଲଡିଂ ଏବଂ ଫିଟନେସ ପ୍ରତିଯୋଗିତାରେ ଭାଗ ନେଉଥିବା ଖେଳାଳିମାନେ ବହୁତ ଶୃଙ୍ଖଳା ସହିତ ନିଜର ଶରୀର ଗଠନ କରିଥାନ୍ତି। ଅନେକ ତ୍ୟାଗ ଓ ଶୃଙ୍ଖଳା ହିଁ ଜଣେ ଖେଳାଳିକୁ ବଡି ବଲଡିଂ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରଦାନ କରିଥାଏ। କଳିଙ୍ଗ ବଡି ବିଲ୍ଡିଂ ଆସୋସିଏସନର ବଲାଙ୍ଗିର ଜିଲ୍ଲା ଶାଖା ପ୍ରତ୍ୟେକ ବର୍ଷ ଏପରି ଏକ ଖେଳ ପ୍ରତିଯୋଗିତା ଆୟୋଜନ ଆୟୋଜନ କରୁଥିବାରୁ ସେ ପ୍ରଶଂସା କରିଥିଲେ। ଏହି ପ୍ରତିଯୋଗିତା ଆଗାମୀ ଦିନରେ ଆହୁରି ସୁଦୂର ପ୍ରସାରିତ ହେଉ ବୋଲି ଶ୍ରୀ ମିଶ୍ର କହିଥିଲେ।




ତେବେ ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ୧୯ଟି ଜିଲ୍ଲାର ୧୨୫ ଜଣ ଖେଳାଳି ଭାଗ ନେଇଥିଲେ। ୭ଟି ଓଜନ ବିଭାଗ, ପୁରୁଷ ଫିଜିକ୍‌ରେ ୨ଟି ବିଭାଗ ଓ ମାଷ୍ଟର କାଟାଗୋରିରେ ଗୋଟିଏ ବିଭାଗ ସହ ମହିଳା ବିଭାଗରେ ମଧ୍ୟ ପ୍ରତିଯୋଗିତା ହୋଇଥିଲା। ଜାତୀୟସ୍ତର ବିଚାରକ ସନ୍ତୋଷ ମହାନ୍ତି, ବାଳକୃଷ୍ଣ ବାଗ, ଏମ୍.କେ. ସ୍ୱାଇଁ ଓ ଅମିତାବ ପରିଡ଼ାଙ୍କ ଦ୍ୱାରା ଗଠିତ ବିଚାରକ ମଣ୍ଡଳି ପ୍ରତିଯୋଗୀଙ୍କ ପ୍ରଦର୍ଶନକୁ ଆକଳନ କରିଥିଲେ। ଏହି ପ୍ରତିଯୋଗିତାରେ ପୁରୁଷ ଚାମ୍ପିଅନ ଅଫ୍ ଚାମ୍ପିଅନ ଟ୍ରଫି ସମ୍ବଲପୁରର ଶଙ୍କର ମେହେର ହାସଲ କରିଥିବା ବେଳେ ମହିଳା ବିଭାଗରେ ସମ୍ବଲପୁରର ଉର୍ମିଳା ବେହେରା ଚାମ୍ପିୟାନ ଅଫ୍ ଚାମ୍ପିଅନ ଆଖ୍ୟା ହାସଲ କରିଥିଲେ। ମେନ୍ ଫିଜିକ୍ ବିଭାଗରେ ଯାଜପୁରର ଲକ୍ଷ୍ମୀଧର ସାହୁ ପ୍ରଥମ, ବଲାଙ୍ଗିରର ଅଭିଷେକ ବିଭାର ଦ୍ୱିତୀୟ, କଟକର ବିଷ୍ଣୁ ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ମେନ୍ ଫିଜିକ୍ ଟଲ୍ କେଟାଗୋରିରେ ସମ୍ବଲପୁରର ତରୁଣ ମହାକୁର ପ୍ରଥମ, ରାୟଗଡ଼ାର ଡି.ଭେଙ୍କଟ ପ୍ରସାଦ ଦ୍ୱିତୀୟ, ଭଦ୍ରକର ଦୀପକ ଦାଶ ତୃତୀୟ ସ୍ଥାନ ହାସଲ କରିଥିଲେ। ମହିଳା ବିଭାଗରେ ସମ୍ବଲପୁରର ଉର୍ମିଳା ବେହେରା ପ୍ରଥମ, ବଲାଙ୍ଗିରର ଶିବାନୀ ନାଏକ ଦ୍ୱିତୀୟ, ସମ୍ବଲପୁରର ପୂଜା ଗୁପ୍ତା ତୃତୀୟ, ରାୟଗଡ଼ାର ସସ୍ମିତା ମାଝି ଚତୁର୍ଥ ଏବଂ ନୂଆପଡ଼ାର ଯାଜ୍ଞସେନି ପଣ୍ଡା ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ୫୫ କେଜିରୁ କମ୍ ଓଜନ ବର୍ଗରେ ପୁରୀର ଆଦିତ୍ୟ ନାରାୟଣ ରଣା ପ୍ରଥମ, ସମ୍ବଲପୁରର ଅକ୍ଷୟ କୁମ୍ଭାର ଦ୍ୱିତୀୟ, ଝାରସୁଗୁଡାର ଆଶୁ କୁମାର କେଶରି ତୃତୀୟ ସ୍ଥାନ ହାସଲ କରିଥିଲେ। ୬୦ କେଜିରୁ କମ୍ ବୟସ ବର୍ଗରେ କଳାହାଣ୍ଡିର ଦେବେନ୍ଦ୍ର ନାଏକ ପ୍ରଥମ, କେନ୍ଦ୍ରାପଡ଼ାର ତନ୍ମୟ ସାହୁ ଦ୍ୱିତୀୟ ଓ ବଲାଙ୍ଗିରର ଅଭିଷେକ ବିଭାର ତୃତୀୟ ସ୍ଥାନ ହାସଲ କରିଥିଲେ। ୬୫ କେଜିରୁ କମ୍ ଓଜନ ବର୍ଗରେ ଯାଜପୁରର ଚନ୍ଦନ ବିଶ୍ୱାଳ ପ୍ରଥମ, ବଲାଙ୍ଗିରର ବୁଲୁ ବାଗ ଦ୍ୱିତୀୟ, ସମ୍ବଲପୁରର ଜୟନ୍ତ ବାଗ ତୃତୀୟ ସ୍ଥାନ ହାସଲ କରିଥିଲେ। ୭୦ କେଜିରୁ କମ୍ ଓଜନ ବର୍ଗରେ ପୁରୀର ବିଜୟ ବଡପଣ୍ଡା ପ୍ରଥମ, ରାୟଗଡ଼ାର ଡି. ଭେଙ୍କଟପ୍ରସାଦ ଦ୍ୱିତୀୟ, କଟକର ସାଗର ସ୍ୱାଇଁ ତୃତୀୟ ସ୍ଥାନ ହାସଲ କରିଥିଲେ। ୭୫ କିଜିରୁ କମ୍ ଓଜନ ବର୍ଗରେ ସମ୍ବଲପୁରର ପ୍ରକାଶ ସିଂ ପ୍ରଥମ, ଯାଜପୁରର ଲକ୍ଷ୍ମୀଧର ସାହୁ ଦ୍ୱିତୀୟ, ବଲାଙ୍ଗିରର ଗଣେଶ ମିଶ୍ର ତୃତୀୟ ସ୍ଥାନ ହାସଲ କରିଥିଲେ। ୭୫ କେଜିରୁ ଊର୍ଦ୍ଧ୍ୱ ଓଜନ ବର୍ଗରେ ସମ୍ବଲପୁରର ଶଙ୍କର ମେହେର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଖୋର୍ଦ୍ଧାର ରଘୁ ମାରାଣ୍ଡି ଦ୍ୱିତୀୟ ସ୍ଥାନ ଏବଂ ଯାଜପୁରର ମାନସ ବାରିକ ତୃତୀୟ ସ୍ଥାନ ହାସଲ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବଲାଙ୍ଗିରର ବରିଷ୍ଠ ଆଇନଜ୍ଞ ଅମରେନ୍ଦ୍ର ମିଶ୍ର, ଶିକ୍ଷାବିତ ସଙ୍କୀର୍ତ୍ତନ ବାଗ, ଅର୍ଜୁନ ଦୀପ, କୃଷ୍ଣଚନ୍ଦ୍ର ପାତ୍ର, ଗୋପାଳକୃଷ୍ଣ ବାଗ, କେବିବିଏର ରାଜ୍ୟ ସମ୍ପାଦକ ସନ୍ତୋଷ ମହାନ୍ତି, ଆୟୋଜକ କମିଟି ସମ୍ପାଦକ ବାଳକୃଷ୍ଣ ବାଗ ପ୍ରମୁଖ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ମନରେଗାରେ ତଞ୍ଚକତା କରି ଅର୍ଥ ଆତ୍ମସାତ

**କାମ କରି ନ ଥିବା ଶ୍ରମିକଙ୍କ ନାଁରେ ଟଙ୍କା ଉଠାଯାଇଥିବା ଅଭିଯୋଗ**

ଦେଓଗାଁ, ୧।୩(ସମିସ): ଦେଓଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ ବାଟମାରଣ ଚାଲିଛି। ଏ ନେଇ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ପ୍ରକଳ୍ପଗୁଡିକରେ ନିୟୋଜିତ ହୋଇ ନ ଥିବା ଶ୍ରମିକଙ୍କ ନାମରେ ଟଙ୍କା ପଡୁଛି। ବିଭାଗୀୟ ଅଧିକାରୀମାନେ ଗାଁ ସାଥିଙ୍କୁ ହାତବାରିଶ କରି ଟଙ୍କା ଆତ୍ମସାତ କରୁଥିବା ଅଭିଯୋଗ ହେଉଛି। ଏପରିକି ପୁରୁଣା କାମକୁ ପୁନଶ୍ଚ ଦେଖାଇ ବିଲ୍ କରାଯାଉଛି। କେତେକ ଶ୍ରମିକ ଏଭଳି ଗୁରୁତର ଅଭିଯୋଗ ଉଠାଇଛନ୍ତି। ବ୍ଲକର ୨୬ ପଞ୍ଚାୟତ ମଧ୍ୟରୁ ସିଂହାମୁଣ୍ଡା ପଞ୍ଚାୟତର ସିଂହାମୁଣ୍ଡା, ବାକିଆମୁଣ୍ଡା, ଆମଘାଟ ଓ ଘାଟୁଲ ଆଦି ଗାଁରେ କାମ ଚାଲିଛି; ହେଲେ ଏହି ସବୁ କାମରେ ନିୟୋଜିତ ହୋଇ ନ ଥିବା ଶ୍ରମିକମାନଙ୍କ ନାମରେ ଟଙ୍କା ଉଠାଯାଉଛି। ପଞ୍ଚାୟତର କେତେକ ଶ୍ରମିକ ଏଭଳି ଅଭିଯୋଗ ଉଠାଇ ଏହାର ତଦନ୍ତ ଦାବି କରିଛନ୍ତି। ସେହିପରି ଗୁଡଖାପଲା, ଗୌରଗୋଠ, ବ୍ରାହ୍ମଣୀଯୋର, ଲଣ୍ଡାପଥର, ଗାଇବାହାର ଆଦି ପଞ୍ଚାୟତରେ ମଧ୍ୟ ବ୍ୟାପକ ଅନିୟମିତା ହୋଇଥିବା ଅଭିଯୋଗ ହେଉଛି। ବିଭିନ୍ନ ପ୍ରକଳ୍ପରେ ସମ୍ପୃକ୍ତ ଅଧିକାରୀମାନେ ବାଟମାରଣ କରୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ବ୍ଲକ କିମ୍ବା ଜିଲ୍ଲା ପ୍ରଶାସନ ଦୃଷ୍ଟି ନ ଦେବା ପରିତାପର ବିଷୟ ବୋଲି ସଚେତନ ମହଲରେ କ୍ଷୋଭ ପ୍ରକାଶ ପାଇଛି। ମନରେଗା ଯୋଜନାରେ ଚାଲିଥିବା କାମଗୁଡିକର ନିରପେକ୍ଷ ଭାବେ ତଦନ୍ତ କରାଗଲେ ବାଟମାରଣର ଅନେକ ତଥ୍ୟ ଲୋକଲୋଚନକୁ ଆସିପାରନ୍ତା। ଶ୍ରମିକମାନେ ଉପକୃତ ହୋଇପାରନ୍ତେ। ଏପିଓ ସୁଧାଂଶୁ ଭୂଷଣ ମେହେର କହିଛନ୍ତି କେତେକ ଗାଁ ସାଥି ଓ ଏଡିଇଓମାନେ ଏଭଳି ଅନିୟମିତତାରେ ଲିପ୍ତ ରହୁଥିବା ବାରମ୍ବାର ଅଭିଯୋଗ ଆସୁଛି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦେଓଗାଁ, ୧।୩(ସମିସ): ବଲାଙ୍ଗିର ଜିଲ୍ଲା ଅର୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସଚନ୍ଦ୍ର କର୍ତ୍ତି ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ମୋହନ ଦଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏବିଇଓ କବିରାଜ ମାଝୀ, ସମ୍ମାନୀତ ଅତିଥି ଭାବେ ହରେକୃଷ୍ଣ ରଥ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଆରସିସି ସଞ୍ଜୀବ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ



ବଲାଙ୍ଗିର, ୧।୩(ସମିସ): ଗାନ୍ଧୀନଗରପଡ଼ାସ୍ଥିତ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମହାନ ବିଜ୍ଞାନୀ ସିଭିରମଣଙ୍କ ପ୍ରଭାବ ଆବିଷ୍କାରକୁ ସ୍ମରଣ କରି ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପୂଝାହାରୀ ଓ ନୂତନ ନାୟକ ବିସ୍ତୃତ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା ରମଣ ପ୍ରଭାବ ବିଷୟରେ ଛାତ୍ରୀଙ୍କୁ ସଚେତନ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଧାରାଶ୍ରୀ ଧୀମୟୀ ବେହେରା, ସୋମନାଞ୍ଜଳି ସାହୁ କୁଇଜ୍ ପରିଚାଳନା କରିଥିଲେ। ଅର୍ଚ୍ଚନା ବେହେରା, ସ୍ମୃତିଶିଖା କୁମ୍ଭାର, ରୁଚିକା ସାଏ, ମାନସୀ ରାଣୀ ଦାଶ, ଦମୟନ୍ତୀ ଖୁଆସ, ଅଙ୍କିତା ନାଏକ, ସ୍ମୃତିପ୍ରିୟା ସାହୁ, ଅମନଲାଲ ଶତପଥୀ, ଶ୍ୟାମ କୁଶୁଲିଆ, ରୁପାଲୀ ମଧୁସ୍ମିତା ମହାଲିଙ୍ଗ ପ୍ରମୁଖ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ଦେବ, ସବିତା ମିଶ୍ର, ସ୍ୱରୂପା ହୋତା, ଜସ୍ମିନ ସାହୁ, ଲିଲି ଭୋଇ, ପୂଜା ଦାଶ ପ୍ରମୁଖ ସହଯୋଗ କରିଥିଲେ।

**● କଣ୍ଟାବାଞ୍ଜିରେ ବେଆଇନ ମଦ ଡେଲିଭରି ଘଟଣା**

# ଅବକାରୀ ବିଭାଗର ତତ୍ପରତା, ପୁଲିସର ବେଖାତିର

**● ବନ୍ଦ ହେବ ବେଆଇନ ମଦ ଡେଲିଭରି**
**● ଫସିବେ ନିୟମ ଉଲ୍ଲଂଘନକାରୀ**
**● ସବୁ ଜାଣି ନିରବ ପୁଲିସ**

କଣ୍ଟାବାଞ୍ଜି, ୧।୩(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ରାତି ହେଲେ ବେଆଇନ ଏବଂ ବେଧଡକ ଭାବେ ମଦ ଡେଲିଭରି ହେଉଛି। ଏହି ଘଟଣା ଏବେ ସହରରେ ଚର୍ଚ୍ଚା ବିଷୟ ହୋଇଛି। ଏନେଇ ଦୈନିକ 'ସକାଳ'ରେ ଲଗାତାର ଖବର ପ୍ରକାଶିତ ହେବା ପରେ କଣ୍ଟାବାଞ୍ଜି ଅବକାରୀ ବିଭାଗ ତତ୍ପରତା ପ୍ରକାଶ କରିଛି। କଣ୍ଟାବାଞ୍ଜି ସହରରେ ଯେଉଁ ଯୁବକମାନେ ରାତିରେ ବେଆଇନ ଭାବେ ମଦ ଡେଲିଭରି କରୁଛନ୍ତି ଏବଂ ଅବକାରୀ ନିୟମ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ ଅବକାରୀ ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। କଣ୍ଟାବାଞ୍ଜି ସହରରେ ଜଣେ ଯୁବକ ପୂର୍ବରୁ ଏହିଭଳି ବେଆଇନ ଭାବେ ମଦ ଡେଲିଭରି କରୁଥିଲା। ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବର୍ତ୍ତମାନ କଣ୍ଟାବାଞ୍ଜି ସହରରେ ଯେଉଁ ଯୁବକମାନେ ବିଭିନ୍ନ ସ୍ଥାନକୁ ମଦ ଡେଲିଭରି କରି ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ କରୁଛନ୍ତି ସେମାନଙ୍କ ଉପରେ ଅବକାରୀ ବିଭାଗ ନଜର ରଖିଛି। ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କଣ୍ଟାବାଞ୍ଜି ସହରରେ ବେଆଇନ ମଦ ଡେଲିଭରି କାରବାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ। କଣ୍ଟାବାଞ୍ଜି ଅବକାରୀ ଅଧିକାରୀ ସଚିନ୍ ବେହେରା ଏନେଇ ଦୈନିକ 'ସକାଳ'କୁ ସୂଚନା ଦେଇଛନ୍ତି। ବେଆଇନ ମଦ କାରବାରକୁ ନେଇ ଖବର ପ୍ରକାଶ ପରେ ଅବକାରୀ ବିଭାଗ ତତ୍ପରତା ଦେଖାଇ ଥିବା ବେଳେ କଣ୍ଟାବାଞ୍ଜି ପୁଲିସ ପରୋକ୍ଷରେ ବେଆଇନ ମଦ ଡେଲିଭରି କରୁଥିବା ଯୁବକମାନଙ୍କଠାରୁ ହାତଗୁଞ୍ଜା ନେଇ ସହଯୋଗ କରୁଥିବା ଅଭିଯୋଗ ହେଉଛି। କଣ୍ଟାବାଞ୍ଜିରେ ରାତିରେ ବେଆଇନ ମଦ ଡେଲିଭରି ଘଟଣାକୁ ନେଇ ଖବର ପ୍ରକାଶିତ ହେବା ପରେ କଣ୍ଟାବାଞ୍ଜି ପୁଲିସ ନିଜ ମୁଣ୍ଡରୁ ଦୋଷ ହଟାଇବାବାକୁ ଯାଇ କିଛି କୁଚିଆ ବା ଛୋଟ ମଦ ବେପାରକୁ ଧରିଥିଲା। ତାଙ୍କଠାରୁ କିଛି ମଦ ପାଉଚ ଜବତ କରିଥିଲା। ସେମାନଙ୍କୁ ଥାନାକୁ ନେଇ ପୁଲିସ ତାଙ୍କ ନାଁରେ କେସ୍ କରିଥିଲା। ଚୁକ୍ତିନାମା ଲେଖି ଶେଷରେ ଛାଡ଼ି ଦେଇଛି। ଏଣୁ କଣ୍ଟାବାଞ୍ଜି ପୁଲିସର ଭୂମିକାକୁ ନେଇ ଆହୁରି ସନ୍ଦେହ ବଢ଼ିବାରେ ଲାଗିଛି। ଏହି ଛୋଟ ମଦ ବେପାରୀକୁ ପୁଲିସ କାହିଁକି ଗିରଫ କଲା, ଯଦି ଗିରଫ କଲା ତେବେ ପୁଣି କାହିଁକି ସେମାନଙ୍କୁ ଜାମିନ ଦେଇ ଛାଡି ଦେଲା ବୋଲି ପ୍ରଶ୍ନ ଉଠୁଛି। ତେବେ ବେଆଇନ ମଦ ଡେଲିଭରି କରୁଥିବା ଯୁବକମାନଙ୍କ ବିଷୟରେ ପୁଲିସ ପାଖରେ ସମସ୍ତ ଖବର ଥିବା ସତ୍ତ୍ୱ ମଧ୍ୟ ଆଜିଯାଏ ତାଙ୍କ ବିରୋଧରେ କାହିଁକି କଣ୍ଟାବାଞ୍ଜି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ସାଧାରଣରେ ପ୍ରଶ୍ନ ଉଠୁଛି। ଏହାକୁ ନେଇ କଣ୍ଟାବାଞ୍ଜି ସହରରେ ଏବେ ଗୋଟିଏ ଚର୍ଚ୍ଚା ଛୋଟ ମଦ ବେପାରୀ ଫସୁଛି ଓ ବଡ଼ ମଦ ବେପାରୀ ଖସୁଛି।

# ବଲାଙ୍ଗିରରେ ବସୁନ୍ଧରା ଜ୍ୱେଲର୍ସ






ବଲାଙ୍ଗିର, ୧।୩(ସମିସ)

**● ପଶ୍ଚିମ ଓଡ଼ିଶାର ଭରସାଯୋଗ୍ୟ ଅଳଙ୍କାର ପ୍ରତିଷ୍ଠାନ**
**● ଅଳଙ୍କାରର ଗୁଣବତ୍ତା ଉପରେ ଅଧିକ ପ୍ରାଧାନ୍ୟ**
**● କମ୍ ମୂଲ୍ୟ ସହ ଅତ୍ୟନ୍ତ ଆକର୍ଷଣୀୟ ଡିଜାଇନ ଉପଲବ୍ଧ ହେବ**

ଆଭୂଷଣ ନାରୀକୁ ପୂର୍ଣ୍ଣତା ପ୍ରଦାନ କରିଥାଏ। ଆବହମାନ କାଳରୁ ଆଭୂଷଣ ନାରୀର ପ୍ରଥମ ରୁଚି ଓ ପସନ୍ଦ ଭାବେ ରହିଆସିଛି। ଏହା ନାରୀର ବ୍ୟକ୍ତିତ୍ୱକୁ ଆହୁରି ଆକର୍ଷଣୀୟ କରିଥାଏ। ସୁନା, ରୁପା, ହୀରାର ପ୍ରମୁଖ ପ୍ରତିଷ୍ଠାନ ବସୁନ୍ଧରା ଜ୍ୱେଲର୍ସ ଭବାନୀପାଟଣା ସହରରେ ବ୍ୟବସାୟିକ ସଫଳତା ହାସଲ କଲାପରେ ପଶ୍ଚିମ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରମୁଖ ସହର ବଲାଙ୍ଗୀରରେ ପଦାର୍ପଣ କରିଛି। ପରିଚାଳନା ନିର୍ଦ୍ଦେଶକ ମଳୟ ପଣ୍ଡା ଏବଂ ଲିପିକା ପଣ୍ଡାଙ୍କ ତତ୍ତ୍ୱାବଧାନରେ ରବିବାର ବଲାଙ୍ଗିରରେ ବସୁନ୍ଧରା ଜ୍ୱେଲର୍ସ ଉଦ୍‌ଘାଟିତ ହୋଇଛି। ସୀତାଂଶୁ ପଣ୍ଡା ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପ୍ରସିଦ୍ଧ ଟେଲି ତାରକା ସୁଶ୍ରୀ ସସ୍ମିତା ଯୋଗ ଦେଇଥିଲେ। ଏଠାରେ ସୁଲଭ ଦରରେ ସୁନା, ରୂପା, ହୀରା ଗହଣା ଉପଲବ୍ଧ ହେଉଛି। ଅଳଙ୍କାର ଗୁଡିକର ଗୁଣବତ୍ତା ଉପରେ ଅଧିକ ପ୍ରାଧାନ୍ୟତା ଦିଆଯାଉଛି। କମ୍ ମୂଲ୍ୟରେ ଓ ଅତ୍ୟନ୍ତ ଆକର୍ଷଣୀୟ ଡିଜାଇନରେ ଗହଣା ଉପଲବ୍ଧ ହେବ ବୋଲି ପ୍ରତିଷ୍ଠାନ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି। ଆଜିକାଲି ଶୁଦ୍ଧ ଓ ଗୁଣାତ୍ମକ ମାନର ଗହଣା ସୁଲଭ ମୂଲ୍ୟରେ ମିଳିବା ସହଜ ନୁହେଁ; ମାତ୍ର ବସୁନ୍ଧରା ଜ୍ୱେଲର୍ସ ବଲାଙ୍ଗିରବାସୀଙ୍କ ପାଇଁ ଏହି ସୁବିଧା ଓ ସୁଯୋଗ ନେଇ ଆସିଥିବା କହିଛି। ଆଗକୁ ସମ୍ବଲପୁର ଓ ଜୟପୁର ସହରରେ ମଧ୍ୟ ଏହି ପ୍ରତିଷ୍ଠାନ ପଦାର୍ପଣ କରିବ। ତେବେ ବଲାଙ୍ଗିର ସହରରେ ଏଭଳି ଏକ ପ୍ରତିଷ୍ଠିତ ଓ ପରିଚିତ ପ୍ରତିଷ୍ଠାନର ଶୁଭାରମ୍ଭ ହେବା ସ୍ଥାନୀୟ ଗ୍ରାହକଙ୍କ ମହଲରେ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଛି। ଏହି ଅଳଙ୍କାର ପ୍ରତିଷ୍ଠାନଟି ସହରର ଏକ ଅଗ୍ରଣୀ ପ୍ରତିଷ୍ଠାନ ରୂପେ ପରିଗଣିତ ହେବ ବୋଲି ଆଶା ରହିଛି।

# ବଲାଙ୍ଗିରର ଦୀର୍ଘଦିନର ଦାବିକୁ ଅଣଦେଖା କରାଯାଇଛି




**● ଅସନ୍ତୋଷ ପ୍ରକାଶ କଲେ କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ**
**● ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ କିମ୍ବା ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ପ୍ରତିଷ୍ଠା ଦାବି**

ବଲାଙ୍ଗିର, ୧।୩(ସମିସ): ରାଜ୍ୟ ସରକାରଙ୍କ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ ପଶ୍ଚିମ ଓଡ଼ିଶା ତଥା କେବିକେ ଅଞ୍ଚଳ ପାଇଁ ଅନେକ ଉନ୍ନୟନମୂଳକ ଘୋଷଣା କରିଛନ୍ତି; ହେଲେ ବଲାଙ୍ଗିରଠାରେ କୃଷି ବିଶ୍ୱବିଦ୍ୟାଳୟ ପରିବର୍ତ୍ତେ କୃଷି ମହାବିଦ୍ୟାଳୟ ସ୍ଥାପନ ନିଷ୍ପତ୍ତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଦାବି କରିଛନ୍ତି। ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର ଏହି ଦାବି ଉଠାଇଛନ୍ତି। ବଲାଙ୍ଗିରରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ କିମ୍ବା ଭାରତୀୟ କୃଷି ଅନୁସନ୍ଧାନ ପରିଷଦର କେନ୍ଦ୍ର ସ୍ଥାପନ କରିବାକୁ ସେ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ବଜେଟରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଇଁ ୫୦୦ କୋଟି ଟଙ୍କା, କେବିକେ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ୨୫୦ କୋଟି ଟଙ୍କାର ବ୍ୟବସ୍ଥା, ଝାରସୁଗୁଡ଼ାରେ ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁରରେ ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ବଲାଙ୍ଗିରରେ ସରକାରୀ ଇଞ୍ଜିନିୟରିଂ କଲେଜ ଓ କୃଷି ମହାବିଦ୍ୟାଳୟ ସ୍ଥାପନ କରିବାକୁ ଘୋଷଣା କରାଯାଇଛି। ତେବେ ଏନେଇ ଶ୍ରୀ ମିଶ୍ର କହିଛନ୍ତି ଯେ, ଇଞ୍ଜିନିୟରିଂ କଲେଜ ଓ ଅନ୍ୟାନ୍ୟ ପ୍ରକଳ୍ପ ସ୍ୱାଗତଯୋଗ୍ୟ; କିନ୍ତୁ କୃଷି ବିଶ୍ୱବିଦ୍ୟାଳୟ ପାଇଁ ଦୀର୍ଘ ଦିନରୁ ଚାଲିଆସୁଥିବା ଦାବିକୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନର ସରକାରରେ ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂହ ଦେଓ ଉପ-ମୁଖ୍ୟମନ୍ତ୍ରୀ ଅଛନ୍ତି। ଏହାସହ ସେ କୃଷି ବିଭାଗ ଦାୟିତ୍ୱରେ ରହିଛନ୍ତି। ଏଣୁ ତାଙ୍କ ଉପରେ ଜନସାଧାରଣଙ୍କ ଆଶା ବହୁତ ଥିଲା; ହେଲେ ବଲାଙ୍ଗିର ବଞ୍ଚିତ ହୋଇଥିବା ସେ ଅଭିଯୋଗ କରିଛନ୍ତି। ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକ ସମସ୍ତ ଆନୁଷଙ୍ଗିକ ସୁବିଧା ରହିଛି। ଆଞ୍ଚଳିକ ବୈଷମ୍ୟ ଦୂର କରିବା ଏବଂ ବିକାଶର ସମ ବଣ୍ଟନ ପାଇଁ ଏହି ଜିଲ୍ଲାରେ ମହାବିଦ୍ୟାଳୟ ନୁହେଁ, ବରଂ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଛନ୍ତି। ରାଜ୍ୟ ସରକାର ଏହି ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

ସକାଳ
THE SAKALA

ସମ୍ପାଦକୀୟ



ବାର୍ଦ୍ଧକ୍ୟରେ ଜୀବନର କେତେବର୍ଷ କାଟିଲେ ତାହାର ଗଣନା ଅପେକ୍ଷା ବାକି ଥିବା ବର୍ଷଗୁଡ଼ିକରେ ଜୀବନ କେମିତି କାଟିବେ ସେହି ଚିନ୍ତା ଅଧିକ ମହତ୍ତ୍ୱ ରଖେ।
-ଆବ୍ରାହାମ୍ ଲିଙ୍କନ୍

# ଯୁଦ୍ଧ ବିଶ୍ୱବ୍ୟାପୀ ନ ହେଉ

ଆଶଙ୍କା ଅନୁରୂପ ଆମେରିକା ସହଯୋଗରେ ଇସ୍ରାଏଲ୍ ଇରାନ୍ ଉପରେ ଆକ୍ରମଣ କରିବା ସହିତ ବିଧିବଦ୍ଧ ଭାବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହୋଇଛି। ଇସ୍ରାଏଲ୍‌ର କ୍ଷେପଣାସ୍ତ୍ର ମାଡ଼ରେ ଇରାନ୍ ରାଜଧାନୀ ତେହେରାନ୍‌ର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଜୀବନହାନି ସମ୍ପର୍କିତ ନିର୍ଦ୍ଦିଷ୍ଟ ସୂଚନା ମିଳିପାରିନାହିଁ। ଅପରପକ୍ଷରେ ଇରାନ୍‌ର କ୍ଷେପଣାସ୍ତ୍ରମାନ କାତାର, ବାହାରିନ୍, କୁଏତ୍ ଓ ୟୁଏଇର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଭେଦ କରିଛି। ଯୁଦ୍ଧର ସଦ୍ୟତମ ଅଗ୍ରଗତି ସୂଚନା ଆଧାରରେ ପ୍ରାରମ୍ଭିକ ଫଳାଫଳ ଆମେରିକା-ଇସ୍ରାଏଲ୍ ସପକ୍ଷରେ ଯାଇଛି। ଇରାନ୍‌ର ସର୍ବମାନ୍ୟ ନେତା ଇମାମ୍ ଆୟାତୋଲ୍ଲା ଅଲି ଖେମିନି ଓ ତାଙ୍କ ଉତ୍ତରାଧିକାରୀ ପୁତ୍ରଙ୍କୁ ହତ୍ୟା କରିବା ପାଇଁ ଆମେରିକା-ଇସ୍ରାଏଲ୍‌ର ପ୍ରାରମ୍ଭିକ ଲକ୍ଷ୍ୟ ପ୍ରାୟତଃ ପୂରଣ ହୋଇଛି। ରିପୋର୍ଟ ମୁତାବକ ଇସ୍ରାଏଲ୍‌ର ଲକ୍ଷ୍ୟଭେଦୀ ବିମାନ ଆକ୍ରମଣରେ ଖେମିନିଙ୍କ ସମେତ ତାଙ୍କର ସବୁଠାରୁ ବିଶ୍ୱସ୍ତ ଓ ଶକ୍ତିଶାଳୀ ଇସ୍‌ଲାମିକ୍ ରିପବ୍ଲିକ୍ ଗାର୍ଡ କପ୍ସ(ଆଇଆରଜିସି) ର ମୁଖ୍ୟ ମେଜର ଜେନେରାଲ୍ ମହମ୍ମଦ ପାକ୍‌ପୌର, ପ୍ରତିରକ୍ଷା ପରିଷଦ ସଚିବ ଅଲି ଶାମ୍‌ଖାରି, ଶତାଧିକ ସାମରିକ ଓ ପ୍ରଶାସନିକ ଅଧିକାରୀ, ପରମାଣୁ ବୈଜ୍ଞାନିକ ନିହତ ହୋଇଛନ୍ତି। ଇରାନ୍‌ର ଶାସନ କ୍ଷମତା ଅକ୍ତିଆର କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି।

ଅପରପକ୍ଷରେ ଇରାନ୍ ଏବେ ଏକପ୍ରକାର ମୁରବିବିହୀନ ହୋଇଯାଇଛି। ତେଣୁ ଇରାନ୍ ଆତ୍ମସମର୍ପଣ କରିବ କିମ୍ବା ପ୍ରତିଆକ୍ରମଣ ଜୋରଦାର କରିବ ଏବଂ ନୀତିଗତ ନିଷ୍ପତ୍ତି କିଏ ନେବ ତାହା ଉପରେ ଯୁଦ୍ଧର ଭବିଷ୍ୟତ ଓ ଫଳାଫଳ ନିର୍ଭର କରୁଛି। ଏହାପୂର୍ବରୁ ଗତ ବର୍ଷ ଜୁନ୍ ମାସରେ ବାରଦିନିଆ ଯୁଦ୍ଧରେ ଇରାନ୍‌ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରମାନ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବାୟୁପ୍ରତିରକ୍ଷା ପ୍ରଣାଳୀ ଭାବେ ମାନ୍ୟତାପ୍ରାପ୍ତ ଇସ୍ରାଏଲ୍‌ର 'ଆଇରନ୍ ଡ୍ରୋମ୍'କୁ ଅନାୟାସରେ ଭେଦ କରିପାରିଥିଲା। ଯଦି ଇରାନ୍ ଉପରେ ଆକ୍ରମଣ ହୁଏ ତେବେ ଇସ୍ରାଏଲ୍ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ ବୋଲି ଖେମିନି ଏହାପୂର୍ବରୁ ଧମକ ଦେଇଥିଲେ। ଏହାଛଡ଼ା କାତାରରେ ଆମେରିକାର ସର୍ବବୃହତ୍ ବୈଦେଶିକ ଆଣବିକ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବାରୁ ସ୍ୱାଭାବିକ ଭାବେ କାତାର ଇରାନ୍ ଆକ୍ରୋଶର ଶିକାର ହେବ। ତେଣୁ ଇରାନ୍‌ର ପ୍ରତିଆକ୍ରମଣ ଯେତେ ଭୟଙ୍କର ହେବ ଯୁଦ୍ଧର ବିଭୀଷିକା ସେତେ ଉଗ୍ର ହେବ।

ଏହି ଯୁଦ୍ଧ କେତେଦିନ ପର୍ଯ୍ୟନ୍ତ ଚାଲିବ, ତାହା ଅନିଶ୍ଚିତ। ଏହା କିନ୍ତୁ ନିଶ୍ଚିତ ଯେ ଏହି ଅଙ୍ଗର ଯୁଦ୍ଧରେ ମଧ୍ୟପ୍ରାଚ୍ୟ ଏବଂ ସେଠାକାର ନାଗରିକ ହିଁ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ। ଯଦି ଯୁଦ୍ଧ ଜାରି ରହେ ତେବେ ତାହାର ନିଆଁ ସାରା ବିଶ୍ୱକୁ ବ୍ୟାପିପାରେ। ଏହାର ତତ୍କାଳ ଓ ପ୍ରତ୍ୟକ୍ଷ ପ୍ରଭାବରେ ସାମୁଦ୍ରିକ ବାଣିଜ୍ୟର ସୁଗମ ପଥ ହର୍ମୁଜ୍ ପ୍ରଣାଳୀକୁ ଇରାନ୍ ବନ୍ଦ କରିଦେଲେ ୟୁରୋପ ସମେତ କେତେକ ମଧ୍ୟଏସୀୟ ଓ ୟୁରେସୀୟ ରାଷ୍ଟ୍ରରେ ତୈଳସଙ୍କଟ ସୃଷ୍ଟି ହେବ। ଏଥିସହିତ ବହିଃବାଣିଜ୍ୟରେ ବ୍ୟାଘାତ ସୃଷ୍ଟି ହେଲେ ଦରଦାମ ଆହୁରି ବଢ଼ିବ, ଖାଦ୍ୟ ଓ ସ୍ୱାସ୍ଥ୍ୟ ସେବାରେ ସଙ୍କଟ ସୃଷ୍ଟି ହେବ। ତେଣୁ ଏହି ଯୁଦ୍ଧର ପରୋକ୍ଷ ପ୍ରଭାବରେ ଅବଶିଷ୍ଟ ବିଶ୍ୱ ମଧ୍ୟ କ୍ଷତିଗ୍ରସ୍ତ ହେବ। ଏବେ ଇସ୍ରାଏଲ୍‌କୁ ଆମେରିକା ପ୍ରତ୍ୟକ୍ଷ ସମର୍ଥନ ଦେଇଆସୁଛି। ଏହି ଦୃଷ୍ଟିରୁ ଯଦି ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଆହୁରି ଅଧିକ ଉଗ୍ର ହୁଏ ତେବେ ପୃଥିବୀର ମହାଶକ୍ତିମାନେ ଦୁଇଭାଗରେ ବିଭକ୍ତ ହୋଇଯିବାର ଆଶଙ୍କାକୁ ଏଡ଼ାଇ ଦେଉ ହେଉ ନାହିଁ। କାରଣ ଇରାନ୍‌କୁ ପରୋକ୍ଷ ସମର୍ଥନ ଦେଇ ଆସୁଥିବା ଚୀନ୍, ରୁଷ୍, ଉତ୍ତର କୋରିଆ ଓ ତୁର୍କୀ ଭଳି ଆମେରିକା-ବିରୋଧୀ ରାଷ୍ଟ୍ରମାନେ ଇସ୍ରାଏଲ୍ ବିରୋଧରେ ଇରାନ୍‌କୁ ପ୍ରତ୍ୟକ୍ଷ ସହାୟତା ଦେଇପାରନ୍ତି, ଯାହା ପୁଣି ଏକ ବିଶ୍ୱଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି।

ଏ ପୃଷ୍ଠଭୂମିରେ ଭାରତର ବାଣିଜ୍ୟ-ଅର୍ଥନୀତି ମଧ୍ୟ ସୁରକ୍ଷିତ ରହିପାରିବ ନାହିଁ। ଭାରତର ତୈଳ ଚାହିଦାର ୮୮ ପ୍ରତିଶତ ଆମଦାନୀ ଉପରେ ନିର୍ଭର କରୁଥିବା ବେଳେ ହର୍ମୁଜ୍ ପ୍ରଣାଳୀ ଦେଇ ଏହାର ୪୦% ଆସୁଛି। ତେଣୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତିରେ ବିଶ୍ୱ ବଜାରରେ ଯଦି ଅଶୋଧିତ ତୈଳ ଦର ବ୍ୟାରେଲ୍ ପିଛା ୧ ଡଲାର ମଧ୍ୟ ବୃଦ୍ଧି ଘଟେ ତାହାର ବୋଝ ଭାରତ ପାଇଁ ବହୁଗୁଣିତ ହେବ। ସାମ୍ପ୍ରତିକ ସ୍ଥିତିରେ ଭାରତ ପାଇଁ ସବୁଠାରୁ ଉଦ୍‌ବେଗ ହେଉଛି ମଧ୍ୟପ୍ରାଚ୍ୟରେ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା। ସେହି ଅଞ୍ଚଳରେ ପ୍ରାୟ ୯୦ ଲକ୍ଷ ପ୍ରବାସୀ ଭାରତୀୟ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୧୮ ହଜାର ଇସ୍ରାଏଲ୍‌ରେ ଏବଂ ୧୦ ହଜାର ଇରାନ୍‌ରେ ବିଭିନ୍ନ କାମଧନ୍ଦାରେ ନିୟୋଜିତ ଅଛନ୍ତି। ତେଣୁ ଯୁଦ୍ଧ ଆରମ୍ଭ ହେଲେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କାର୍ଯ୍ୟ ଭାରତ ପାଇଁ ଆହ୍ୱାନ ହେବ। ସେମାନେ ଭାରତ ଫେରିଆସିଲେ ଅର୍ଥର ବହିଃସ୍ରୋତ ଗୁରୁତର ବାଧାପ୍ରାପ୍ତ ହୋଇପାରେ। ଏକପକ୍ଷରେ ଇନ୍ଧନମୂଲ୍ୟ ବୃଦ୍ଧି ଜନିତ ମୁଦ୍ରାସ୍ଫୀତି, ଅନ୍ୟପକ୍ଷରେ ଅର୍ଥାଭାବ ଦେଶର ଅଭିବୃଦ୍ଧିକୁ ବ୍ୟାହତ କରିପାରେ। ସର୍ବୋପରି ଯଦି ଯୁଦ୍ଧରେ ଚାବାହାର ବନ୍ଦର କ୍ଷତିଗ୍ରସ୍ତ ହୁଏ ତେବେ ସେଥିରେ ବିପୁଳ ନିବେଶ କରିଥିବା ଭାରତ ହିଁ ସର୍ବାଧିକ କ୍ଷତି ସହିବ।

ଯୁଦ୍ଧର ଫଳାଫଳ ଓ ଅଗ୍ରଗତି ଅପେକ୍ଷା ଏବେ ଏହି ଯୁଦ୍ଧର ପୃଷ୍ଠଭୂମି ଓ କାରଣ ସମ୍ପର୍କରେ ଏକ ସିଂହାବଲୋକନ କରାଯାଉ। ଇରାନ୍‌କୁ ସମ୍ପୂର୍ଣ୍ଣ ରୂପେ ଆଣବିକନିରସ୍ତ୍ର କରିବା ଏହି ଯୁଦ୍ଧର ଏକମାତ୍ର କାରଣ ବୋଲି ଆମେରିକା-ଇସ୍ରାଏଲ୍ ଘୋଷଣା କରିଥିବା ବେଳେ ବାସ୍ତବତା କିନ୍ତୁ ଭିନ୍ନ। କାରଣ ଆନ୍ତର୍ଜାତିକ ଶକ୍ତି ସଂସ୍ଥାର ବିଶେଷଜ୍ଞମାନେ ବହୁବାର ଇରାନ୍‌ରେ ତଦାରଖ କରି ଆଣବିକ ଅସ୍ତ୍ର ନିର୍ମାଣର ଭିତ୍ତିଭୂମି ସେଠାରେ ନଥିବା ରିପୋର୍ଟ ଦେଇଛନ୍ତି। ଏହାଛଡ଼ା ଆଣବିକ ଶକ୍ତିକୁ କେବଳ ଶାନ୍ତିପୂର୍ଣ୍ଣ ଉପଯୋଗ କରାଯାଉଛି ବୋଲି ଇରାନ୍ ମଧ୍ୟ ବାରମ୍ବାର ଦୋହରାଇଆସୁଛି। ତଥାପି ଇସ୍ରାଏଲ୍‌ର ପ୍ରରୋଚନାରେ ଆମେରିକା ଇରାନ୍ ବିପକ୍ଷରେ ଯୁଦ୍ଧ ପାଇଁ ଏକପ୍ରକାର ବାଧ୍ୟ ହୋଇଛି କହିଲେ ଚଳେ। କେତେକ ବିଶେଷଜ୍ଞଙ୍କ ମତରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମ୍ପର୍କରେ କିଛି ଗୁପ୍ତତଥ୍ୟ ଇସ୍ରାଏଲ୍‌ର ଗୁଇନ୍ଦା ସଂସ୍ଥା ମୋସାଦ୍ ପାଖରେ ରହିଛି। ତେଣୁ ତାହାକୁ ନେଇ ଇସ୍ରାଏଲ୍ ଟ୍ରମ୍ପଙ୍କୁ ଏକପ୍ରକାର ବ୍ଲାକ୍‌ମେଲ୍ କରୁଥାଇପାରେ। ଇରାକ୍ ଘାତକ ଅସ୍ତ୍ର ପ୍ରସ୍ତୁତ କରୁଥିବା ନେଇ ଇସ୍ରାଏଲ୍‌ର ଗୁଇନ୍ଦା ତଥ୍ୟ ଆଧାରରେ ୨୦୦୩ରେ ମଧ୍ୟ ଆମେରିକା ଇରାକ୍ ଉପରେ ଆକ୍ରମଣ କରିଥିଲା। କିନ୍ତୁ ଯୁଦ୍ଧରେ ସଦ୍ଦାମ ହୁସେନ୍‌ଙ୍କ ପରାଜୟ ପରେ ବ୍ୟାପକ ଖୋଳତାଡ଼ ସତ୍ତ୍ୱେ ରିପୋର୍ଟ ମୁତାବକ ସେଭଳି କୌଣସି ଘାତକ ଅସ୍ତ୍ର ମିଳିଲା ନାହିଁ। ତେଣୁ ଇସ୍ରାଏଲ୍ କଥାରେ ଆମେରିକାର ଇରାନ୍ ଆକ୍ରମଣ କେତେଦୂର ଗ୍ରହଣୀୟ ତାହା ବିଚାରଯୋଗ୍ୟ। ବରଂ ଏହି ଯୁଦ୍ଧ ଶୀଘ୍ର ବନ୍ଦ ହେଲେ ବିଶ୍ୱ ପାଇଁ ମଙ୍ଗଳମୟ ହେବ।

# ନିରଙ୍କୁଶ ଜନାଦେଶ ବନାମ ନିରଙ୍କୁଶ କ୍ଷମତା

**ଗୌରୀପ୍ରସାଦ ମହାପାତ୍ର**

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ଜନପ୍ରତିନିଧି ସଭାରେ ମୋଟ ଆସନ ସଂଖ୍ୟାର ଦୁଇ-ତୃତୀୟାଂଶ କିମ୍ବା ତା'ଠାରୁ ଅଧିକ ଭୋଟ ମିଳିଲେ ତାହାକୁ 'ନିରଙ୍କୁଶ ଜନାଦେଶ' କୁହାଯାଏ। ଭାରତ ପରି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏବଂ ବହୁଦଳୀୟ ସଂସଦୀୟ ବ୍ୟବସ୍ଥାରେ ନିରଙ୍କୁଶ ଜନାଦେଶ ଚିରସ୍ଥାୟୀ ବିକାଶ ପାଇଁ ଶୁଭଙ୍କର। ସଂସ୍କାରମୂଳକ ପଦକ୍ଷେପ, ଦୀର୍ଘମିଆଦୀ ଯୋଜନା, ପରୀକ୍ଷାନିରୀକ୍ଷା ଆଦି କେବଳ ସଂଖ୍ୟାଗରିଷ୍ଠ ସରକାରରେ ହିଁ ସମ୍ଭବ। ଅପରପକ୍ଷରେ ସଂଖ୍ୟାଲଘୁ ସରକାର ପ୍ରାୟତଃ ଗୋଷ୍ଠୀତନ୍ତ୍ର ଦ୍ୱାରା ପରିଚାଳିତ ହେଉଥିବାରୁ ସଂସ୍କାରଗତ ଦୃଢ଼ ନିଷ୍ପତ୍ତି ନେବାର ଅଧିକାରରୁ ବଞ୍ଚିତ ରହିବା ସ୍ୱାଭାବିକ। ତେଣୁ ସଂଖ୍ୟାଲଘୁ ସରକାର ଉଭୟ ଅର୍ଥନୈତିକ ଓ ସାମାଜିକ ବିକାଶର ପରିପନ୍ଥୀ ବୋଲି କୁହାଯାଏ। କିନ୍ତୁ ନିରଙ୍କୁଶ ଜନାଦେଶ ପାଇଥିବା ରାଜନୈତିକ ଦଳ ଭିତରେ ଯେତେବେଳେ ନିରଙ୍କୁଶ କ୍ଷମତା ବଳୟ ସୃଷ୍ଟି ହୁଏ, ତାହା ଉଭୟ ଦଳୀୟ ଓ ରାଷ୍ଟ୍ରୀୟ ଗଣତନ୍ତ୍ରର ଭବିଷ୍ୟତ ପ୍ରତି ବିପଦ ସୃଷ୍ଟି କରେ। ନିରଙ୍କୁଶ କ୍ଷମତା ମଧ୍ୟ ଅନେକ ସମୟରେ ଭୁଲ୍ ଓ ଦେଶଅହିତ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ପ୍ରୋତ୍ସାହିତ କରେ। ସ୍ୱାଧୀନୋତ୍ତର ଭାରତରେ ବିଗତ ଶତାବ୍ଦୀର ପଚାଶ ଦଶକର ଅପରିଣାମଦର୍ଶୀ ବୈଦେଶିକ ନୀତି, ସତୁରୀ ଦଶକର ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା ଏବଂ ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶକରେ ବିମୁଦ୍ରାକରଣ ନିଷ୍ପତ୍ତି, ତୃତୀୟ ଦଶକରେ ନୂଆ କୃଷି ଆଇନ(ପ୍ରତ୍ୟାହୃତ) ଆଦି ଏହାର ଅଳ୍ପ କେତୋଟି ଉଦାହରଣ।

ବିନମ୍ରତାର ସହିତ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମ ସମ୍ବିଧାନ କେବଳ ନିର୍ବାଚନରେ ବହୁମତ ପାଇଥିବା ରାଜନୈତିକ ଦଳକୁ କ୍ଷମତା ଅର୍ପଣ କରିଛି, ମାତ୍ର ଦଳଗୁଡ଼ିକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ନିରବ ରହିଛି। ନିର୍ବାଚନରେ ହାରିଯାଇଥିବା ରାଜନୈତିକ ଦଳର ସଦସ୍ୟମାନେ ଯେତେ ଜ୍ଞାନୀ, ଗୁଣୀ, ଦୂରଦ୍ରଷ୍ଟା ଓ ପ୍ରତିଭାବାନ ହୁଅନ୍ତୁ ନା କାହିଁକି ଅତିକମ୍‌ରେ ପରବର୍ତ୍ତୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶାସନ, ପ୍ରଶାସନ ଓ ନୀତି ନିର୍ଦ୍ଧାରଣରେ ସେମାନଙ୍କ ମତ, ପ୍ରସ୍ତାବ ଓ ବିଚାରର କୌଣସି ଗୁରୁତ୍ୱ ନଥାଏ। ଶାସନତନ୍ତ୍ର ଗତାନୁଗତିକ ରୀତିରେ ବିରୋଧୀଙ୍କ ମତକୁ ଉଦ୍ଦେଶ୍ୟମୂଳକ ଭାବେ ହେୟଜ୍ଞାନ ଓ ଅଗ୍ରାହ୍ୟ କରିଚାଲିଥାଏ। ଯଦି ଆମ ସମ୍ବିଧାନ ବ୍ରିଟିଶ୍ ଢାଞ୍ଚା ବଦଳରେ ଆମେରିକୀୟ ଢାଞ୍ଚାରେ ପ୍ରସ୍ତୁତ ହୋଇଥା'ନ୍ତା, ତେବେ ନିର୍ବାଚିତ ରାଜନୈତିକ ଦଳ ଏବଂ ଏହାର ମୁଖ୍ୟଙ୍କୁ ଏକଚାଟିଆ ନିରଙ୍କୁଶ କ୍ଷମତା କାର୍ଯ୍ୟକାରୀ କରିବାର ଅଧିକାରରୁ ବଞ୍ଚିତ କରିଥା'ନ୍ତା। ଆମେରିକୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜ୍ୟମାନେ କେନ୍ଦ୍ର ପାଖରେ ନୁହେଁ, ବରଂ ସେମାନଙ୍କ ଭୋଟରଙ୍କ ପାଖରେ ଉତ୍ତରଦାୟୀ। ରାଜ୍ୟମାନେ ସ୍ୱାଧୀନ ଭାବରେ ସେମାନଙ୍କର ନିଜସ୍ୱ ନିର୍ବାଚନ ପ୍ରକ୍ରିୟା ଅନୁପାଳନ କରିବାକୁ ଅଧିକାରପ୍ରାପ୍ତ। ସେଠାରେ ଶାସନର ସର୍ବୋଚ୍ଚ ଶାସନକର୍ତ୍ତା ରାଷ୍ଟ୍ରପତି ମଧ୍ୟ ନିରଙ୍କୁଶ କ୍ଷମତାସମ୍ପନ୍ନ ନୁହନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ସଂସ୍ଥା ରାଷ୍ଟ୍ରପତି ଓ କଂଗ୍ରେସ ଅଧୀନରେ ବିଭକ୍ତ ହୋଇ ପରିଚାଳିତ ହୁଏ। ଏହାଦ୍ୱାରା ନିର୍ବାଚନରେ ବହୁମତ ପାଇ ନ ଥିବା ଦଳର ନେତାମାନଙ୍କର ସ୍ୱର ଓ ମତକୁ ମଧ୍ୟ ବିଭାଜିତ ଶାସନ ପ୍ରକ୍ରିୟା, ପ୍ରଶାସନ ଓ ନୀତି ନିର୍ଦ୍ଧାରଣରେ ଯଥାଯଥ ସମ୍ମାନ ମିଳେ।

ଆମ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁସାରେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଓ ରାଜ୍ୟରେ ମୁଖ୍ୟମନ୍ତ୍ରୀମାନେ ଶାସନର ସର୍ବେସର୍ବା ହୋଇଥିବାରୁ ସେମାନଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ଏବଂ ଶାସନ-ପ୍ରଶାସନ ତାହାକୁ କାର୍ଯ୍ୟକାରୀ କରିବାକୁ ବାଧ୍ୟ। ଏହି ସାମ୍ବିଧାନିକ ବ୍ୟବସ୍ଥାର ସୁଯୋଗ ନେଇ ନିରଙ୍କୁଶ ଶାସନ କ୍ଷମତାରେ ଥିବା ଦଳୀୟ ଓ ସଂସଦୀୟ ମୁଖ୍ୟମାନେ ଦେଶ ଓ ଲୋକହିତ ପାଇଁ ଅନୁପଯୁକ୍ତ ହେଉ ପଛକେ ନିଜ ଦଳକୁ ସୁହାଇବା ପରି ନୀତିନିୟମ ମାନ ପ୍ରଣୟନ କରିଚାଲନ୍ତି ଏବଂ ଆଇନ କାନୁନକୁ ନିଜ ଇଚ୍ଛା ମତେ ମୋଡ଼ି ମକଚି ଦିଅନ୍ତି। ବିରୋଧୀ ଓ ବିପକ୍ଷଙ୍କ ଉପରେ ପ୍ରତିଶୋଧପରାୟଣ ହୋଇ କିମ୍ବା ସେମାନଙ୍କୁ ହଇରାଣ ହରକତ କରିବା ବା ବିପଦରେ ପକାଇବା ଭଳି ଆଇନ ପ୍ରଣୟନ କରନ୍ତି ଏବଂ ସରକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରନ୍ତି। କ୍ଷମତାସୀନ ସରକାର ଦ୍ୱାରା ସିବିଆଇ, ଇଡି, ଆଇଟି ପରି କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ବିରୋଧୀଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଅପବ୍ୟବହାରର ଅଭିଯୋଗ ମଧ୍ୟ ଅମୂଳକ ନୁହେଁ। ସିବିଆଇ ଓ ଇଡିର ଦୁରୁପଯୋଗ ହେଉଥିବା ବା ଉଦ୍ଦେଶ୍ୟମୂଳକ ଭାବେ ବ୍ୟବହାର କରାଯାଉଥିବା ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଅନେକ ଥର ଟିପ୍ପଣୀ ଦେବା ସହିତ ଉଦ୍‌ବେଗ ପ୍ରକାଶ କରିଛନ୍ତି। କ୍ଷମତା ରାଜନୀତିରେ ଉପରୋକ୍ତ ସଂସ୍ଥାଗୁଡ଼ିକର ଦୁରୁପଯୋଗ ଅଭିଯୋଗ ଯେ ନିରାଧାର ନୁହେଁ, ତାହାର ସଦ୍ୟତମ ଉଦାହରଣ ରୂପେ 'ଆମ୍ ଆଦ୍‌ମି ପାର୍ଟି' ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍‌ଙ୍କୁ ସିବିଆଇ ଅଦାଲତ ନିର୍ଦ୍ଦୋଷ ଘୋଷଣା କରିବା ପ୍ରସଙ୍ଗକୁ ନିଆଯାଇପାରିବ। ଅଧିକନ୍ତୁ ନିରଙ୍କୁଶ କ୍ଷମତାର ଆଧିପତ୍ୟ ହିଁ ଆମ ଦେଶର ସ୍ୱାଧୀନୋତ୍ତର ସମୟର ସବୁଠାରୁ ବଡ଼ ବିଡ଼ମ୍ବନା ବୋଲି କୁହାଯାଇପାରେ।

ଭାରତରେ କିନ୍ତୁ ଯେତେବେଳେ ଦୁର୍ନୀତି ଓ ଯୁଦ୍ଧ ଭଳି ପ୍ରସଙ୍ଗ ଉଠିଛି, ତାହା ସଂଖ୍ୟାଗରିଷ୍ଠ କିମ୍ବା ସଂଖ୍ୟାଲଘୁ ସରକାରର ବାଛବିଚାର କରି ନାହିଁ। 'ନିରଙ୍କୁଶ କ୍ଷମତା ହିଁ ଚରମ ଦୁର୍ନୀତିର ପୃଷ୍ଠପୋଷକ' - ଇଂଲଣ୍ଡର ବିଖ୍ୟାତ ଐତିହାସିକ, ରାଜନୀତିଜ୍ଞ, ଲେଖକ ଲର୍ଡ ଆକ୍ଟନଙ୍କ ଉପରୋକ୍ତ ଉକ୍ତି ଭାରତର ଦୁର୍ନୀତି କ୍ଷେତ୍ରରେ ଭୁଲ୍ ସାବ୍ୟସ୍ତ ହୋଇଛି। କାରଣ ବୋଫର୍ସ ଦୁର୍ନୀତି, ଗୋଖାଦ୍ୟ ଦୁର୍ନୀତି, ନିରବ ମୋଦୀ ଓ ମେହୁଲ୍ ଚୋକ୍ସି ବ୍ୟାଙ୍କ ଦୁର୍ନୀତି ଆଦି ସଂଖ୍ୟାଗରିଷ୍ଠ ସରକାର ଅମଳରେ ହୋଇଥିବା ବେଳେ କୋଲଗେଟ୍, ଟୁ-ଜି, କମନ୍‌ୱେଲ୍‌ଥ ଗେମ୍ ଆଦି ଦୁର୍ନୀତି ଭାରତର ଏକ ମେଣ୍ଟ ସରକାର ଅମଳରେ ସଂଘଟିତ ହୋଇଥିଲା। ସେହିପରି ସଂଖ୍ୟାଗରିଷ୍ଠ ସରକାର ଅମଳରେ ୧୯୬୨ରେ ଭାରତ ଚୀନ୍‌ଠାରୁ ପରାଜୟ ଲଭିଥିବା ବେଳେ ୧୯୬୫ ଓ ୧୯୭୧ରେ ନିରଙ୍କୁଶ ଶାସନ କ୍ଷମତା ଅଧୀନରେ ଥିବା ଭାରତଠାରୁ ପାକିସ୍ତାନ ପରାଭବ ପାଇଥିଲା। ଅପରପକ୍ଷରେ ଭାରତର କାରଗିଲ୍ ଯୁଦ୍ଧ ବିଜୟର ସଫଳତା ଏକ କାମଚଳା ସରକାର ଅମଳରେ ହିଁ ମିଳିଥିଲା।

ରାଜତନ୍ତ୍ର ହେଉ କି ଗଣତନ୍ତ୍ର, ନିରଙ୍କୁଶ କ୍ଷମତାର ସବୁଠାରୁ ବଡ଼ ନକାରାତ୍ମକ ଦିଗଟି ହେଲା ସର୍ବୋଚ୍ଚ ସ୍ଥାନ ଅଳଂକୃତ କରିଥିବା ବ୍ୟକ୍ତିମାନଙ୍କ ମନରେ ଏକ ଧାରଣା ସୃଷ୍ଟି ହୁଏ ଯେ ମୁଁ ଯାହା ଜାଣିଛି ଏବଂ କରୁଛି ତାହା ହିଁ ଠିକ୍, ଅନ୍ୟମାନେ ଭୁଲ୍। ନିରଙ୍କୁଶ କ୍ଷମତାର ରକ୍ଷଣଶୀଳ ବଳୟ ଭିତରେ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରାୟତଃ ନିଷ୍ପ୍ରଭ ହୋଇସାରିଥାଏ ଏବଂ ଏହାର କେନ୍ଦ୍ରରେ ଥିବା ବ୍ୟକ୍ତିବିଶେଷ ନୂତନ ପ୍ରତିଭାସମ୍ପନ୍ନ ଓ କରିତ୍‌କର୍ମା ନେତୃତ୍ୱ କିମ୍ବା ବ୍ୟକ୍ତିତ୍ୱଙ୍କ ଉତ୍‌ଥାନକୁ ବରଦାସ୍ତ କରିପାରନ୍ତି ନାହିଁ। ସଚ୍ଚୋଟ, ନୀତିନିଷ୍ଠ ବ୍ୟକ୍ତିମାନେ ଏବଂ ସାଧୁ ରାଜନେତାମାନେ ନିରଙ୍କୁଶ କ୍ଷମତା ବଳୟ ଭିତରେ ଅଣନିଃଶ୍ୱାସୀ ହୋଇ ଦଳ ତ୍ୟାଗ କରନ୍ତି କିମ୍ବା ଅନ୍ୟାୟ, ବ୍ୟଭିଚାର ଓ ଦୁର୍ନୀତିକୁ ପ୍ରଶ୍ରୟ ଦେବାକୁ ବାଧ୍ୟ ହୁଅନ୍ତି।

ନିରଙ୍କୁଶ ଜନାଦେଶ ପାଇଥିବା ଶାସକ ଦଳର ନିରଙ୍କୁଶ ଶାସନ କ୍ଷମତା ନୈତିକତା ଆଧାରିତ ଦୃଷ୍ଟିକୋଣ ଓ ସଂସ୍କାରମୂଳକ କାର୍ଯ୍ୟକ୍ରମ ପ୍ରତି ଅଧିକ ସମର୍ପିତ ହେଲେ ତାହା ପ୍ରଗତିର ଦୀର୍ଘମିଆଦୀ ଭିତ୍ତି ସୃଷ୍ଟି କରିବ। ବର୍ତ୍ତମାନ କିନ୍ତୁ ନିରଙ୍କୁଶ କ୍ଷମତା ଭୋଗ କରୁଥିବା ଶାସକ ଦଳର ମୁଖ୍ୟମାନେ ଏହି ଆଭିମୁଖ୍ୟରୁ ଦୂରେଇ ଯାଇ ସ୍ୱାର୍ଥସନ୍ଧ ହେଉଥିବା ଦେଖାଯାଉଛି। ଏହା ଦୀର୍ଘମିଆଦୀ ଦୃଷ୍ଟିରୁ ସମ୍ପୃକ୍ତ ରାଜନୈତିକ ଦଳ ପାଇଁ ଅନୁକୂଳ ନୁହେଁ, ଯାହାର ଉଦାହରଣ ଏବେ ଦେଶର ସର୍ବପୁରାତନ ରାଜନୈତିକ ଦଳର ସ୍ଥିତି ଆମକୁ ସୂଚାଇ ଦେଉଛି। ସେହିପରି ନିରଙ୍କୁଶ କ୍ଷମତା ବଳୟ ଭିତରେ ଗୃହୀତ ନିଷ୍ପତ୍ତି ଓ ପଦକ୍ଷେପ ଯେ ଦେଶର ସାମୂହିକ ଜନସ୍ୱାର୍ଥର ପରିପନ୍ଥୀ ତାହାର ପ୍ରତିଫଳନ ଭାରତର ସାମାଜିକ-ଆର୍ଥିକ ବୈଷମ୍ୟ ରୂପରେ ଆମ ସମ୍ମୁଖରେ ସମ୍ପ୍ରତି ପ୍ରତିଭାତ। ଅପରପକ୍ଷରେ ନିରଙ୍କୁଶ ଜନାଦେଶର ନିରଙ୍କୁଶ ଶାସନ କ୍ଷମତା ମଧ୍ୟ ଯେ ଓଡ଼ିଶା ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ-ଚିର ଅବହେଳିତ-ଅନାହାର ଓ ଦାରିଦ୍ର୍ୟର ଅପବାଦ ଜର୍ଜରିତ ଏକ ରାଜ୍ୟକୁ ଦୀର୍ଘ ଦୁଇଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ସ୍ଥିର ଶାସନ ଓ ଦୃଢ଼ ନେତୃତ୍ୱ ବଳରେ ଈର୍ଷଣୀୟ, ଅନୁକରଣୀୟ ଓ ଉଦାହରଣୀୟ ଦ୍ରୁତ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିପାରେ, ତାହା ଏବେ ବିଶ୍ୱ ସମୁଦାୟ ସସମ୍ମାନେ ସ୍ୱୀକାର କରି ନେଇଛି।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ଶିକ୍ଷାର ଗୁଣାତ୍ମକ ମାନ

**ସତ୍ୟନାରାୟଣ ପାଢ଼ୀ**

ମାନବସମ୍ବଳର ବିକାଶ ବିନା ଏକ ଦେଶର ସାମଗ୍ରିକ ବିକାଶ ସମ୍ଭବ ନୁହେଁ। ନାଗରିକକୁ ମାନବସମ୍ବଳରେ ପରିଣତ କରିପାରିଲେ ସେ ଜାତୀୟ ଆର୍ଥିକ ଅଭିବୃଦ୍ଧିର ଦୁର୍ଲଭ ବାହକ ହୁଏ। ଅପରପକ୍ଷରେ ଏହାର ବିପରୀତ ଘଟିଲେ ଉକ୍ତ ନାଗରିକ ହିଁ ରାଷ୍ଟ୍ର ପାଇଁ ବୋଝ ହୋଇଯାଏ। ଏ ରୂପାନ୍ତରଣ ପ୍ରକ୍ରିୟାରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ ମାନବସମ୍ବଳ ସୃଷ୍ଟି କରିବା କରିବା ପାଇଁ ଶିକ୍ଷା ପ୍ରଥମ ଆବଶ୍ୟକତା ହେଉଥିବାରୁ ଶିକ୍ଷାର ବିକାଶ ଦିଗକୁ ସରକାର ଅଗ୍ରାଧିକାର ଦେବା ଆବଶ୍ୟକ।

ଶିକ୍ଷାର ବିକାଶ ପାଇଁ ଆମ ଦେଶରେ ଅନେକ ପଦକ୍ଷେପ ନିଆଯାଉଛି। ବିଭିନ୍ନ ଯୋଜନା ପ୍ରଣୟନ ସହିତ ନୂତନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା, ଭିତ୍ତିଭୂମିର ବିକାଶ, ଅନୁଷ୍ଠାନଗୁଡ଼ିକୁ ସରକାରୀ ଅନୁଦାନ ପ୍ରଦାନ ଆଦି ଏହି ପଦକ୍ଷେପ ମଧ୍ୟରେ ଅର୍ନ୍ତଭୁକ୍ତ। ଏହା କିନ୍ତୁ ଶିକ୍ଷାର ସାମଗ୍ରିକ ବିକାଶ ପରିଭାଷା ନୁହେଁ। ଅନ୍ୟଅର୍ଥରେ କହିବାକୁ ଗଲେ ଶିକ୍ଷାର ଉନ୍ନତି କଳ୍ପେ ସରକାରୀ ସ୍ତରରେ କିଛି ପଦକ୍ଷେପ ନେଇ ଶିକ୍ଷାର ଉନ୍ନତି ପାଇଁ କାର୍ଯ୍ୟ କରାଯାଉଛି ବୋଲି ଆତ୍ମତୃପ୍ତି ଲାଭ କରିବାର କୌଣସି ଅବକାଶ ନାହିଁ। କାରଣ ଶିକ୍ଷାର ପ୍ରକୃତ ବିକାଶ ହେଉଛି ଶିକ୍ଷାର ଗୁଣାତ୍ମକ ମାନ ଅଭିବୃଦ୍ଧି। ଏ ପରିପ୍ରେକ୍ଷୀରେ ବାସ୍ତବ ସ୍ଥିତିର ଏକ ଆକଳନ କଲେ ଜାଣିପାରିବା ଯେ ଭିତ୍ତିଭୂମି ଆଧାରରେ ଆମ ରାଜ୍ୟରେ ହୁଏତ ବିଗତ କିଛିବର୍ଷରେ ଶିକ୍ଷାର ପ୍ରସାର ଘଟିଥାଇପାରେ, ମାତ୍ର ଶିକ୍ଷାର ଗୁଣାତ୍ମକ ମାନର ସ୍ଥିତିରେ ଆଶାନୁରୂପ ଉନ୍ନତି ଘଟିପାରିନାହିଁ।

ଆଜିର ଦିନରେ ତୃଣମୂଳ ସ୍ତରର ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତରର ବିଶ୍ୱବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ସର୍ବତ୍ର ଶିକ୍ଷାର ଗୁଣାତ୍ମକ ମାନର ବ୍ୟାପକ ମାତ୍ରାରେ ଅବକ୍ଷୟ ଘଟୁଥିବାର ଅଭିଯୋଗ ଓ ଦୃଷ୍ଟିଗୋଚର ହେଉଛି। ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବା ଅଧିକାଂଶ ପିଲା ନିର୍ଭୁଲ ଭାବେ ଯୁକ୍ତାକ୍ଷର ଯୁକ୍ତ ଓଡ଼ିଆ ଶବ୍ଦ ଲେଖିପାରୁନାହାନ୍ତି କି ସାଧାରଣ ଗଣିତ ପ୍ରଶ୍ନଗୁଡ଼ିକର ସମାଧାନ କରିପାରୁନାହାନ୍ତି। ଇଂରାଜୀ କଥା ତ ନକହିବା ଭଲ। ବିଜ୍ଞାନ ବିଷୟରେ ପିଲାମାନଙ୍କ ଆଗ୍ରହ ସୃଷ୍ଟି କରିବା ଦିଗରେ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ପର୍ଯ୍ୟାପ୍ତ କି - ଏହା ତ ଲକ୍ଷେକୋଟିର ପ୍ରଶ୍ନ। ଗ୍ରାମାଞ୍ଚଳରେ ଶିକ୍ଷାର ପରିବେଶ ଏତେ ଖରାପ ଯେ ପିଲାଙ୍କ ପାଇଁ ଗୁଣାତ୍ମକ ମାନର ଶିକ୍ଷା ସାତସପନ ପରି ମନେହୁଏ। ଏପଟେ ବଡ଼ ବଡ଼ ନାମୀଦାମୀ ବିଶ୍ୱବିଦ୍ୟାଳୟଗୁଡ଼ିକରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଆସୁଥିବା ଅନେକ ପିଲାଙ୍କ ବୌଦ୍ଧିକ ଦକ୍ଷତା ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ।

କହିବା ଅନାବଶ୍ୟକ ଯେ ସର୍ବଭାରତୀୟ ସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଆଗରୁ ଓଡ଼ିଶାର ପିଲାମାନେ ଭଲ ପ୍ରଦର୍ଶନ କରୁଥିବାର ଦୃଷ୍ଟାନ୍ତ ରହିଛି। ୟୁପିଏସସି ଦ୍ୱାରା ପରିଚାଳିତ ସର୍ବଭାରତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଓଡ଼ିଶାର ପ୍ରତିଯୋଗୀମାନେ ଏକାଧିକ ଥର ପ୍ରଥମ ସ୍ଥାନ ଅଧିକାର କରିବାର ମଧ୍ୟ ରେକର୍ଡ ରହିଛି। ମାତ୍ର ଗତ କିଛିବର୍ଷ ହେଲା ସର୍ବଭାରତୀୟସ୍ତରର ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକରେ ଓଡ଼ିଶା ପିଲାଙ୍କ ପ୍ରଦର୍ଶନ ସନ୍ତୋଷଜନକ ନୁହେଁ। ତା'ପଛରେ ଏବେକାର ଓଡ଼ିଶା ପିଲାଙ୍କ ବୌଦ୍ଧିକ ଦକ୍ଷତାରେ ଘଟିଥିବା ହ୍ରାସ ମଧ୍ୟ ଅନ୍ୟତମ କାରଣ।

ଏଠାରେ ଉଲ୍ଲେଖନୀୟ ଯେ ଶିକ୍ଷାର ବ୍ୟାପକ ଘରୋଇକରଣ ଓ ବ୍ୟବସାୟୀକରଣ ସତ୍ତ୍ୱେ ଆଜି ମଧ୍ୟ ରାଜ୍ୟର ଅଧିକାଂଶ ପିଲା ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ପଢୁଛନ୍ତି। ଏହି ପ୍ରସଙ୍ଗର ଆଲୋଚନାକ୍ରମେ ସରକାରୀ ଶିକ୍ଷାନୁଷ୍ଠାନକୁ ମାପକାଠି ହିସାବରେ ନିଆଯାଇପାରେ। ତେବେ ଇତିମଧ୍ୟରେ ଅନ୍ୟ ଏକ ଚିତ୍ର ମଧ୍ୟ ସାମନାକୁ ଆସୁଛି। ପୂର୍ବରୁ ଏକ ଧାରଣା ରହିଥିଲା ଯେ ସରକାରୀ ଶିକ୍ଷାନୁଷ୍ଠାନ ଶିକ୍ଷାଦାନର ମାନ ଅତ୍ୟନ୍ତ ନିମ୍ନମାନର। ଆଉ ସେଥିପାଇଁ ଗୁଣାତ୍ମକ ଶିକ୍ଷା ସରକାରଙ୍କ ଦ୍ୱାରା ପରିଚାଳିତ ଅନୁଷ୍ଠାନରୁ ଆଶା କରାଯାଇ ନ ପାରେ। ମାତ୍ର ଏ ଧାରଣା ମଧ୍ୟ ଭ୍ରାନ୍ତ ବୋଲି ଇତିମଧ୍ୟରେ ପ୍ରମାଣିତ ହୋଇସାରିଛି। ଏବେ ଧୁଆମୂଳା ଅଧୁଆମୂଳା ସମସ୍ତେ ସମାନ। ଅର୍ଥାତ୍ ଏବେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ମର୍ମସ୍ପର୍ଶୀ ବିଜ୍ଞାପନ ଯାହା କହେ ବାସ୍ତବ ଚିତ୍ର ସେଇଆ ନୁହେଁ। ଆହୁରି ସ୍ପଷ୍ଟ ଭାବରେ କହିବାକୁ ଗଲେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ଏଭଳି ନାମୀଦାମୀ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠ ପଢୁଥିବା ପିଲାଙ୍କ ମଧ୍ୟରେ ହାତଗଣତି କେତେ ଜଣକୁ ଛାଡ଼ିଦେଲେ ଅନ୍ୟମାନଙ୍କ ବୌଦ୍ଧିକ ଦକ୍ଷତା ସନ୍ତୋଷଜନକ ନୁହେଁ ବୋଲି ମନେହୁଏ।

ଅତଏବ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆମର ସାମ୍ପ୍ରତିକ ସ୍ଥିତି ନିଶ୍ଚିତ ଭାବରେ ଉଦ୍‌ବେଗଜନକ। ଏବେ ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଲାଗିରହିଛି ବିବିଧ ସମସ୍ୟା। ଶିକ୍ଷାର ବ୍ୟାପକ ବ୍ୟବସାୟୀକରଣ ସାଙ୍ଗକୁ ଆକାଶଛୁଆଁ ଦର ଗରିବ, ନିମ୍ନ-ମଧ୍ୟବିତ୍ତ, ଏପରିକି ମଧ୍ୟବିତ୍ତଙ୍କ ପାଇଁ ଏକ ଅଦିନ ବଜ୍ରପାତ ଭଳି ସମସ୍ୟା ସୃଷ୍ଟି କରୁଛି। ତା'ସାଙ୍ଗକୁ ଶିକ୍ଷାର ଗୁଣାତ୍ମକ ମାନର ହ୍ରାସ ସମସ୍ୟା ଜର୍ଜରିତ ଶିକ୍ଷାବ୍ୟବସ୍ଥାକୁ ଆହୁରି ଜଟିଳ କରୁଛି। ଘରୋଇ କ୍ଷେତ୍ରର ବଡ଼ବଡ଼ ଉଦ୍ୟୋଗଗୁଡ଼ିକ କହୁଛନ୍ତି ଯେ ସେମାନଙ୍କ ପାଖରେ ନିଯୁକ୍ତିର ଅଭାବ ନାହିଁ। ମାତ୍ର ନିଯୁକ୍ତି ଦେବା ପାଇଁ ଉପଯୁକ୍ତ ପ୍ରାର୍ଥୀ ମିଳୁନାହାନ୍ତି। ଏ କଥା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼ିଥାଏ। ତା'ଛଡ଼ା ଏହା ଚିନ୍ତାର କାରଣ ମଧ୍ୟ ଅଟେ। କାରଣ ଏହା ଆମ ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରଦତ୍ତ ଶିକ୍ଷାଦାନର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏପଟେ ପୁଣି ରହିଛି ବୈଶ୍ୱିକ ପ୍ରତିଯୋଗିତା। ଯଦି ଘରୋଇସ୍ତରରେ ଆମ ପିଲା ଉପଯୁକ୍ତ ହୋଇପାରୁନାହାନ୍ତି ବୈଶ୍ୱିକ ପ୍ରତିଯୋଗିତାର ଦୌଡ଼ରେ ସେମାନେ ତିଷ୍ଠି ରହିବେ କିପରି?

ଉପସଂହାରରେ ଏତିକି କହିବା ଯେ ଯେଉଁମାନେ କେବଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅଥବା ଘରୋଇ ଉଦ୍ୟୋଗଗୁଡ଼ିକରେ ଚାକିରି କରିବେ ସେମାନଙ୍କୁ ଗୁଣାତ୍ମକ ମାନର ଶିକ୍ଷା ଦରକାର। ଅନ୍ୟମାନେ କେବଳ ସାର୍ଟିଫିକେଟ୍‌ଧାରୀ ହେଲେ ଚଳିବ ସେକଥା ନୁହେଁ। ଉତ୍ତମ ଶିକ୍ଷା ସମସ୍ତଙ୍କ ସକାଶେ ଅତ୍ୟାବଶ୍ୟକ। କାରଣ ଉତ୍ତମ ଗୁଣାତ୍ମକମାନର ଶିକ୍ଷା ହିଁ ବ୍ୟକ୍ତିବିଶେଷର ବ୍ୟକ୍ତିଗତ ଉନ୍ନତିଠାରୁ ଆରମ୍ଭ କରି ଜାତୀୟ ପ୍ରଗତିକୁ ସୁନିଶ୍ଚିତ କରିଥାଏ।

ବରଗଡ଼, ମୋ: ୯୧୭୮୪୦୮୫୨୪

# ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

**ପସାରୁଣି**
Shunk Vine- Paederia foetida
ପ୍ରକୃତି-ପରିବେଶ

ପସାରୁଣି ବା ପ୍ରସାରୁଣି ଭାରତ ସମେତ ବାଂଲାଦେଶ, ଭୁଟାନ କାମ୍ବୋଡ଼ିଆ, ତାଇୱାନ ଓ ଚୀନ ଭଳି ସମଶୀତୋଷ୍ଣ ଓ ଉଷ୍ମମଣ୍ଡଳୀୟ ଏସୀୟ ଦେଶଗୁଡ଼ିକର ମୂଳଜାତ ଉଦ୍ଭିଦ। ପରେ ପରେ ଏହାକୁ ଆଫ୍ରିକା, ଉତ୍ତର ଆମେରିକା ଓ ଅନ୍ୟାନ୍ୟ ଅଞ୍ଚଳରେ ପ୍ରବେଶ କରାଯାଇଥିଲା। ଏହା ବେଳେବେଳେ ଝରଣା ଓ ଜଙ୍ଗଲ ସୀମାବର୍ତ୍ତି ମିଶ୍ରିତ ଜଙ୍ଗଲରେ ଦେଖାଯାଏ। ସମୁଦ୍ର ପତ୍ତନଠାରୁ ୩, ୦୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ଜଙ୍ଗଲ, ପର୍ବତ, ସମତଳ, ବାଲିଆ କିମ୍ବା ପଥୁରିଆ ସମୁଦ୍ର ଉପକୂଳ ଅଞ୍ଚଳରେ ପସାରୁଣୀ ଦେଖିବାକୁ ମିଳିଥାଏ। ଉପକାରୀ ଔଷଧୀୟ ଗୁଣ ପାଇଁ ଗ୍ରାମାଞ୍ଚଳରେ ବାଡ଼ିବଗିଚାରେ ମଧ୍ୟ ଏହାକୁ ଲଗା ଯାଇଥାଏ।

ପସାରୁଣି ଏକ ପର୍ଣ୍ଣମୋଚୀ ଆରୋହୀ ଉଦ୍ଭିଦ, ଯାହା ପ୍ରାୟ ୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର କାଣ୍ଡଟି କଠିନ, ଶୁଷ୍କ ଓ ଧୂସରରୁ ମାଟିଆ ରଙ୍ଗର। ପତ୍ରଗୁଡ଼ିକ ଡେମ୍ଫଯୁକ୍ତ, ସରଳ, ବିପରୀତ, ଡିମ୍ବାକାର କିମ୍ବା ଆୟତାକାର। ଫନେଲ ବା କାହାଳୀ ଆକାରର ଫୁଲଗୁଡ଼ିକ ଫିକାବାଇଗଣୀ, କିମ୍ବା ଧୂସର ଗୋଲାପୀ କିମ୍ବା ଧୂସର ଧଳା, ଘନ କେଶଯୁକ୍ତ, ୫ ଟି ବିସ୍ତାରିତ ପାଖୁଡ଼ା ସହିତ ଦଳମଣ୍ଡଳ। ଚକଚକିଆ ମାଟିଆ ଫଳ ଏକ ଗୋଲାକାର କ୍ୟାପସୁଲ୍ ଯାହା ୨ ଟି କଳା ଗୋଲାକାର ବିହନ ଧାରଣ କରିଥାଏ। ଫୁଲ ଓ ଫଳଗୁଡ଼ିକ ମୁଖ୍ୟତଃ ଗ୍ରୀଷ୍ମ ଓ ଶରତ ଋତୁରେ ହୋଇଥାଏ।

ପସାରୁଣୀ ଆୟୁର୍ବେଦ ଓ ଅନ୍ୟାନ୍ୟ ପାରମ୍ପରିକ ଔଷଧ ଭାବରେ ବହୁକାଳରୁ ବ୍ୟବହୃତ। ଏହାର ପତ୍ର କିମ୍ବା କାଣ୍ଡକୁ କାଟି ଚୂର୍ଣ୍ଣ କଲେ, ହାତରେ ଚକଟି ଦଳିଲେ କିମ୍ବା ରୋଷେଇ କଲେ ଦୁର୍ଗନ୍ଧ ସହିତ ତିକ୍ତ ସ୍ୱାଦ ବାରି ହୁଏ। କାରଣ ଏଥିରେ ମୁଖ୍ୟତଃ ଡାଇମିଥାଇଲ୍ ଡାଇସଲଫାଇଡ୍ ସମେତ ସଲଫର ଯୌଗିକ ଜୈବ ରସାୟନ ଭରପୂର ଥାଏ। ଏହି ଉଦ୍ଭିଦର ନାମ ଲାଟିନ୍ ଭାଷା 'ଫୋଏଟିଡା'ରୁ ଉଦ୍ଧୃତ, ଯାହାର ଅର୍ଥ ହେଉଛି 'ଦୁର୍ଗନ୍ଧଯୁକ୍ତ'। ଏହା ଯକୃତ ରୋଗ, ଆମବାତ, ଗଣ୍ଠିବାତ, ମଧୁମେହ, କୋଷ୍ଠକାଠିନ୍ୟ, କାଶ, ନାଳଝାଡ଼ା, ତରଳଝାଡ଼ା, ଦାନ୍ତବିନ୍ଧା, ହାଡ଼ଭଙ୍ଗା, ପେଟବ୍ୟଥା, ଭେସିକାଲ୍ କାଲକୁଲି, ପ୍ରଦାହ, ଆସ୍ଥମା, ଅର୍ଶରୋଗ, ପୁରୁଷ ଶୁକ୍ରାଣୁ ଦୁର୍ବଳତା, କ୍ଷତ ଉପଚାର, ଶାନ୍ତକାରୀ ଏବଂ ଅନ୍ୟାନ୍ୟ ବିଭିନ୍ନ ରୋଗର ଚିକିତ୍ସାରେ ଉପଯୋଗୀ ଅଟେ। ଆନାଲ୍‌ଜେସିକ୍, ଆଣ୍ଟି-ଇନ୍‌ଫ୍ଲେମାଟୋରୀ, ଆଣ୍ଟି-ଆଥ୍ରାଇଟିକ୍, ଆଣ୍ଟିମାଇକ୍ରୋବାୟଲ୍, ହେପାଟୋପ୍ରୋଟେକ୍ଟିଭ୍, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିହାଇପର୍‌ୟୁରିସେମିକ୍, ଆଣ୍ଟେଲମିଣ୍ଟିକ୍, ସାଇଟୋଟକ୍ସିକ୍, ରେନୋପ୍ରୋଟେକ୍ଟିଭ୍, କାର୍ଡିଓଟୋନିକ୍, ଆନ୍‌ସିଓଲାଇଟିକ୍, ଆଣ୍ଟିକନ୍‌ଭଲସାଣ୍ଟ ଭାବରେ ଏହାର ବହୁଳ ଅବଦାନ ରହିଛି। ପତ୍ର ରସ ଆଷ୍ଟ୍ରିଞ୍ଜେଣ୍ଟ ଓ ଡାଇରିଆର ଚିକିତ୍ସା ପାଇଁ ପିଲାମାନଙ୍କୁ ଦିଆଯାଏ। ହର୍ପିସ୍‌ରେ ପେଟ ଫୁଲିବା ଓ ପରିସ୍ରା ଧରି ରଖିବା ହେତୁ ଫୁଲା ଦୂର କରିବା ପାଇଁ ପତ୍ରର ପଲ୍ଟିସ୍ ବ୍ୟବହାର କରାଯାଏ। ପତ୍ରର କାଢା ଭେସିକାଲ୍ କାଲକୁଲିକୁ ଦ୍ରବୀଭୂତ କରେ ଏବଂ ମୂତ୍ରବର୍ଦ୍ଧକ ଭାବରେ କାର୍ଯ୍ୟ କରେ। ଫଳ ଦାନ୍ତ ବିନ୍ଧା ଉପଶମ କାରକ। ଉତ୍ତର-ପୂର୍ବ ଏବଂ ପୂର୍ବ-ଭାରତରେ କିଛି ପାରମ୍ପରିକ ରୋଷେଇରେ ଏହାର ସମୃଦ୍ଧ ପୁଷ୍ଟିକର ମୂଲ୍ୟ ଏବଂ ରାନ୍ଧଣା ମସଲା ହେତୁ ପନିପରିବା ଭାବରେ ମଧ୍ୟ ବ୍ୟବହୃତ କରାଯାଏ। ଚୀନର ହାଇନାନ ବାସିନ୍ଦା ପତ୍ରଗୁଡ଼ିକୁ ଗୁଣ୍ଡ କରି ମଇଦାରେ ମିଶାଇ ନୁଡୁଲ୍ ତିଆରି କରି ଖାଆନ୍ତି। ଏହି ଉଦ୍ଭିଦରେ ଇରିଡଏଡ୍ ଗ୍ଲାଇକୋସାଇଡ୍, ଆନ୍ଥ୍ରାକୁଇନୋନ୍, ଫେନୋଲିକ୍ ଡେରିଭେଟିଭ୍ସ, ଟେର୍ପେନୋଇଡ୍ସ, ଫାଇଟୋଷ୍ଟେରୋଲ୍ସ, ଆସ୍ପେରୁଲୋସାଇଡ୍, ପାଏଡେରୋସିଡିକ୍ ଏସିଡ୍, ଫେନୋଲିକ୍ ଯୌଗିକ, ଆଲକାଲଏଡ୍ସ, ଟାନିନ୍ ଏବଂ ଅନ୍ୟାନ୍ୟ ବିବିଧ ସକ୍ରିୟ ଜୈବିକ ରସାୟନ ଗଚ୍ଛିତ ଥାଏ। ପତ୍ରଗୁଡ଼ିକ କ୍ୟାରୋଟିନ୍ ଓ ଭିଟାମିନ୍ ସି ରେ ଭରପୂର। ଏଥିରେ କେଟୋ ଆଲକୋହଲ୍, କେଟୋ ଯୌଗିକ ଓ ଆଲକାଲଏଡ୍ ମଧ୍ୟ ଅଧିକ ପରିମାଣରେ ଥାଏ।

ବିହନ ଓ ଅଙ୍ଗରୁ ଏହାର ବଂଶବିସ୍ତାର ହୁଏ। ତାଜା ବିହନର ଅଙ୍କୁର ବୃଦ୍ଧି ହାର ଅଧିକ ଥାଏ। ଏହା ଭଲ ଜଳ ନିଷ୍କାସନକାରୀ ମାଟିରେ ବଢ଼ିଥାଏ, ଯାହା ଜୈବିକ ପଦାର୍ଥରେ ଭରପୂର ଥାଏ। ପରୋକ୍ଷ ସୂର୍ଯ୍ୟକିରଣ ସହିତ ଏକ ଉଷ୍ମ, ଖରା ସ୍ଥାନରେ ପାତ୍ର ବା କୁଣ୍ଡଗୁଡ଼ିକୁ ରଖାଯାଏ। ମାଟିକୁ ସ୍ଥିର ଭାବରେ ଓଦା ରଖିବା ଉଚିତ; କିନ୍ତୁ ପାଣି ଜମି ରହିବ ନାହିଁ। ମାଟିର ଉପର ସ୍ତର ଶୁଖିଲା ଅନୁଭବ ହେଲେ ଗଛଗୁଡ଼ିକୁ ପାଣି ଦିଆଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

## ଟ୍ରିବ୍ୟୁନାଲର କ୍ଷେତ୍ର ପରିଦର୍ଶନ ଜଳ ବିବାଦ ସମାଧାନରେ ସହାୟକ ହେବ: ପୀତାମ୍ବର



ପୁରୀ,୧।୩(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ମହାନଦୀ ଟ୍ରିବ୍ୟୁନାଲ୍ ଟିମ୍। ରବିବାର ମଧ୍ୟାହ୍ନରେ ଟିମ୍ ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍. ତ୍ରିବେଦୀ, ଜଷ୍ଟିସ ଡ. ରବି ରଞ୍ଜନ, ସଦସ୍ୟ ଜଷ୍ଟିସ ଇନ୍ଦରମିତ୍ କୌର କୋଚର୍ ସପରିବାର ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ନିକଟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ସେବାୟତ ଟିମ୍ ସଦସ୍ୟଙ୍କୁ ସ୍ବାଗତ କରି ମନ୍ଦିର ଭିତରକୁ ପାଛୋଟି ନେଇଥିଲେ।

ଦର୍ଶନ ପରେ ସ୍ଥାନୀୟ ଏକ ହୋଟେଲରେ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଟିମ୍ ସହିତ ଥିବା ଏଜି ଶ୍ରୀ ଆଚାର୍ଯ୍ୟ କହିଥିଲେ, ଟ୍ରିବ୍ୟୁନାଲ୍‌ର ୫ଦିନିଆ ଓଡ଼ିଶା ଗସ୍ତର ରବିବାର ଥିଲା ଚତୁର୍ଥ ଦିବସ। ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଏ ଗସ୍ତ ଗୁରୁତ୍ୱ ବହନ କରୁଛି। ଟେକ୍ନିକାଲ୍ ଟିମ୍ ସେମାନଙ୍କୁ ପାୱାର ପ୍ରେଜେଣ୍ଟେସନ୍ ମାଧ୍ୟମରେ ସମ୍ପୂର୍ଣ୍ଣ ପ୍ରସଙ୍ଗ ଜଣାଇଥିଲେ। ନ୍ୟାୟିକ ବ୍ୟବସ୍ଥାରେ ବାସ୍ତବ ସ୍ଥିତିକୁ ସ୍ବଚକ୍ଷୁରେ ଦେଖିଲେ ହିଁ ମୂଳ ପ୍ରସଙ୍ଗକୁ ବୁଝି ହେବ। ତେଣୁ, ଉଭୟ ରାଜ୍ୟର ଭୌଗୋଳିକ ସ୍ଥିତିକୁ ବୁଝିବା ଟିମ୍ ଗସ୍ତର ଉଦ୍ଦେଶ୍ୟ ରହିଥିଲା। ଜଳଭଣ୍ଡାର, ୩ଟି ରାମସାର୍ ସାଇଟ୍, ସାତକୋଶିଆ ଗଣ୍ଡ, ହୀରାକୁଦ ପରିଦର୍ଶନ କରିବା ପରେ ସୋମବାର ଚିଲିକା ପରିଦର୍ଶନ କରିବ ଟିମ୍। ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ଅନୁରୋଧ ରହିଥିଲା। ବେଲା ତ୍ରିବେଦୀ ମଧ୍ୟ ତାଙ୍କ କାର୍ଯ୍ୟକାଳରେ ପ୍ରଥମଥର ଓଡ଼ିଶା ଆସି ସ୍ଥିତି ସମୀକ୍ଷା କରିଛନ୍ତି। ୪ ଦିନ ରହଣୀ କାଳରେ ସେ ହୀରାକୁଦ ବନ୍ଧ, ବୁର୍ଲା ପାୱାର ହାଉସ୍, ହୀରାକୁଦ ଡ୍ୟାମ୍ ପ୍ରତ୍ୟକ୍ଷ ନିରୀକ୍ଷଣ କରିଛନ୍ତି। ବୁର୍ଲାରୁ ସମ୍ବଲପୁର ମଧ୍ୟରେ ମହାନଦୀର ସମ୍ପୂର୍ଣ୍ଣ ଡେଲ୍‌ଟା ଏରିଆ ଆକାଶମାର୍ଗରୁ ଦେଖିଛନ୍ତି। ମହାନଦୀ ଯାଇଥିବା ସମ୍ବଲପୁର, ବରଗଡ଼, ସୋନପୁରକୁ ଆକାଶମାର୍ଗରୁ ନିରୀକ୍ଷଣ କରିଛନ୍ତି। ଆଗାମୀ ଦିନରେ ଏହାର ସୁଫଳ ମିଳିବ। ଦେଶରେ ଅଧିକାଂଶ ଜଳବିବାଦ ଅମୀମାଂସିତ ରହିଥିବା ବେଳେ ଏହି ଜଳ ବିବାଦରେ ସମାଧାନ ବାଟ ଦେଖାଯାଉଛି ବୋଲି କହିଛନ୍ତି ଏଜି ଶ୍ରୀ ଆଚାର୍ଯ୍ୟ।

# କଂଗ୍ରେସ ବିଧାୟକଙ୍କ ଉପରେ ଏଆଇସିସିର ତୀକ୍ଷ୍ଣ ନଜର

**■ ଆଜି ବିଧାୟକ ଦଳ ନେତାଙ୍କ ବାସଭବନରେ ବୈଠକ**
**■ ଦଣ୍ଡେଶ୍ୱରଙ୍କ ସପକ୍ଷରେ ଯିବ ସିପିଆଇ(ଏମ୍)!**

ଭୁବନେଶ୍ୱର,୧।୩(ସମିସ): ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡି ଚତୁର୍ଥ ପ୍ରାର୍ଥୀ ଭାବେ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ସାମ୍ନାକୁ ଆଣିଛି। ଯଦିଓ ଏହା ପୂର୍ବରୁ କଂଗ୍ରେସ ସହିତ ମଧ୍ୟ ଆଲୋଚନା ହୋଇଥିବା ନେଇ ପିସିସି ସଭାପତି କହିଛନ୍ତି, କଂଗ୍ରେସର ଅନ୍ୟ ବିଧାୟକମାନେ ମଧ୍ୟ ଦଣ୍ଡେଶ୍ୱରଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଛନ୍ତି। ରବିବାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, କଂଗ୍ରେସ ଦଳ ଏଆଇସିସି ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ମାନିବ। ପୂର୍ବରୁ ପିସିସି ସଭାପତି କହିଛନ୍ତି, ଏଆଇସିସି ଯାହାକୁ କହିବ, ଆମେ ସମର୍ଥନ ହେବୁ। ଏଥିପାଇଁ ସୋମବାର ବିଧାୟକ ଦଳ ନେତାଙ୍କ ସରକାରୀ ବାସଭବନରେ ଏକ ବୈଠକ ଡକାଯାଇଛି। ଏହି ବୈଠକରେ କଂଗ୍ରେସ ବିଧାୟକମାନଙ୍କ ସହ ପିସିସି ସଭାପତି ଯୋଗ ଦେବେ ବୋଲି ଜଣାପଡ଼ିଛି। ସେ ଆହୁରି କହିଛନ୍ତି, ପୂର୍ବରୁ ମଧ୍ୟ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ଦଳର ୧୪ ବିଧାୟକ ଓ ସିପିଆଇ(ଏମ୍)ର ଜଣେ ବିଧାୟକ ଏକ୍ ଅଛନ୍ତି। କଂଗ୍ରେସର ସମର୍ଥିତ ପ୍ରାର୍ଥୀଙ୍କୁ ସମସ୍ତେ ଭୋଟ୍ ଦେବେ ବୋଲି ନିଷ୍ପତ୍ତି ହୋଇଛି। ଏଆଇସିସି ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛି। ବିଧାୟକମାନେ ମଧ୍ୟ ଏହି ନିଷ୍ପତ୍ତି ଆଧାରରେ କାର୍ଯ୍ୟ କରିବେ ବୋଲି ଶ୍ରୀ କାଡାମ କହିଛନ୍ତି।

ଏହାବ୍ୟତୀତ ଶନିବାର ସିପିଆଇ(ଏମ୍) ମଧ୍ୟ ନିଜର ପ୍ରେସବିବୃତ୍ତି ମାଧ୍ୟମରେ ଏକ ପ୍ରକାର ଦଣ୍ଡେଶ୍ୱରଙ୍କ ପ୍ରାର୍ଥିତ୍ୱ ସପକ୍ଷରେ ସକରାତ୍ମକ ମତ ଦେଇଛି। ଦଳ ପକ୍ଷରୁ କୁହାଯାଇଛି, ସମ୍ପ୍ରତି ଓଡ଼ିଶାର ରାଜ୍ୟସଭା ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଚତୁର୍ଥ ଆସନ ପାଇଁ ସମ୍ବିଧାନ, ଗଣତନ୍ତ୍ର ଏବଂ ଧର୍ମନିରପେକ୍ଷତା ପ୍ରତି ଅଙ୍ଗୀକାରବଦ୍ଧ ଥିବା ଜଣେ ଖ୍ୟାତନାମା ସ୍ୱାଧୀନ ପ୍ରାର୍ଥୀଙ୍କୁ ଚୟନ କରିବା ଏବଂ ସମର୍ଥନ ଦେବା ପାଇଁ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ଆହ୍ୱାନ ଦେଇଛି। ଏଥିପାଇଁ ବିଜେପି ବିରୋଧରେ ସିପିଆଇ(ଏମ୍), କଂଗ୍ରେସ ଓ ବିଜେଡି ସମର୍ଥନରେ ସହମତିପୂର୍ଣ୍ଣ ଉପଯୁକ୍ତ ସ୍ୱାଧୀନ ପ୍ରାର୍ଥୀ ଚୟନ ପାଇଁ ଦଳ ଯଥାର୍ଥ ଭୂମିକା ପାଳନ କରିବ ବୋଲି କୁହାଯାଇଛି। କଂଗ୍ରେସ ଏବଂ ବିଜେଡି ଏହି ଲକ୍ଷ୍ୟରେ ଆଗେଇ ଆସିବା ଦଳ କହିଥିବା ବେଳେ କୌଣସି ପରିସ୍ଥିତିରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ବିଜେପିର ସମର୍ଥନ ରହିଥିବା ପ୍ରାର୍ଥୀଙ୍କୁ ସିପିଆଇ(ଏମ୍) ସମର୍ଥନ କରିବ ନାହିଁ ବୋଲି ଦଳ କହିଛି।

## ଦଶମ ଶ୍ରେଣୀ ପ୍ରଶ୍ନପତ୍ରରେ ତ୍ରୁଟି

# ଗୋଟିଏ ପ୍ରଶ୍ନରେ ଦୁଇଟି ସମାନ ଅପ୍‌ସନ୍

**■ ଗ୍ରେସ୍ ମାର୍କ ଦାବି କଲେ ଛାତ୍ରଛାତ୍ରୀ ଓ ଶିକ୍ଷକ**
**■ ଆସନ୍ତାକାଲି ମନ୍ତବ୍ୟ ଦେବି: ବୋର୍ଡ ସଭାପତି**

ଭୁବନେଶ୍ୱର, ୧।୩ (ସମିସ): ଦଶମ ଶ୍ରେଣୀ ପରୀକ୍ଷା ପ୍ରଶ୍ନପତ୍ରରେ ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଛି। ଗତ ୨୮ ତାରିଖରେ ଅନୁଷ୍ଠିତ ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ରରେ ଗୋଟିଏ ପ୍ରଶ୍ନର ୪ଟି ଅପସନ୍ ମଧ୍ୟରୁ ୨ଟି ଅପସନ୍ ସମାନ ରହିଛି। ଫଳରେ କିଛି ଛାତ୍ରଛାତ୍ରୀ ଗୋଟିଏ ଉତ୍ତର ବାଛିଥିବା ବେଳେ ଆଉ କିଛି ଉଭୟ ଅପସନ୍‌କୁ ଉତ୍ତର ଦେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ସୂଚନା ଅନୁଯାୟୀ, ସାମାଜିକ ବିଜ୍ଞାନ ପରୀକ୍ଷା ସେଟ୍-ବି' ର ୧୦ ନମ୍ବର ପ୍ରଶ୍ନରେ 'ଭାରତରେ କେଉଁ ମସିହାରେ ରାଜ୍ୟ ପୁନର୍ଗଠନ ଆୟୋଗ ଗଠିତ ହୋଇଥିଲା' ବୋଲି ପଚରାଯାଇଛି। ତାହାର ଅପସନ୍ ସି' ଓ ଡି'ରେ ୧୯୫୬ ରହିଛି। ଏହାର ପ୍ରକୃତ ଉତ୍ତର ମଧ୍ୟ ୧୯୫୬ ହେଉଥିବାରୁ କେଉଁ ଅପସନ୍‌କୁ ଛାତ୍ରଛାତ୍ରୀମାନେ ଉତ୍ତର ଦେବେ, ସେନେଇ ଦ୍ୱନ୍ଦ୍ୱରେ ପଡ଼ିଥିଲେ। କିଛି ପିଲା ଅପସନ୍ ସି'କୁ ଗୋଲ୍ ବୁଲାଇଥିବା ବେଳେ ଆଉ କିଛି ଅପସନ୍ ଡି'ରେ ଗୋଲ ବୁଲାଇଛନ୍ତି। ଆଉ କିଛି ଛାତ୍ରଛାତ୍ରୀ ଉଭୟ ସି' ଓ ଡି'ରେ ଗୋଲ ବୁଲାଇଛନ୍ତି। ତେବେ କେଉଁ ଅପସନ୍‌କୁ ଠିକ୍ ଦର୍ଶାଇ ବୋର୍ଡ ମାର୍କ କରିବ, ସେନେଇ ପରୀକ୍ଷାର୍ଥୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏଣୁ, ଏହାକୁ ବିଚାର କରି ଗ୍ରେସ୍ ମାର୍କ ଦେବାକୁ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଦାବି କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି ଯେ ଆଜି ଛୁଟି ଥିବାରୁ ଏ ସମ୍ପର୍କରେ କିଛି କହିବେ ନାହିଁ। ଆସନ୍ତାକାଲି ଏ ସମ୍ପର୍କରେ ମତ ରଖିବେ। ମାତ୍ର ପ୍ରଶ୍ନପତ୍ରରେ ତ୍ରୁଟି ହୋଇଥିବା ବା ପିଲାଙ୍କୁ ଗ୍ରେସ୍ ମାର୍କ ପ୍ରଦାନ କରାଯିବା ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି।

# ଡ୍ୟୁଟି ବେଳେ ଚାଲିଗଲା ଫାର୍ମାସିଷ୍ଟଙ୍କ ଜୀବନ

## କ୍ଷତିପୂରଣ ସହ ସ୍ତ୍ରୀଙ୍କୁ ଚାକିରି ଦାବିରେ ପରିବାରର ବିକ୍ଷୋଭ



କେନ୍ଦୁଝର, ୧।୩ (ସମିସ): କେନ୍ଦୁଝର ଜିଲ୍ଲା ପଦ୍ମପୁର ଅଞ୍ଚଳର ସୁଶୀଲ କୁମାର ସାହୁ କେନ୍ଦୁଝର ଡିଏମ୍‌ଏଫ୍ ଦ୍ୱାରା ପରିଚାଳିତ ଆମ୍ବୁଲାନ୍ସରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ସେ କାର୍ଯ୍ୟରତ ଥିବା ସମୟରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ପରିବାରଲୋକଙ୍କ ଅଭିଯୋଗ ଅନୁସାରେ, ଶନିବାର ଅପରାହ୍ଣରେ ସୁଶୀଲ ପାଟଣାରେ ଜଣେ ରୋଗୀଙ୍କୁ ଛାଡ଼ି ଫେରୁଥିବା ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁଶୀଲଙ୍କ ଗୋଟିଏ ଝିଅ ଥିବା ବେଳେ ସେ ୯ମ ଶ୍ରେଣୀରେ ପଢୁଛି। ସୁଶୀଲ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ପରିବାରଲୋକେ ଉପଯୁକ୍ତ କ୍ଷତିପୂରଣ ସହ ତାଙ୍କ ସ୍ତ୍ରୀଙ୍କୁ ଚାକିରି ଦାବିରେ ଅଡ଼ି ବସିଥିଲେ। ଲିଖିତ ପ୍ରତିଶ୍ରୁତି ନ ପାଇବା ପର୍ଯ୍ୟନ୍ତ ମୃତଦେହ ଉଠାଉନଥିଲେ। ଏନେଇ କେନ୍ଦୁଝର ଧରଣୀଧର ମେଡିକାଲ କଲେଜର ମ୍ୟାନେଜର ପରିବାରଲୋକଙ୍କ ସହିତ ଆଲୋଚନା କରିଥିଲେ। ପରେ ପଦ୍ମପୁରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ଯୁଦ୍ଧ ଘନଘଟା

# ମଧ୍ୟପ୍ରାଚ୍ୟରେ ଫସିଛନ୍ତି ଓଡ଼ିଆ

**କେନ୍ଦ୍ର ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା**

ଭୁବନେଶ୍ୱର,୧।୩(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା ଭିତରେ ଓଡ଼ିଆମାନଙ୍କ ସୁରକ୍ଷା ପ୍ରତି ଚିନ୍ତା ବଢ଼ିଛି। ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରେ ଲକ୍ଷାଧିକ ଓଡ଼ିଆ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଦୁବାଇ, ୟୁଏଇ ଆଦିରେ ରହୁଥିବା ଇରାନରେ ମଧ୍ୟ ବହୁ ଓଡ଼ିଆ ରହୁଛନ୍ତି। ତେବେ ସେଠାରେ ଯୁଦ୍ଧ ସ୍ଥିତି ଯୋଗୁଁ ସେମାନଙ୍କ ଜୀବନ ଏବେ ବିପଦରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ଦୁବାଇରେ ଏକାଧିକ ମିସାଇଲ୍ ପଡୁଥିବା ବେଳେ ଅନେକ ଓଡ଼ିଆ ସୋସିଆଲ୍ ମିଡିଆ ମାଧ୍ୟମରେ ପୋଷ୍ଟ କରି ନିଜର ସମସ୍ୟା ସମ୍ପର୍କରେ ସୂଚନା ଦେଉଛନ୍ତି। ଏବେ ଅଧିକାଂଶ ବିମାନ ସେବା ମଧ୍ୟପ୍ରାଚ୍ୟକୁ ବନ୍ଦ ହୋଇଯାଇଥିବା ବେଳେ ଇଣ୍ଟରନେଟ ସେବା ମଧ୍ୟ ପ୍ରଭାବିତ ହେଉଥିବା ଓଡ଼ିଆମାନେ ସୂଚନା ଦେଉଛନ୍ତି।

ତେବେ ସେଠାରେ ଯେଉଁ ଓଡ଼ିଆମାନେ ରହିଛନ୍ତି, ସେମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ଉପରେ ସରକାର ଗୁରୁତ୍ୱ ଦେଉଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ଭାରତୀୟମାନଙ୍କ ମୁକାବିଲା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଉଦ୍ୟମ ଆରମ୍ଭ କରିଦେଇଛି। ଯେମିତି କୌଣସି ଭାରତୀୟ ଅସୁବିଧାରେ ନ ପଡ଼ିବେ, ସେଥିପାଇଁ ଗୁରୁତ୍ୱ ଦିଆଯାଉଛି। ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ସେଠାରେ ଯେଉଁ ଓଡ଼ିଆ ଲୋକମାନେ ଫସିଛନ୍ତି, ସେମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ କେନ୍ଦ୍ର ସହିତ ଆଲୋଚନା କରି ବିଦେଶରେ ରହିଯାଇଥିବା ଓଡ଼ିଆମାନଙ୍କର ଯେପରି କୌଣସି ସମସ୍ୟା ନ ହେବ, ତାକୁ ଦୃଷ୍ଟି ଦିଆଯାଉଛି। ପୂର୍ବରୁ ମଧ୍ୟ ବିପର୍ଯ୍ୟୟ ସମୟରେ ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଅଣାଯାଇଥିଲା। ଏବେ ମଧ୍ୟ ସେପରି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି।

# ଦନ୍ତା ଆକ୍ରମଣରେ ଜଣେ ମୃତ

ନାରଦପୁର,୧।୩(ସମିସ): ଚମ୍ପୁଆ ରେଞ୍ଜ ଅଧୀନ ବାଲିବନ୍ଧ ସେକ୍ସନ୍ ହୀରାପୁର ଗ୍ରାମରେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ, ବାହାଦୁଲା ଓରାମ (୫୬)। ତାଙ୍କ ଘର ମନୋହରପୁର ଗ୍ରାମରେ। ଗତ ରାତିରେ ଦନ୍ତାଟି ଜଙ୍ଗଲରୁ ବାହାରି ହୀରାପୁର ଗାଁ ଦେଇ ଯାଉଥିଲା। ଏହି ସମୟରେ ବାହାଦୁଲା ତା' ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ବନ ବିଭାଗ କର୍ମଚାରୀ ତାଙ୍କୁ ପ୍ରଥମେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ଓ ସେଠାରୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବିଜେଡିର ବରିଷ୍ଠ ନେତା ଗୋଲକ ନାୟକଙ୍କ ବିୟୋଗରେ ନବୀନଙ୍କ ଶୋକ

ଭୁବନେଶ୍ୱର, ୧।୩(ସମିସ): ବିଜୁ ଜନତା ଦଳର ବରିଷ୍ଠ ନେତା ଗୋଲକ ବିହାରୀ ନାୟକଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସମାଜବାଦୀ ଆଦର୍ଶରେ ବିଶ୍ୱାସୀ ସ୍ୱର୍ଗତ ନାୟକ ଚାଷୀ ଓ ଶ୍ରମିକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସର୍ବଦା କାର୍ଯ୍ୟରତ ଥିଲେ। ତାଙ୍କ ବିୟୋଗରେ ବିଜୁ ଜନତା ଦଳ ଜଣେ ସମର୍ପିତ ଜନ ସେବକଙ୍କୁ ହରାଇଲା। ଶ୍ରୀ ପଟ୍ଟନାୟକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦଗତି କାମନା କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରକ୍ତମୁଖା ଇରାନ...

ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ୧୪ଟି ସାମରିକ ଘାଟୀ ସମେତ ଇସ୍ରାଏଲ ଉପରେ ଭୟଙ୍କର କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛି। ଅନ୍ୟପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ପାଲଟା ଧମକ ଦେଇ କହିଛନ୍ତି, ଇରାନ ଯଦି ପ୍ରତି ଆକ୍ରମଣ କରେ ତେବେ ସ୍ୱପ୍ନରେ ଭାବି ନ ଥିବା ଭଳି ସ୍ଥିତି ସୃଷ୍ଟି କରିବୁ। ଏହାସତ୍ତ୍ୱେ ଆକ୍ରମଣ ଥମି ନାହିଁ। ରବିବାର ମଧ୍ୟ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ଇରାନରେ ୧୨୦୦ ବୋମା ମାଡ଼ ହୋଇଥିବା ବେଳେ ଇସ୍ରାଏଲ ଏବଂ ମଧ୍ୟପ୍ରାଚ୍ୟରେ ଇରାନ କ୍ଷେପଣାସ୍ତ୍ର ବର୍ଷା କରି ଧ୍ୱଂସଲୀଳା ଜଳାଇଛି। ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ହରମୁଜରେ ବିଦେଶୀ ଜାହାଜ ଉପରେ ମଧ୍ୟ ଇରାନ ଆକ୍ରମଣ କରିଥିବା ଖବର ମିଳିଛି।

ଇରାନର ଏହି ନିଆଁ ଆଖପାଖର ଦେଶକୁ ବ୍ୟାପି ସମ୍ପୂର୍ଣ୍ଣ ଅଞ୍ଚଳକୁ କବଳିତ କରିବାରେ ଲାଗିଛି। ଦୁଇ ଦେଶର ମିଳିତ ଆକ୍ରମଣରେ ବିଚଳିତ ହୋଇଯାଇଥିବା ଇରାନ ରାଗରେ ରକ୍ତ ଚାଉଳ ଚୋବାଉଛି। ସବୁଠାରୁ ବିପଜ୍ଜନକ ଅଭିଯାନ ଆରମ୍ଭ କରିବାକୁ ଯାଉଛି ଇରାନ ପକ୍ଷରୁ କୁହାଯାଇଛି। ମଧ୍ୟପ୍ରାଚ୍ୟର ଅନେକ ଦେଶ ଉପରେ ଇରାନ ଆକ୍ରମଣ କରିଛି। ସାଉଦି ଆରବ, ୟୁଏଇ,କାତାର, କୁଏତ, ବାହାରିନରେ ଆଦି ଦେଶରେ ଥିବା ଆମେରିକା ଘାଟୀରେ ରବିବାର ପୁଣି ଆକ୍ରମଣ କରିଛି। ଇସ୍ରାଏଲ ବିଭିନ୍ନ ସହରକୁ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ବେତ ସମେସ ସହର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଇସ୍ରାଏଲରେ ୧୦ ଜଣ ପ୍ରାଣ ହରାଇଛନ୍ତି।

ଅନ୍ୟପଟେ ଇରାନରେ ମୃତ୍ୟୁସଂଖ୍ୟା ୨୦୦ ପାର କରିଛି। ୭୪୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ସ୍କୁଲରେ ହୋଇଥିବା କ୍ଷେପଣାସ୍ତ୍ର ମାଡ଼ ଜନିତ ମୃତ୍ୟୁସଂଖ୍ୟା ୧୪୮କୁ ବୃଦ୍ଧି ପାଇଥିବାବେଳେ ୪୫ ଜଣ ଆହତ ହୋଇଛନ୍ତି। ସେଠାରେ ସ୍କୁଲ ଥିବା ଜାଣି ନ ଥିଲୁ ବୋଲି ଇସ୍ରାଏଲ ପକ୍ଷରୁ କୁହାଯାଇଛି। ଏହା ମଧ୍ୟରେ ପୋପ ଲିଓ ସ୍ଥିତି ଉପରେ ଚିନ୍ତା ପ୍ରକଟ କରି ଶାନ୍ତି ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ସ୍ଥିତି ବିପଜ୍ଜନକ ଦିଗକୁ ଯାଉଛି। ଏହି ହିଂସାକୁ ତୁରନ୍ତ ବନ୍ଦ କରାଯିବା ଉଚିତ। ଏହାକୁ ରୋକା ନ ଗଲେ ସ୍ଥିତି ଅଧିକ ବିପଜ୍ଜନକ ହୋଇଯିବ। ଆଲୋଚନାରେ ବିବାଦର ସମାଧାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଇରାନ ସ୍ଥିତି ଦିନକୁ ଦିନ ବିପଜ୍ଜନକ ହେବାରେ ଲାଗିଛି। ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ ପରେ ଏହି ସିଆ ରାଷ୍ଟ୍ର ଅନ୍ୟ ମୁସଲିମ ଦେଶଗୁଡ଼ିକ ଉପରେ ଆକ୍ରମଣ କରିଥିଲା। ଏଥିପାଇଁ ମୁସଲିମ ରାଷ୍ଟ୍ରଗୁଡ଼ିକ ମଧ୍ୟ ଇରାନର ବିରୋଧୀ ହୋଇଯାଇଛନ୍ତି। ଇରାନ ପ୍ରାୟ ଏକ ଘରିକିଆ ହୋଇଯାଇଛି। ସାଉଦି ଆରବ, ୟୁଏଇ ଆଦି ରାଷ୍ଟ୍ର ଇରାନକୁ ଧମକ ଦେଇଛନ୍ତି। ଇରାନରେ ଜୋରଦାର ଆକ୍ରମଣ କରିବା ପାଇଁ ସାଉଦି ରାଜକୁମାର ଆମେରିକାକୁ କହିଛନ୍ତି। ସେହିପରି ନିଜ ସୀମା ଭିତରେ ରହିବା ପାଇଁ ଇରାନକୁ କୁଏତ ଧମକ ଦେଇଛି।

ଗତକାଲି ଖାମନେଇଙ୍କ ଅଫିସରେ ଆମେରିକା ଓ ଇସ୍ରାଏଲ ପକ୍ଷରୁ ୩୦ଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏହି ଆକ୍ରମଣରେ ଖାମନେଇଙ୍କ ଏହି ଆକ୍ରମଣ ସମୟରେ କମାଣ୍ଡର୍ସଙ୍କ ସହ ଖାମନେଇ ବୈଠକ କରୁଥିଲେ। ଗୁଇନ୍ଦା ଏବଂ ସାଇବର ସୁରକ୍ଷା ପାଇଁ ପ୍ରସିଦ୍ଧି ହାସଲ କରିଥିବା ଇରାନ ଏହି ଆକ୍ରମଣ ବିଷୟରେ କୌଣସି ସୂଚନା ପାଇପାରି ନ ଥିଲା।

ଶନିବାର ବିଳମ୍ବିତ ରାତିରେ ଖାମନେଇ ପ୍ରାଣ ହରାଇଥିବା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଦାବି କରିଥିଲେ। ଏହାର କିଛି ସମୟରେ ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟ ସମାନ ସୂଚନା ଦେଇଥିଲେ। ମାତ୍ର ରବିବାର ସକାଳେ ଇରାନ ସରକାରୀ ଗଣମାଧ୍ୟମ ଖାମନେଇଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଥିଲା। ଖାମନେଇଙ୍କ ମୃତ୍ୟୁକୁ ନେଇ ଇରାନରେ ୪୦ ଦିନିଆ ରାଷ୍ଟ୍ରୀୟ ଶୋକ ଏବଂ ୭ ଦିନ ଛୁଟି ଘୋଷଣା କରାଯାଇଛି। ଦେଶ ଜଣେ ମହାନ ନେତାଙ୍କୁ ହରାଇଲା ବୋଲି ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କ୍ରପ୍ସ (ଆଇଆରଜିସି) କହିଛି।

## ୧୨ ଟଙ୍କା ମହଙ୍ଗା...

ଡିଜେଲ ମୂଲ୍ୟ ହୁ ହୁ ହୋଇ ବଢ଼ିଯିବ। ଜାର ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ, ଏହାର ପ୍ରଭାବରେ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ୧୨ ଟଙ୍କା ମହଙ୍ଗା ହେବ। ଆହୁରିମଧ୍ୟ ଯୁଦ୍ଧ ବଢ଼ିଲେ ଭାରତରେ ରନ୍ଧନ ଗ୍ୟାସ୍‌କୁ ନେଇ ବଡ଼ ସମସ୍ୟା ଦେଖାଦେଇପାରେ। କାରଣ ଇରାନର ପଡ଼ୋଶୀ କତାର ହେଉଛି ଭାରତର ସର୍ବବୃହତ ଗ୍ୟାସ୍ ଯୋଗାଣକାରୀ। ଭାରତର ୪୦% ଗ୍ୟାସ୍ କତାରରୁ ଆସିଥାଏ। କାତାରର ସମସ୍ତ ଗ୍ୟାସ୍ ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରେ, ଯାହାକୁ ଇରାନ ଅବରୋଧ କରିଛି। ଏଭଳି ସ୍ଥିତିରେ ଭାରତକୁ ଗ୍ୟାସ୍ ଯୋଗାଣ ପ୍ରଭାବିତ ହେବା ସୁନିଶ୍ଚିତ।

ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମିନେଇଙ୍କ ମୃତ୍ୟୁ ପରେ ଇରାନ ସାମରିକ ବାହିନୀ ପ୍ରତିଶୋଧ ପାଇଁ ଅନେକ ବିକଳ୍ପ ବିଚାର କରୁଛି। ଏଥିରେ ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ କରିବା ଏବଂ ଇସ୍ରାଏଲୀ ଅଞ୍ଚଳ ଉପରେ ଆକ୍ରମଣ କରିବା ଅନ୍ତର୍ଭୁକ୍ତ। ତଥାପି, ଇରାନର ସର୍ବବୃହତ ଭୂ-ରାଜନୈତିକ ଅସ୍ତ୍ର ହେଉଛି ହରମୁଜ୍ ପ୍ରଣାଳୀ ବନ୍ଦ କରିବା। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଇରାନ ଏହି ମାର୍ଗକୁ ଅବରୋଧ କରେ, ତେବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଯୋଗାଣ ହ୍ରାସ ପାଇବ ଏବଂ ମୂଲ୍ୟ ପ୍ରତି ବ୍ୟାରେଲ ୧୨୦ ଡଲାରରେ ପହଞ୍ଚିପାରେ। ବର୍ତ୍ତମାନ, ବ୍ରେଣ୍ଟ ଅଶୋଧିତ ତୈଳ ବ୍ୟାରେଲ ପିଛା ୭୧ ଡଲାର ଉପରେ ରହିଛି। ଯୁଦ୍ଧ ପ୍ରଭାବରେ କେବଳ ଆଜି ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପାଖାପାଖି ୩ ଡଲାର ବୃଦ୍ଧି ପାଇଛି।

ଅପରପକ୍ଷେ ସାଉଦି ଆରବର ପୂର୍ବ-ପଶ୍ଚିମ ପାଇପ୍‌ଲାଇନ୍ ହେଉଛି, ହରମୁଜ୍ ପ୍ରଣାଳୀର ଆଉ ଏକ ବିକଳ୍ପ। ଏହି ୭୪୬ ମାଇଲ୍‌ର ପାଇପ୍‌ଲାଇନ୍ ଦେଶର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱ (ଲାଲ ସାଗର ଟର୍ମିନାଲ) ପର୍ଯ୍ୟନ୍ତ ଯାଇଛି। ଏହା ଦୈନିକ ୫ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ପରିବହନ କରିପାରିବ। ଭାରତ ଏବଂ ଅନ୍ୟାନ୍ୟ ଏସୀୟ ଦେଶଗୁଡ଼ିକ ବର୍ତ୍ତମାନ ପରିସ୍ଥିତିରେ ଏପରି ବିକଳ୍ପ ପଥ ଏବଂ ନିରାପଦ ଭଣ୍ଡାର ଉପରେ ନଜର ରଖିଛନ୍ତି।

ଭାରତ ମଧ୍ୟ ଏହି ସ୍ଥିତିରେ ଅନ୍ୟ ଦେଶଗୁଡ଼ିକରୁ ତୈଳ ଆମଦାନୀବୃଦ୍ଧି ଉପରେ ବିଚାର କରୁଛି। ଭାରତ ସରକାରେ ସମ୍ପ୍ରତି ଏହି ସମ୍ଭାବ୍ୟ ସଙ୍କଟର ମୁକାବିଲା କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସୂତ୍ର ଅନୁଯାୟୀ, ଭାରତ ଉପସାଗରୀୟ ଦେଶଗୁଡ଼ିକ ବାହାରେ ଯୋଗାଣକାରୀଙ୍କଠାରୁ ତୈଳ କ୍ରୟ ବୃଦ୍ଧି କରୁଛି। ଏହା ବ୍ୟତୀତ, ଆବଶ୍ୟକ ହେଲେ, ଭାରତ ଏହାର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ (ଏସ୍‌ପିଆର୍) ରୁ ମଧ୍ୟ ତେଲ ଆଣିପାରିବ।

ଏହାବାଦ୍ ଇରାନ ସଙ୍କଟ ଭାରତ, ଚୀନ୍, ପାକିସ୍ତାନ, କୋରିଆ ଏବଂ ତାଇୱାନ ସମେତ ଅନେକ ଦେଶ ପାଇଁ ଗ୍ୟାସ୍ ସଙ୍କଟ ସୃଷ୍ଟି କରିବାର ସମ୍ଭାବନା ରହିଛି। ବିଶ୍ୱର ୨୦% ଏଲଏନଜି ଯୋଗାଣ ଉପସାଗର ଦେଇ ଆସେ। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ବିଶେଷଜ୍ଞମାନେ କହିଛନ୍ତି ଯେ ଉପସାଗରରେ ଯେକୌଣସି କାର୍ଯ୍ୟକଳାପ ଗ୍ୟାସ୍ ଯୋଗାଣକୁ ବାଧା ଦେଇପାରେ। ଚାରି ବର୍ଷ ପୂର୍ବେ, ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ ଅନ୍ତର୍ଜାତୀୟ ଗ୍ୟାସ୍ ବାଣିଜ୍ୟ ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇଥିଲା। ରୁଷ ହେଉଛି ବିଶ୍ୱର ସର୍ବବୃହତ ଗ୍ୟାସ୍ ଯୋଗାଣକାରୀ। ସେହି ସମୟରେ, ୟୁରୋପରେ ଗ୍ୟାସ୍ ମୂଲ୍ୟ ଆକାଶଛୁଆଁ ହୋଇଥିଲା, କାରଣ ଏହା ରୁଷର ସର୍ବବୃହତ ରପ୍ତାନି ବଜାର ଥିଲା। ହେଲେ ବର୍ତ୍ତମାନ ସମୟରେ ଏସୀୟ ଦେଶଗୁଡ଼ିକ ସବୁଠାରୁ ଅଧିକ ବିପଦରେ ଅଛନ୍ତି। ଗତ ବର୍ଷ, ଏସୀୟ ଦେଶଗୁଡ଼ିକ କତାରର ପ୍ରାୟ ୨୦% ଗ୍ୟାସ୍ ବିକ୍ରି କରିଥିଲେ। ହରମୁଜ୍ ପ୍ରଣାଳୀ ବନ୍ଦ କରିବା ଦ୍ୱାରା ଇରାନ୍‌କୁ ମଧ୍ୟ ବିଶ୍ୱ ଅର୍ଥନୀତି ଉପରେ ଚାପ ପକାଇବାରେ ସାହାଯ୍ୟ କରିବ। ତଥାପି, ହରମୁଜ୍ ପ୍ରଣାଳୀ ବନ୍ଦ କରିବା ଦ୍ୱାରା ଇରାନର ନିଜସ୍ୱ ଅର୍ଥନୀତି ମଧ୍ୟ ନଷ୍ଟ ହୋଇପାରେ, କାରଣ ଏହା ନିଜସ୍ୱ ତୈଳ ରପ୍ତାନି କରିପାରିବ ନାହିଁ। ଏହା ସହିତ, ଚୀନ୍ ହେଉଛି ଇରାନୀ ତୈଳର ସବୁଠାରୁ ବଡ଼ କ୍ରେତା। ଯଦି ଯୋଗାଣ ବାଧାପ୍ରାପ୍ତ ହୁଏ, ତେବେ ଚୀନ୍ ସହିତ ଇରାନ୍‌ର ସମ୍ପର୍କ ମଧ୍ୟ ଖରାପ ହୋଇପାରେ।

**ଅଧ୍ୟାପକ ଓ ଗୁରୁଜୀ ଗୁରୁମା ଆବଶ୍ୟକ**

ବାଣୀପୀଠ ଦ୍ୱାରା ପରିଚାଳିତ (ଆବାସିକ) ବିବେକାନନ୍ଦ ହାୟାର ସେକେଣ୍ଡାରୀ ସ୍କୁଲ ଏବଂ ଓଡ଼ିଆ, ଇଂରାଜୀ ମାଧ୍ୟମ ବିଦ୍ୟାଳୟ ତରଫରୁ ନିମ୍ନଲିଖିତ ପଦବୀ ପାଇଁ ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଉକ୍ତ ପଦବୀ ପାଇଁ ଆସନ୍ତା ତା ୦୮/୦୩/୨୦୨୬ ରିଖ ରବିବାର ଦିବା ୧୦ ଟାରେ ବଡ଼ସାହି ଠାରେ ସିଧାସଳଖ ସାକ୍ଷାତକାର ଅନୁଷ୍ଠିତ ହେବ। ଫୋନରେ ଯଥାଶୀଘ୍ର ନିଜର ନାମ ପଞ୍ଜିକରଣ କରନ୍ତୁ। ସାକ୍ଷାତକାର ପୂର୍ବରୁ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟରେ ୨୦୦ ଟଙ୍କା ଜମାକରି ନିର୍ଦ୍ଧାରିତ ଫର୍ମରେ ବାୟୋଡାଟା, ଯୋଗ୍ୟତା ପ୍ରମାଣପତ୍ର ଓ ଫଟୋ ସହିତ ଆବେଦନ କରିବାକୁ ପଡ଼ିବ।

ଅଧ୍ୟାପକ : ଫିଜିକ୍ସ / କେମେଷ୍ଟ୍ରୀ / ମେଥମେଟିକ୍ସ / ବୋଟାନି / ଜୁଲୋଜୀ / ଆଇଟି / ଇକୋନୋମିକ୍ସ / ପଲିଟିକାଲସାଇନ୍ସ/ଇଂରାଜୀ/ହିନ୍ଦୀ/ସଂସ୍କୃତ/ଲଜିକ୍/କ୍ଲର୍କ/ପିଅନ/ମେଲ,ଫିମେଲୱାର୍ଡେନ/କୁକ୍।
ଗୁରୁଜୀ/ ଗୁରୁମା : ଆର୍ଟସ୍ ( ଓଡ଼ିଆ, ଇଂରାଜୀ, ଇତିହାସ, ଭୂଗୋଳ ) / ପିସିଏମ୍ / ସିବିଜେଡ୍ / ହିନ୍ଦୀ/ ସଂସ୍କୃତ/କ୍ରୀଡ଼ା ଓ ଯୋଗ/କମ୍ପ୍ୟୁଟର/ସୁପରଭାଇଜର/ପିଅନ/ 'ସିକ୍ୟୁରିଟିଗାର୍ଡ'/ରୋଷେୟା।
ଗୁରୁଦକ୍ଷିଣା : ଟ ୧୦,୦୦୦ ଙ୍କା ରୁ ଟ ୪୦,୦୦୦ ଙ୍କା (ଦକ୍ଷତା ସମ୍ପନ୍ନ ଅଭିଜ୍ଞ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ। ଛାତ୍ରାବାସରେ ରହିବା, ଖାଇବାର ସୁବିଧା ଅଛି।

ଯୋଗାଯୋଗ : ସମ୍ପାଦକ - ବାଣୀପୀଠ ଚେରିଟେବୁଲ ଟ୍ରଷ୍ଟ, ବିବେକାନନ୍ଦ ବିହାର, ବଡ଼ସାହି, ମୟୂରଭଞ୍ଜ - ୭୫୭୦୨୬
ମୋ : ୯୯୬୧୦୫୯୮୮୩ / ୯୯୬୧୮୧୨୦୦୦ / ୭୦୦୮୫୮୫୬୭୯ / ୯୮୫୩୩୩୮୭୪୧

**ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, (ରାସ୍ତା ଓ ଗୃହ) ବିଭାଜନ ବଲାଙ୍ଗିର**

**OFFICE OF THE SUPERINTENDING ENGINEER, BALANGIR (R&B) DIVISION**
**e-Procurement Notice**
BID IDENTIFICATION No.: SE (R&B) BGR/34 / 2025-26
No.: 1303 Dtd.: 25/02/26

34001/131/2526

1.The Superintending Engineer, Balangir (R&B) Division, Balangir on behalf of Governor of Odisha invites percentage rate Composite bid in Double cover system in ONLINE MODE for the construction of building works and electrical works detailed in the table below from the eligible contractors.
2. Nature of Work: Civil Work
3. No. of tender: 2 Nos. Civil work
4. Tender Cost: Rs. 10,000.00
5. Class of Contractor: "B" Class (Registered with CDMS)
6. Date & Time of sale & Receipt of Bids:
7. From Dtd. 08.03.2026, 10.00 AM to Dtd. 17.03.2026 up to 05.00 PM
8. Date of opening Bid: Dtd. 19.03.2026 at 11.00 AM
9. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

OIPR-34001/34028/1/25-26/0011

Superintending Engineer
Balangir (R&B) Division

**AFFIDAVIT**

I SINDIRI JAGANNATH, S/o - SINDIRI SAMBHA MURTY, resident of At- Nodiya Beda Street, 2nd Lane, PO / PS - Jeypore, Dist - Koraput, 764001, Odisha, declare by this Affidavit No. 603. Dated - 13/02/2026, that now onwards I shall be known as **SINDIRI RAMA JAGANNADHA RAO** for all future purpose.

**AFFIDAVIT**

I K LOKESH, S/o - K Iswar Rao, resident of At - Pailu Sarbeswar Marg, PO / PS - Borigumma, Dt - Koraput - 764056, Odisha declare by this Affidavit No. 585, Dated - 26/02/2026, that now onwards I shall be known as **KANDAREPU LOKESH** for all future purpose.

**AFFIDAVIT**

By virtue of an affidavit sworn before the Executive Magistrate, Tangi, Khordha Affidavit No. 208, dated 02/02/2026, I **PRAVAKAR SAHOO** S/o Laxmidhar Sahoo resident of Village At- Radhamohanpur, Po - Jaripada, Ps- Tangi, Dist- Khordha, Odisha, Pin- 752022 declare that I have changed my daughter name from **RAJASHREE SAHOO** (Old Name) to **LIZA SAHOO** (New Name). Henceforth, she shall be known as **LIZA SAHOO** for all future purposes.
**Sd- PRAVAKAR SAHOO**

**AFFIDAVIT**

By virtue of an affidavit sworn before Notary Public, Puri, dated 13.02.2026 I, Rasmita Khamari address Khandanayagarh, PS: Ranpur, PO: Khandanayagarh, Dist: Nayagarh Pin code: 752024 declare that I have changed the name of my son from Snehasu Khamari to Shreyanshu Khamari. Henceforth, he shall be known as **Shreyanshu Khamari** for all purposes.
**Rasmita Khamari**

**AFFIDAVIT**

By virtue of an Affidavit No. 603, dated - 01/03/2026 sworn before the Notary Public, Jeypore, I ALAKANANDA MOHANTY, At - Quarter of Civil Judge, Civil Courts Campus, PO / PS - Jeypore - 764001, Dist - Koraput, Odisha, declare that I have changed my daughter's name from ADYA SHARMA to ADWITA SHARMA. Henceforth, she shall be known as **ADWITA SHARMA** for all purpose.
**Sd/-ALAKANANDA MOHANTY**

**AFFIDAVIT**

By virtue of an affidavit sworn before Notary Public, Puri, dated 13.02.2026 I, Banita Polei, Address Mangalpur PO: Kakatpur Pin code: 752108 declare that I have changed my name Prbhati Polai to Banita Polei. Henceforth, I shall be known as Banita Polei for all purposes.
**Banita Polei**

**AFFIDAVIT**

By virtue of an affidavit sworn before Notary Public, Puri, dated 13.02.2026 I, Gitanjali Jena address Gopalpur, Baliguali Dist: Puri Pin code: 752002 declare that I have changed the name of my son from Saisarthak Jena to Soyam Jena. Henceforth, he shall be known as **Soyam Jena** for all purposes.
**Gitanjali Jena**

**AFFIDAVIT**

By virtue of an affidavit sworn before Notary Public, Puri, dated 13.02.2026 I, Piradhi Subhadra address C.T road Nuasahi PO: Station road PS: Sea Beach Dist: Puri pin code: 752002 declare that I have changed the name of my son from Piradhi Srinu to Piradhi Ramana. Henceforth, he shall be known as **Piradhi Ramana** for all purposes.
**Piradhi Subhadra**

**AFFIDAVIT**

By virtue of an affidavit sworn before Notary Public, Puri, dated 13.02.2026 I, Puja Sahoo address Water works road, near patanjali shop PO: Puri Station road P.S: Sea beach Dist: Puri Pin code: 752002 declare that I have changed the name of my daughter from Khusi Karmakar to Rani Sahoo. Henceforth, she shall be known as **Rani Sahoo** for all purposes.
**Puja Sahoo**

# କେହି ଯତ୍ନ ନେଲେନି; ଉଜୁଡ଼ିଗଲା

**ମନମୁଣ୍ଡା, ୧।୩(ସମିସ)**

ସବୁଜବଳୟ ସୃଷ୍ଟି ପାଇଁ ବନିକରଣ ପ୍ରତିବର୍ଷ ବନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଉଛି; ହେଲେ ବିଭାଗୀୟ ଅଧିକାରୀଙ୍କ ଦୁର୍ନୀତିଖୋର ମନୋଭାବ ଏବଂ ଅବହେଳା ଯୋଗୁଁ

## ୧୦ ହେକ୍ଟର ଜମିରେ ୧୬ ହଜାର ଚାରା ଲାଗିଥିଲା

## ୨୦ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି

## କେବଳ ଶୁଖିଲା ମଲା ଗଛ ଓ ଘାସରେ ପରିପୂର୍ଣ୍ଣ

ସରକାରଙ୍କ ଏହି ଯୋଜନା ଯେମିତି ବାଟବଣା ହେଉଛି। ବୌଦ୍ଧ ଜିଲ୍ଲା ମନମୁଣ୍ଡା ରେଞ୍ଜ ମହୁଲି ବିଟ୍ ମହୁଲି ଗାଁରେ ବନୀକରଣରେ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନ ବିଭାଗ ପକ୍ଷରୁ ମନରେଗା ଯୋଜନାରେ ବ୍ୟାପକ ଅର୍ଥ ଅନିୟମିତତା କରାଯାଇଛି। ସରକାରୀ ନିୟମକୁ ଅଣଦେଖା କରି କରି ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ୧୦ ହେକ୍ଟର ପଡ଼ିଆ ଜମିରେ ୧୬ହଜାର ଗଛ ଲଗାଇବା ଜାଗାରେ ଅଳ୍ପ କିଛି ଗଛ ଲଗାଇ ମିଥ୍ୟା ଶ୍ରମିକ ଦେଖାଇ ଅର୍ଥ ଆତ୍ମସାତ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। କାଁ ଭାଁ କିଛି ଗଛ ବଞ୍ଚି ଥିବାବେଳେ ଏବେ ବନିକରଣ ମରୁଭୂମି ସଦୃଶ ପାଲଟିଯାଇଛି। ନୂତନ ଜଙ୍ଗଲ ସୃଷ୍ଟି ସହ ପରିବେଶକୁ ସବୁଜସୁନ୍ଦର କରିବା ପାଇଁ ବନବିଭାଗ ପକ୍ଷରୁ ପ୍ରତିବର୍ଷ



ଚାରାରୋପଣ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଟଙ୍କା ଆସିଲା ଆଉ ଖର୍ଚ୍ଚ ବି ହେଲା; ହେଲେ ବିଭାଗୀୟ ଅଧିକାରୀଙ୍କ ଦେଖାଶୁଣା ଓ ଯତ୍ନ ଅଭାବରୁ ରୋପିତ ଚାରା ଛସବୁ ମରିଯାଉଛି। ବୌଦ୍ଧ ଜିଲ୍ଲା ମନମୁଣ୍ଡା ରେଞ୍ଜ ମହୁଲି ଗାଁ ନିକଟ ପ୍ରକଳ୍ପ ଉଜୁଡି ଯାଇଛି। କାଁ ଭାଁ କିଛି ଗଛକୁ ଛାଡିଦେଲେ ପ୍ରାୟ ୯୦ ପ୍ରତିଶତ ଗଛ ରକ୍ଷଣାବେକ୍ଷଣ ଅଭାବରୁ ମରିଯାଇଛି। ମନରେଗା ଗାଇଡ୍‌ଲାଇନ୍‌କୁ ବେଖାତିର କରି ଗ୍ରାମ ଅବା ପଞ୍ଚାୟତର ଶ୍ରମିକଙ୍କୁ ନିୟୋଜିତ କରାଯାଇ ନାହିଁ। ଏପରିକି କୌଣସି ଗ୍ରାମସଭା କରା ନ ଯାଇ ୨ ହେକ୍ଟରର ଲେଖାଏଁ ସମୁଦାୟ ୧୦ ହେକ୍ଟର ଜମିରେ ପ୍ରାୟ ୧୬ ହଜାର ଚାରା ବନୀକରଣ ହୋଇଛି। ସମସ୍ତ ବନୀକରଣ ପ୍ରାୟ ୨୦ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି; ହେଲେ ଯେତିକି ଗଛ ଲଗାଇବା କଥା ତାହା ହୋଇନାହିଁ। ଏପରି ମିଥ୍ୟା ମଷ୍ଟରରୋଲ୍ ପ୍ରସ୍ତୁତ କରି କାମ ନ କରିଥିବା ଶ୍ରମିକଙ୍କ ଜବ କାର୍ଡ ନିଆଯାଇ ତାଙ୍କ ଆକାଉଣ୍ଟ ଜରିଆରେ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ଗଛର ସୁରକ୍ଷା ପାଇଁ ପ୍ରକଳ୍ପ ଚାରି ପଟେ ବାଡ ଦିଆଯିବା ସହ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ନିମ୍ନମାନର କାମ ଯୋଗୁଁ ତାହା ମଧ୍ୟ ଭାଙ୍ଗି ଯାଇଛି। ବନ ବିଭାଗର ଅବହେଳା ଯୋଗୁଁ ଗଛ ସବୁ ମରିଯାଇଛି। କେବଳ ଶୁଖିଲା ମଲା ଗଛ ଓ ଘାସରେ ପରିପୂର୍ଣ୍ଣ ଦେଖିବାକୁ ମିଳିଛି। ଖରା ଦିନରେ ପାଣି ଅଭାବ କାରଣରୁ ଏହି ଗଛ ସବୁ ମରିଯାଇଥିବା ଗ୍ରାମବାସୀଙ୍କଠାରୁ ଜାଣିବାକୁ ମିଳିଛି। ଯାହାକି ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯୋଜନା ନାଁରେ ଟଙ୍କା ଖର୍ଚ୍ଚ କରାଯାଉ ଥିଲେ ବି ଫଳ ଶୂନ। ସ୍ଥାନୀୟ ଗ୍ରାମବାସୀ ବି ଖୁସି ଥିଲେ। କାରଣ ନିଜ ଗାଁ ନିକଟରେ ସବୁଜ ପରିବେଶ ସୃଷ୍ଟି ହେବ; କିନ୍ତୁ ବନ ବିଭାଗର ଅପାରଗତା ଓ ରକ୍ଷଣା ବେକ୍ଷଣ ଅଭାବରୁ ପ୍ରକଳ୍ପ ଉଜୁଡି ଯାଇଛି। ତେଣୁ ଏଠାରେ ପୁନଃ ଚାରାରୋପଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ମନମୁଣ୍ଡା ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରାଙ୍କୁ ପଚାରିବାରେ ମାର୍ଗଦର୍ଶିକା ଅନୁଯାୟୀ ଚାରାରୋପଣ ହୋଇଛି। ଖତ ସହ ଟ୍ୟାଙ୍କରରେ ପାଣି ଦିଆଯାଇଥିଲା। ମନରେଗା ଯୋଜନାରେ ଦ୍ୱିତୀୟ ବର୍ଷ ଅଟକଳ ପରିମାଣ ଅନୁମୋଦନ ହୋଇ ନ ପାରିବାରୁ ସମସ୍ୟା ଦେଖାଦେଇଥିଲା। ତେବେ ଏନେଇ ବିଭାଗ ତରଫରୁ କୌଣସି ଅନିୟମିତତା ହୋଇ ନ ଥିବା ଓ ଗ୍ରାମବାସୀଙ୍କ ଅଭିଯୋଗ ମିଥ୍ୟା ବୋଲି କହିଥିଲେ। ହେଲେ ତାଙ୍କ କଥା ଓ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳିଛି। ଏହାକୁ ନେଇ ବୌଦ୍ଧ ଏସିଏଫ ମିନାକ୍ଷୀ କୁମୁରାଙ୍କ ପ୍ରତିକ୍ରିୟା ନେବାରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ ହେବ। କୌଣସି ଅନିୟମିତତା ଜଣାପଡ଼ିଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ସମନ୍ୱୟ ଅଭାବରୁ ବନ ବିଭାଗର 'ସବୁଜ ସୁନ୍ଦର ପରିବେଶ' ସ୍ଲୋଗାନ୍ ବାସ୍ତବତାଠାରୁ ବେଶ୍ ଦୂରରେ ରହୁଛି। ବୌଦ୍ଧ ଜିଲ୍ଲାରେ ବନିକରଣ ନାମରେ ଲକ୍ଷାଧିକ ଟଙ୍କା କାଗଜ କଲମରେ କରାଯାଇ ଦୁର୍ନୀତି କରାଯାଇଛି। ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ ତଥା ଭିଜିଲାନ୍ସ ତଦନ୍ତ କେବେ କରାଯାଉଛି ଦେଖିବାକୁ ବାକି ରହିଲା।

# ତରଭା ପୁଲିସର ଶାନ୍ତି କମିଟି ବୈଠକ



**ତରଭା, ୧।୩ (ସମିସ):** ତରଭା ପୁଲିସ୍ ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ରବିବାର ଆଇଆଇସି ଅନିତା କିଡୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି। ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଏହି ଆଲୋଚନାରେ ଭାଗ ନେଇଥିଲେ। ସଭାରେ ଆଗାମୀ ଦିନରେ ହେବାକୁ ଥିବା ହୋଲି ପର୍ବ ସମୟରେ କିପରି ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ ସମସ୍ୟାର ନିୟନ୍ତ୍ରଣ କରାଯିବା ଏବଂ ହୋଲି ଉତ୍ସବ ସନ୍ଧ୍ୟାରେ ସୁନାରିପଡ଼ା ଭାଗବତ ମନ୍ଦିର ସମ୍ମୁଖରେ ହେବାକୁ ଥିବା ହରିହର ଭେଟ ଘାଟର ସୁପରିଚାଳନା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଆଲୋଚନା ହୋଇଥିଲା। ତରଭାରେ ସର୍ବଧର୍ମ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ବଜାୟ ରଖିବା ପାଇଁ ସେ ଅନୁରୋଧ କରିଥିଲେ। ବୈଠକରେ ମଧୁସୂଦନ ପାଣ୍ଡେ, ଆକବର ଅଲ୍ଲୀ, ଏହେସାନ ଖାନ, କୁଶଳେଶ୍ୱର ସୁନା, ମାନଭଞ୍ଜନଗୁ ମିଶ୍ର, ନରୋତ୍ତମ ମଲ୍ଲିକ, ସୁକାନ୍ତ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, ଏଏସଆଇ ସୁଧୀର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏସ୍‌ଆଇ ପ୍ରସନଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଓସିଏ ଅମ୍ପାୟାର ପରୀକ୍ଷାରେ ଜିତେନ୍ଦ୍ରୀୟ ଉତ୍ତୀର୍ଣ୍ଣ

**ବିନିକା, ୧।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦା ଗ୍ରାମ ସ୍ଥିତ ଜିତେନ୍ଦ୍ରିୟ ଥନାପତି ଓସିଏ ଅମ୍ପାୟର ପରୀକ୍ଷାରେ ୫୩.୩୩ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇ ବିନିକା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଯାହାକୁ ନେଇ କ୍ରୀଡା ପ୍ରେମୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ସୂଚନାନୁଯାୟୀ, ଗତ ୨୦୨୫ ଜୁନ ୨୮ ତାରିଖରେ ଅମ୍ପାୟାର ଚୟନ ନେଇ ଓସିଏ ତରଫରୁ ପରୀକ୍ଷା ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ କୋଣରୁ ପ୍ରାୟ ୧୨୬ ଜଣ ଭାଗନେଇଥିଲେ। ସେଥିରୁ ସୁବର୍ଣ୍ଣପୁର ଜିଲ୍ଲାର ଜିତେନ୍ଦ୍ରିୟ ଥନାପତି ଏକମାତ୍ର ପ୍ରତିଯୋଗୀ ଭାବେ



ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିନିକା ସ୍ପୋର୍ଟସ କ୍ଲବ ସଭାପତି ସୋମନାଥ ମିଶ୍ର ଓ ଅଫିସ ଇନଚାର୍ଜ ହିମାଂଶୁ ଶେଖର ପୁଟେଲ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଜିତେନ୍ଦ୍ରିୟ ଓଡ଼ିଶା ଫୁଟବଲ ଆସୋସିଏସନର ରେଫରୀ ଭାବରେ ନିଯୁକ୍ତି ପାଇ ରାଜ୍ୟସ୍ତରରେ ଆୟୋଜିତ ଫୁଟବଲ ମ୍ୟାଚ ଗୁଡିକରେ ରେଫରୀ ଭାବେ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି।

# ଖରଭୂଇଁରେ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**ବୌଦ୍ଧ, ୧।୩(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଛତ୍ରଙ୍ଗ ପଞ୍ଚାୟତ ଖରଭୂଇଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂକୁଳଇ ଆଞ୍ଚଳିକ ସାଧନକର୍ମୀ ନରେନ୍ଦ୍ର ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମାସିକ ବୈଠକରେ ମୁଖ୍ୟ ଅତିଥି ଭାବେ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ଅନ୍ୟତମ ଅତିଥି ଭାବେ ସହ ଗୋଷ୍ଠୀ ଅଧିକାରୀ ବିସିକେଶନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଚମ୍ପାମାଳ ଚମ୍ପେଶ୍ୱର ବାବାଙ୍କ ପଞ୍ଚଦୋଳ ମହୋତ୍ସବ

**ବୀରମହାରାଜପୁର, ୧।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଚମ୍ପାମାଳ ସ୍ଥିତ ପ୍ରସିଦ୍ଧ ଶୈବ ପୀଠ ଚମ୍ପେଶ୍ୱର ମନ୍ଦିରରେ ପଞ୍ଚଦୋଳ ମହୋତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ପାଞ୍ଚଦିନ ଧରି ପ୍ରତ୍ୟହ ସନ୍ଧ୍ୟାରେ ପ୍ରଭୁ ଚମ୍ପେଶ୍ୱରଙ୍କ ଏହି ଦୋଳଯାତ୍ରା ଅନୁଷ୍ଠିତ ହୋଇଛି। ଶନିବାର ସନ୍ଧ୍ୟାରେ ପୂଜା ଅର୍ଚ୍ଚନା ପରେ ପୂଜକ ମାନେ ଚମ୍ପେଶ୍ୱର ଓ ପାର୍ଶ୍ୱ ଦେବାଦେବୀଙ୍କୁ ଦୋଳିରେ ବସାଇ ଦୋଳ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାଣ୍ଡରୀ ଏବଂ ଡୁମୁରି ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଞ୍ଚଦୋଳ ମହୋତ୍ସବ କମିଟିର ସଭାପତି କିଶୋର କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆମ ଆଦମୀ ପାର୍ଟି ଜିଲ୍ଲା ସଭାପତି



ପୃଥ୍ୱୀରାଜ ଜଗଦଲା ମୁଖ୍ୟଅତିଥି ଭାବରେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ପାଞ୍ଚଦିନ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ଶ୍ରୀ ହୋତା ସୂଚନା ଦେଇଥିଲେ। ପରେ ଡୁମୁରିର ମହିଳା ବୈଠକ ଏବଂ ପାଣ୍ଡିରୀର ମହିଳା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଡୁମୁରିର ଗାୟକ ପଦ୍ମିନୀ ପାଣ୍ଡେ, ବାହକ ଭାବରେ କୁଞ୍ଜ ରହିଥିବା ବେଳେ ପାଣ୍ଡିରୀର ରଶ୍ମିତା ଧରୁଆ, ବିଶ୍ୱ ବରିହା ସୁନ୍ଦର ବୈଠକ ପରିବେଷଣ କରିଥିଲେ। ଶହ, ଶହ ଦର୍ଶକ ସଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

# ବାଲ୍ୟବିବାହ ରୋକିବାକୁ ସଚେତନତା କାର୍ଯ୍ୟକ୍ରମ




**ବୌଦ୍ଧ, ୧।୩ (ସମିସ):** ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତ ବଲାକିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଯୁବ କେନ୍ଦ୍ର ଓ ବର୍ଣ୍ଣାଳି ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ବାଲ୍ୟ ବିବାହମୁକ୍ତ ଭାରତ ପାଇଁ ଏକ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଲାକିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କେତେକ କିଶୋରୀ ବାଳିକା ଓ ବାଳକଙ୍କ ସହ ଶିକ୍ଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱ ଯୁବ କେନ୍ଦ୍ର ବୌଦ୍ଧ ଜିଲ୍ଲା ସହାୟକ କର୍ମଚାରୀ ବନିତା ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବାଲ୍ୟବିବାହର କୁପରିଣାମ, ଦଣ୍ଡବିଧାନ ବ୍ୟବସ୍ଥା ଓ ଏହାକୁ କିପରି ରୋକାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା।

# ଫ୍ରେଣ୍ଡସ କ୍ଲବ୍ ଫୁଟବଲ୍ ପ୍ରତିଯୋଗିତା; ମୁଣ୍ଡାପଡ଼ା ଚାମ୍ପିଅନ

**ବୌଦ୍ଧ, ୧।୩ (ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ ଖେଳପଡ଼ିଆରେ ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ୫ ଦିନ ଧରି ଚାଲିଥିବା ୨୩ତମ ମୁଣ୍ଡାପଡ଼ା ଫ୍ରେଣ୍ଡସ କ୍ଲବ୍ ଫୁଟବଲ୍ ପ୍ରତିଯୋଗିତା ଶେଷ ହୋଇଛି। ଫାଇନାଲ ଖେଳ ମୁଣ୍ଡାପଡ଼ା ଓ ମନୁପାଲି ମଧ୍ୟରେ ହୋଇଛି। ଏଥିରେ ମୁଣ୍ଡାପଡ଼ା ୧-୦ ଗୋଲରେ ମନୁପାଲି ଦଳକୁ ହରାଇ ଚାମ୍ପିଅନ ହୋଇଛି। ରେଫରି ଭାବେ ଶ୍ରବଣ ବେହେରା ଖେଳ ପରିଚାଳନା କରିଥିଲେ। ଅମ୍ବରେଶ ପ୍ରଧାନ ଓ ନିରଞ୍ଜନ ବଗର୍ତ୍ତୀ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଭାବେ ବସୁଦେବ ସାହୁ ଦାୟିତ୍ୱ ତୁଲାଇଥିଲେ। ଅଜିତ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାମ୍ବାଦିକ ସୁଧାଂଶୁ ଶେଖର ମିଶ୍ର, ଫ୍ରେଣ୍ଡସ କ୍ଲବର ସଭ୍ୟ ଅଜିତ ସାହୁ, ନିଗମାନନ୍ଦ ମହାକୁଡ଼, ପୂର୍ବତନ ଅଧିନାୟକ ବେଲାରସନ ନାଏକ ମଞ୍ଚାସୀନ ଥିଲେ। ବେଷ୍ଟ ଗୋଲ୍ କିପର ଭାବେ ଶ୍ରୀତମ ଭୋଇ, ବେଷ୍ଟ ଡିଫେଣ୍ଡର ଭାବେ ଅମର ଷାଣ୍ଢ, ବେଷ୍ଟ ପ୍ଲେୟାର ଭାବେ ଅଂଶୁମାନ ଜାଲଙ୍କୁ ପୁରସ୍କୃତ କରାଯାଇଛି।



## ମନରେଗା ଯୋଜନାରେ ଦୁର୍ନୀତି

# ରାସ୍ତା ନାଁରେ ୮ ଲକ୍ଷ ୮୦ ହଜାର ଆତ୍ମସାତ

**ବୀରମହାରାଜପୁର, ୧।୩(ସମିସ):** ରାସ୍ତା ତିଆରି ନାଁରେ ମନରେଗା ଯୋଜନାରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି। କାଗଜ କଲମରେ ରସ୍ତା ନିର୍ମାଣ କାର୍ଯ୍ୟ ସରିଥିବା ଦର୍ଶାଯାଇଛି ବାସ୍ତବିକ ଯଦି ଦେଖାଯାଏ ସେହି ରାସ୍ତାରେ ମାଟି ମୁଠାଏ ମଧ୍ୟ ପଡ଼ି ନାହିଁ। ଖାଲି ଏତିକି ନୁହେଁ ଗୋଟିଏ ରାସ୍ତା ପାଇଁ ଦୁଇଟି ନାଁରେ କାର୍ଯ୍ୟାଦେଶ ବାହାର କରାଯାଇ ୮ଲକ୍ଷ ୮୦ହଜାର ୨୨୩ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି। ମନରେଗା ପାଇଁ ନିଯୁକ୍ତି ହୋଇଥିବା ଲୋକପାଳ ଏହାର ତଦନ୍ତ ଆରମ୍ଭ କରିଥିବାବେଳେ ଘଟଣାସ୍ଥଳରେ କୌଣସି ରସ୍ତା ନିର୍ମାଣ ହୋଇ ନ ଥିବା ଦେଖି ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ରକ୍ସା ପଞ୍ଚାୟତର ଗୁରପଙ୍ଗା ଗାଁରେ ଏଭଳି ଦୁର୍ନୀତି ହୋଇଛି। ସୂଚନା ଅନୁସାରେ ୨୦୨୨-୨୦୨୩ ଆର୍ଥିକ ବର୍ଷରେ ଖପୁରୀ ପୁରରୁ ରାଜନଗର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ମନରେଗା ଯୋଜନାରୁ ୪ଲକ୍ଷ ୯୨୩ ଟଙ୍କା ଖର୍ଚ୍ଚ କରାଯାଇଛି, ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ଖପୁରୀ ପୁରରୁ ବେଇମାନଟିକିରା ରାସ୍ତା ନିର୍ମାଣ ନାମରେ ମନରେଗା ଯୋଜନାରୁ ୪ଲକ୍ଷ ୭୯ ହଜାର ୩୦୦ଟଙ୍କା ଖର୍ଚ୍ଚ ହୋଇଥିବା ଦସ୍ତାବିଜରୁ ଜଣାପଡ଼ିଛି। ଖପୁରୀପୁର ରୁ ରାଜନଗର ଓ ଖପୁରୀ ପୁରରୁ ବେଇମାନ ଟିକିରା ଦର୍ଶାଯାଇଥିବା ରାସ୍ତା ଗୋଟିଏ ହୋଇଥିବାବେଳେ ସମୁଦାୟ ୮ଲକ୍ଷ ୮୦ହଜାର ୨୨୩ଟଙ୍କା ଖର୍ଚ୍ଚ କରାଯାଇଛି। ମାତ୍ର ଉକ୍ତ ସ୍ଥାନ ରେ କୌଣସି ରାସ୍ତା ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସ୍ଥାନୀୟ ଜଣେ ଯୁବକ ମନରେଗା ଲୋକପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇଲାପରେ ଲୋକପାଳ ସଂଯୁକ୍ତା ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମାତ୍ର ଉକ୍ତ ରାସ୍ତାବଦଳରେ ପୂର୍ବରୁ ଅନ୍ୟ ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତା ତାଙ୍କୁ ଦେଖା ଯାଇଥିଲା। ପ୍ରଶାସନର ଏ ଭଳି ଅବହେଳାକୁ ନେଇ ସେ ଅସନ୍ତୁଷ୍ଟ ହୋଇଥିଲେ। ଲୋକପାଳଙ୍କ ତଦନ୍ତ ସମୟରେ ଏକ ରୋଚକ ଘଟଣା ଦେଖାଇବାକୁ ମିଳିଥିଲା। ରକ୍ସା ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସ୍ୱାମୀ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗକାରୀଙ୍କ ସହ ଯୁକ୍ତି ତର୍କକରି ସଫେଇ ଦେବାକୁ ଚେଷ୍ଟା କରିଥିଲେ। ମାତ୍ର କନିଷ୍ଠ ଯନ୍ତ୍ରୀ ଉକ୍ତ ରାସ୍ତାରେ କୌଣସି ଦୁର୍ନିତୀ ହୋଇନଥିବା କହିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲୋକପାଳ ସୂଚନା ଦେଇଛନ୍ତି।

# ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ

**ଡୁଙ୍ଗୁରିପାଲି, ୧।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସ୍ଥାନୀୟ ସତ୍‌ସଙ୍ଗ ବିହାର ଠାରେ ଠାକୁରଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଡୁଙ୍ଗୁରିପାଲି ଅଞ୍ଚଳର ଶହ ଶହ ଭକ୍ତଙ୍କ ସମାଗମ ହୋଇଥିଲା। ଏଥିପାଇଁ ଆଜି ପ୍ରତ୍ୟୁଷରୁ ପ୍ରାର୍ଥନା, ଭଜନ ତଥା ସାଂସ୍କୃତିକ ନଗର କିର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ସମାଜରେ ମଣିଷ ଅଣନିଶ୍ୱାସୀ ହୋଇ ସାରିଲାଣି, ଏହି ଅଣ ନିଶ୍ୱାସୀରୁ ବଞ୍ଚିବା ପାଇଁ ଠାକୁରଙ୍କ ନୀତି, ନିୟମ, ଆଦର୍ଶ ଅନୁଶାସନରେ ଅନୁଶାସିତ ହୋଇ ଚାଲିବା ନିତାନ୍ତ ଆବଶ୍ୟକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଶେଷରେ ଆନନ୍ଦ ବଜାରରେ ସାମୁହିକ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏ ସମସ୍ତ କାର୍ଯ୍ୟକ୍ରମ ଜନ୍ମେଜୟ ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର, କୋବିଦାନନ୍ଦ ସାହୁ, ସାଧୁ ସେଟ, ସାରଦୁଲ ବେହେରା, ଆଶୁତୋଷ ପଧାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଶେଷ ହୋଇଥିଲା।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ବିନିକା, ୧।୩(ସମିସ):** ବିନିକା ସ୍ଥିତ ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟରେ ଦୀର୍ଘ ୮ ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଧୀରେନ୍ଦ୍ର ନାୟକ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରି ତାଲିମର ଉପାଦେୟତା ଉପରେ ଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପକ ଗୋପାଳକୃଷ୍ଣ ଦାଶ ଯୋଗଦେଇ ଛାତ୍ରୀମାନଙ୍କ ସୁରକ୍ଷାକୁ ନେଇ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମାଷ୍ଟର ଟ୍ରେନର ନମ୍ରତା ଖେତୀ ଓ ସାବିତ୍ରୀ ସାହୁ ୬୦ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଭଗବାନ ସାହୁ ସଂଯୋଜନା କରିଥିବା ବେଳେ ଖେଳ ଶିକ୍ଷକ ମନୋଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଫୁଲା ପଞ୍ଚାୟତର ବୈଠକ

# ପିଇଓଙ୍କ ତତ୍ତ୍ୱାବଧାନରେ ହେବ ପିଡିଏସ୍ ସାମଗ୍ରୀ ବଣ୍ଟନ

**ବୀରମହାରାଜପୁର, ୧।୩ (ସମିସ):** ଉଫୁଲା ଗ୍ରାମ ପଞ୍ଚାୟତର ବୈଠକ ସରପଞ୍ଚ ଶ୍ରୀୟା କର୍ମୀଙ୍କ ପୌରୋହିତ୍ୟରେ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ଓ ପିଡିଏସ ଲାଇସେନ୍ସ ଅଧିକାରୀ କାର୍ତ୍ତିକେଶ୍ୱର ଶତପଥୀ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଚାୟତ ଖାଉଟି ସାମଗ୍ରୀ ଗ୍ରହଣ, ବଣ୍ଟନ, ଆୟବ୍ୟୟ ଉପସ୍ଥାପନ, ଖାଲି ବସ୍ତା ବିକ୍ରି, ବଣ୍ଟନ ସମୟ ନିର୍ଘଣ୍ଟ ବଣ୍ଟନ ପୂର୍ବରୁ ନୋଟିସ ମାଧ୍ୟମରେ ସାର୍ବଜନୀନ କରାଯିବାକୁ ସଭ୍ୟସଭ୍ୟା ମତାମତ ରଖିଥିଲେ। ଚଳିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଳଛତ୍ର ଓ ନଳକୂଅର ମରାମତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଗାମୀ ଦୋଳଯାତ୍ରାକୁ ଦୃଷ୍ଟିରେ ରଖି ୱାର୍ଡ ମେମ୍ବରଙ୍କ ସିଟିଂ ଫି ପ୍ରଦାନ, ଦୋଳଯାତ୍ରା ବ୍ୟାରିକେଡ଼ ନିର୍ମାଣ, ଯାତ୍ରାରେ ଜଳଛତ୍ର ଖୋଲିବା, ଅଲୋକୀକରଣ କରିବା ଉପରେ ଆଲୋଚନା ହୋଇଥିଲା। ପଞ୍ଚାୟତ ଉନ୍ନୟନ, ଆୟବ୍ୟୟ, ପୂର୍ବ ବିବରଣୀ ପାଠ ହୋଇଥିଲା। ଖାଉଟି ଓ ସର୍ବସାଧାରଣ ଇ-ଲାଇବ୍ରେରି, ପାଠାଗାର, ମାଗଣା ଡାଟା ସେବା ଯୋଗାଣ ପ୍ରକଳ୍ପ ପାଇଁ ଆଲୋଚନା ହୋଇଥିଲା। ହରିଶ୍ଚନ୍ଦ୍ର ଯୋଜନା, ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ଶତକଡାରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଭତ୍ତା ବୃଦ୍ଧି, ନୂତନ ହିତାଧିକାରୀ ଚୟନ ନେଇ ଆଲୋଚନା ହୋଇଥିଲା। ଆଲୋଚନାରେ କାର୍ଯ୍ୟ ନିର୍ବାହୀ ଅଧିକାରୀ କାର୍ତ୍ତିକେଶ୍ୱର ଶତପଥୀ, ୱାର୍ଡ ମେମ୍ବର ରୁକ୍ ସୁନା ବେଗମ୍, ଶିବାନୀ ସାହୁ, ବୁଲି ପଳାଇ, କଳ୍ପନା ଓତା, ମଙ୍ଗୁଲୁ ଜଗଦଲା, ଧରିତ୍ରୀ ବାଘ, ଗୋପୀନାଥ ନାଏକ, ସୁଶାନ୍ତ ଜଗଦଲା, ସୁଦାମ ଜଗଦଲା, ଘାସିରାମ ବାଦୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏସଇଏମ କିଶୋର ଭୋଇ, କର୍ମଚାରୀ ମଧୁସୂଦନ ଚାନ୍ଦ ଓ ନିତ୍ୟାନନ୍ଦ ବିଶ୍ୱାଳ ସହଯୋଗ କରିଥିଲେ।

# ବିଜ୍ଞାନର ସଦୁପଯୋଗ କରିବାକୁ ପରାମର୍ଶ

**ବୌଦ୍ଧ, ୧।୩(ସମିସ)**

ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜୀବନରେ ବିଜ୍ଞାନର ଆବଶ୍ୟକତା ବର୍ଣ୍ଣନା କରିବା ସହିତ ବିଜ୍ଞାନର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ସମ୍ମାନୀତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ମନୋନୀତ ହୋଇ କଲିକତାରେ ଅନୁଷ୍ଠିତ ଜୋନାଲ ବିଜ୍ଞାନମେଳାରେ ଅଂଶଗ୍ରହଣ କରିଥିବା ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ଦୀପକ ପ୍ରଧାନ ଓ ମାର୍ଗଦର୍ଶକ ଶିକ୍ଷକ ସରୋଜ ପ୍ରଧାନଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଟ୍ରଫି ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା। ଶିକ୍ଷକ ସନ୍ତୋଷ କର୍ଣ୍ଣ ଅତିଥି ପରିଚୟ ସହିତ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ଅଧ୍ୟକ୍ଷତା କରିଥିଲେ। ସେହିଭଳି ବୌଦ୍ଧ ସହର ଖଲିଆ ବଗିଚା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେରେ ମଧ୍ୟ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଉଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ପ୍ରବୀର ଦାସ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଗୀତାରାଣୀ ପଣ୍ଡା, ଆରତୀ ମିଶ୍ର ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଗୁରୁଦତ୍ତ ମିଶ୍ର ଅତିଥି ଭାବରେ ଯୋଗଦେଇ ସାର୍ ସି ଭି ରମଣଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।







**ବୀରମହାରାଜପୁର:** ସ୍ଥାନୀୟ ବାଗବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜଟେସିଂଗା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଥମ ସମାପ୍ତି ସୂଚକ ଆକଳନରେ ପ୍ରତ୍ୟେକେ ଶ୍ରେଣୀରେ ବିଜ୍ଞାନ ବିଷୟରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଭୁଦତ୍ତ ବେଦୋକ୍ତା ସଭା ପରିଚାଳନା କରିଥିବାବେଳେ ସୁରେନ୍ଦ୍ର ଓତା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଗୌରୀ କୁମୁରା ସହଯୋଗ କରିଥିଲେ।

# ମହାଭାରତ ମହାପରାୟଣ ମହାଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ

**ଗୋଲାମୁଣ୍ଡା, ୧।୩(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଯାଦବ ମହାସଭା ତରଫରୁ ଆୟୋଜିତ ମହାଭାରତ ମହାପରାୟଣ ମହା ଯଜ୍ଞର ଭୂମିପୂଜା ଓ ଶୁଭଖମ୍ବ ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ସକାଳେ ପୂଜାପାଠ ସହିତ ଶୁଭ ଖମ୍ବ ପାଇଁ ଗଛ କଟା ଯାଇ ମହାଭାରତ ପଡ଼ିଆକୁ ଶତାଧିକ ଶ୍ରଦ୍ଧାଳୁମାନେ ଯାଇ ଅଣା ଯାଇଥିଲା। ପରେ ବ୍ରାହ୍ମଣମାନେ ମନ୍ତ୍ର ବେଦପାଠ କରି ଶୁଭଖମ୍ବ ସ୍ଥାପନ ଓ ଭୂମିପୂଜା କରିଥିଲେ।କର୍ତ୍ତା ଭାବରେ ସୁବାଷ ବଗର୍ତ୍ତୀ ଓ ତାଙ୍କ ଧର୍ମପତ୍ନୀ ମଦନା ବଗର୍ତ୍ତୀ ତୁଲାଇଥିବା ବେଳେ ଗୌତମ ଯୋଶୀଙ୍କ ଟିମ୍ ପୂଜାପାଠ କରିଥିଲେ। ଗୋଲାମୁଣ୍ଡା ବ୍ଲକ ଯାଦବ ମହାସଭାର ସଭାପତି ଗିରିଧାରୀ ତେଜି, ସମ୍ପାଦକ ପରିକ୍ଷିତ ଖର୍ସେଲ, ଉପ ସଭାପତି ରେବା କଟା, ଯୁଗ୍ମ ସମ୍ପାଦକ ସଦାଶିବ ବେମାଲ, କୋଷାଧ୍ୟକ୍ଷ ଧନେଶ୍ୱର ଚଲାନ, ବିଜେପି ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାଖୁ କେତକୀ, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ପୂର୍ବତନ ବ୍ଲକ ସଭାପତି ଶୋଭାବନ ଭାଟି, ଯୁବ ଯାଦବ ତଥ ସାମ୍ବାଦିକ ବ୍ରହ୍ମା ପ୍ରସାଦ କାଣ୍ଡ, ସମାଜସେବୀ ସାଧୁ ବଗର୍ତ୍ତୀ, ଯୋଗି ବଗର୍ତ୍ତୀ ଓ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ସମସ୍ତ ଅଞ୍ଚଳ ସଭାପତି ଓ ସମ୍ପାଦକ ସହିତ ଡୁଡୁକେଲ ଗ୍ରାମର ଅନେକ ଯାଦବ ଉପସ୍ଥିତ ଥିଲେ।

# କଳାହାଣ୍ଡି ଲେଖକ କଳା ପରିଷଦର ସାଧାରଣ ସଭା

**ଭବାନୀପାଟଣା, ୧।୩ (ସମିସ):** କଳାହାଣ୍ଡିର ସାଂସ୍କୃତିକ ଅନୁଷ୍ଠାନ କଳାହାଣ୍ଡି ଲେଖକ କଳା ପରିଷଦର ବାର୍ଷିକ ସାଧାରଣ ବୈଠକ ପରିଷଦ ସଭାଗୃହରେ ଉମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ



ଭବନାଥ ରାୟଗୁରୁ କାର୍ଯ୍ୟକ୍ରମ ପରିଚାଳନା ସହ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଭାଗିରଥି ବେହେରା ବାର୍ଷିକ ଆୟବ୍ୟୟ ଉପସ୍ଥାପନା କରିଥିଲେ। ପରେ ଆଇନ ପରାମର୍ଶଦାତା ଅଧିବକ୍ତା ଦିଲ୍ଲୀପ କୁମାର ସାଙ୍କ ତତ୍ୱାବଧାନରେ ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ ରଥଙ୍କ ପରିଚାଳନାରେ ନୂତନ ସମିତି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ଉମେଶ ଚନ୍ଦ୍ର ପଣ୍ଡା, ଉପସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ ଓ ଡ.ତପନ କୁମାର ରଥ, ସମ୍ପାଦକ ଭବନାଥ ରାୟଗୁରୁ, ସହସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ଓ ସୌରଭ ମହାପାତ୍ର, କୋଷାଧ୍ୟକ୍ଷ ଭାଗିରଥି ବେହେରା ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରବୋଧ ରଥ, ପ୍ରବୀର ମିଶ୍ର, ଶେଷଦେବ ମିଶ୍ର, ଗୋପାଳ ଚନ୍ଦ୍ର ସାହୁ, ସୁଧୀର ରଞ୍ଜନ ମିଶ୍ର, ଶୁଭେନ୍ଦୁ ମହାପାତ୍ର, ଧ୍ୟାନନନ୍ଦ ପଣ୍ଡା, ଆଶୁତୋଷ ପୁରୋହିତ, ତରୁଣ ମହାପାତ୍ର ଓ କଳ୍ପନା ରଥ ମନୋନୀତ ହୋଇଥିଲେ।ଏଥିସହ ନୂତନ କର୍ମକର୍ତ୍ତା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ଭାବେ ଡ. ଦାଶରଥି ଆଚାର୍ଯ୍ୟ, କୃଷ୍ଣାବତାର ଦେଓ, ନରେନ୍ଦ୍ର ପଣ୍ଡା ଓ ଭୀମସେନ ସାହୁଙ୍କୁ ନୂତନ ଭାବେ ମନୋନୀତ କରାଯାଇଥିଲା।

# ଅନ୍ତର୍ଜାତୀୟ ମହିଳା ଦିବସରେ ସମ୍ବର୍ଦ୍ଧିତ ହେବେ ୩୦ ଆଦର୍ଶ ଗୃହଣୀ

**ଭବାନୀପାଟଣା, ୧।୩ (ସମିସ):** ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ୮ ମାର୍ଚ୍ଚ ଅନ୍ତର୍ଜାତୀୟ ମହିଳା ଦିବସରେ ସମ୍ବର୍ଦ୍ଧିତ ହେବେ ୩୦ଜଣ ଆଦର୍ଶ ଗୃହଣୀ। ଏଥିପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଗୃହିଣୀ ହେଉଛନ୍ତି ପରିବାରର ମେରୁଦଣ୍ଡ, ଯିଏ ନିଜ ସ୍ନେହ, ତ୍ୟାଗ ଓ ସେବା ଦ୍ୱାରା ଘରକୁ ସ୍ୱର୍ଗ ସଦୃଶ କରିଥାନ୍ତି। ସେ ସମସ୍ତଙ୍କ ଆବଶ୍ୟକତା ପୂରଣ କରିବା ସହ ଶୃଙ୍ଖଳିତ ଜୀବନଯାପନ, ସୁସ୍ଥ ଖାଦ୍ୟପେୟ ଏବଂ ପିଲାମାନଙ୍କୁ ସଂସ୍କାର ଦେଇ ଉତ୍ତମ ନାଗରିକ ଭାବେ ଗଢ଼ି ତୋଳନ୍ତି। ସେ ଅଧୈର୍ଯ୍ୟ ନ ହୋଇ ପରିବାରର ସୁଖ ପାଇଁ ନିଜକୁ ଉତ୍ସର୍ଗ କରନ୍ତି। ଜଣେ ଆଦର୍ଶ ଗୃହିଣୀ କେବଳ ଘରର ଚାରି କାନ୍ଥ ଭିତରେ ସୀମିତ ନଥାନ୍ତି, ବରଂ ସମାଜ ଗଠନରେ ମଧ୍ୟ ସେମାନଙ୍କର ବଡ଼ ଅବଦାନ ଥାଏ। ଭବାନୀପାଟଣା ପୌରପାଳିକାସ୍ତରୀୟ ୩୦ ଜଣ ଆଦର୍ଶ ଦୁହିତାଙ୍କୁ ଆସନ୍ତା ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରେ ସମ୍ବର୍ଦ୍ଧନା କରାଯିବ। ନାମାଙ୍କନ କରିଥିବା ମହିଳା ଭବାନୀପାଟଣା ପୌରପାଳିକାର ବାସିନ୍ଦା ହୋଇଥିବେ ଓ ବୟସ ୨୫ରୁ ୪୫ ମଧ୍ୟରେ ହେବା ଜରୁରୀ, ପ୍ରଥମ ୩୦ ଜଣ ନାମାଙ୍କନ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧନା କରାଯିବ ବୋଲି ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ. ଶିବରାମ ନାୟକ ସୂଚନା ଦେଇଛନ୍ତି। ସ୍କୁଲର ଉପଦେଷ୍ଟା ମଣ୍ଡଳୀର ମୁଖ୍ୟ ମୁକୁନ୍ଦ ରେ‡ୀ, ଶିକ୍ଷୟିତ୍ରୀ ସରିତା ବେଗେଲ, ଚନ୍ଦ୍ରପ୍ରଭା ମିଶ୍ର, ସମୀକ୍ଷ୍ୟାରାଣୀ ବେହେରା ସମେତ ବହୁ ଅଭିଭାବକ ଅଭିଭାବିକା ଉପସ୍ଥିତ ରହି ସହଯୋଗ କରିଥିଲେ।

## ନୂଆପଡ଼ା ଜିଲ୍ଲାରେ ଦିଶା ବୈଠକ

# ଜିଲ୍ଲାର ସାମଗ୍ରିକ ବିକାଶ ପ୍ରତି ଧ୍ୟାନ ଦେବାକୁ ଗୁରୁତ୍ୱ

**ନୂଆପଡ଼ା, ୧।୩(ସମିସ)**

ନୂଆପଡ଼ା ଜିଲ୍ଲା ସଭାବନା ସଭା ଗୃହରେ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି ସଭା, ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ଜିଲ୍ଲାରେ ବିଭିନ୍ନ ବିଭାଗର ଉନ୍ନୟନ କାମର ଦ୍ରୁତ ପ୍ରଗତି ହୋଇଛି। ଏହାକୁ ଆହୁରି କ୍ରିୟାଶୀଳ କରିବା ପାଇଁ ସାମୟିକ ସମୀକ୍ଷା ସହାୟକ ହେବ ବୋଲି କହିଥିଲେ।ଏହାପରେ ସମସ୍ତ ବ୍ଲକର ଅଧ୍ୟକ୍ଷା, ଖରିଆରରୋଡ ଏନ୍ଏସି ଅଧ୍ୟକ୍ଷା ଡ଼. ସୋନିଆ ଜୈନ, ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ ଏବଂ ଦିଶା ସଭ୍ୟମାନେ ଜନସାଧାରଣଙ୍କ ମୁଖ୍ୟ ସମସ୍ୟା ଯଥା ଘରଡିହ, ବାସଗୃହ, ବିଦ୍ୟୁତ୍, ପାନୀୟ ଜଳ, ସଡକ, ଶ୍ରମ ଯୋଗାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ମିଶନ, କୃଷି, ଶିଳ୍ପ, ଖାଦ୍ୟ ଯୋଗାଣ ଇତ୍ୟାଦି ବିଷୟ ଉପରେ ଗୃହରେ ବିଶଦ ଭାବରେ ଆଲୋଚନା କରିଥିଲେ। ଏହାପରେ ସାଂସଦ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଯେଉଁ କ୍ଷେତ୍ରରେ ସମସ୍ୟା ଅଛି ସେସବୁର ଶୀଘ୍ର ସମାଧାନ କରିବା ପାଇଁ ସାଂସଦ ବିଭାଗୀୟ




ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ଥିଲେ। ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ନିଜ ବିଧାନସଭା କ୍ଷେତ୍ରର ବିଭିନ୍ନ ସମସ୍ୟା ଉପସ୍ଥାପନ କରି ଏହା ଉପରେ ବିଭିନ୍ନ ବିଭାଗ କଣ ପଦକ୍ଷେପ ନେଇଛନ୍ତି ଜାଣିବାକୁ ଚାହିଁଥିଲେ। ଜିଲ୍ଲାପାଳ କହିଲେ ଯେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ସମାଧାନ କରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ସମୁଚିତ ପଦକ୍ଷେପ ଗ୍ରହଣ କରାଯାଉଛି। ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ରରେ ପିଇବା ପାଣି ଯୋଗାଣ ଓ ଶୌଚାଳୟ ନିର୍ମାଣକୁ ପ୍ରାଥମିକତା ଦିଆ ଯାଉଛି। ଜିଲ୍ଲାରେ ପ୍ରଥମଥର ପାଇଁ ବିଧବା ମହିଳାଙ୍କ ଡାଟା ବେସ ତିଆରି ହୋଇ ସେମାନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆ ଯାଇଛି। ଏହା ସହିତ ବିଭିନ୍ନ ଲାଇନ୍ ବିଭାଗ ସେମାନଙ୍କ ଜୀବନ ଜୀବିକା ପାଇଁ ସହାୟତା ଯୋଗାଇ ଦେଉଛନ୍ତି। ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ସମସ୍ତ ବ୍ଲକର ଅଧ୍ୟକ୍ଷା, ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ବିଭିନ୍ନ ଜନ ପ୍ରତିନିଧି, ଦିଶା କମିଟି ସଦସ୍ୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ବନଖଣ୍ଡ ଅଧିକାରୀ ଖଡିଆଳ, ଅଜିଜ ଖାନ, ବନଖଣ୍ଡ ଅଧିକାରୀ ବନ୍ୟଜନ୍ତୁ, ସମିର ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁବାଷଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ସମସ୍ତ ଏନ୍ଏସି କାର୍ଯ୍ୟନିର୍ବାହି ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଆଜି ଠାରୁ ଆରମ୍ଭ ହେଉଥିବା 'ମାରାଗୁଡ଼ା ଲୋକ ମହୋତ୍ସବ' ର ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ସମସ୍ତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ। ଶେଷରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ହରିହରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଲାଞ୍ଜିଗଡ଼, ୧।୩(ସମିସ):** ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ହରିହରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶୋଭାବନ ଛତରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି। ଚମ୍ପାଦେଇପୁର କ୍ଲଷ୍ଟର ସଂଯୋଜକ ସୌଭାଗ୍ୟ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଚମ୍ପାଦେଇପୁର କ୍ଲଷ୍ଟର କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ସଭା ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଚମ୍ପାଦେଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପଦ୍ମଲୋଚନ ସୁନା, ବରିଷ୍ଠ ଶିକ୍ଷକ ଜି ଶଙ୍କର ଦାସ, ସୁଶାନ୍ତ ମହାରଣା, ଅଭିମନ୍ୟୁ ପାତ୍ର, କ୍ଷୀରସିନ୍ଧୁ ସାହୁ, ନିତ୍ୟାନନ୍ଦ ସାମଲ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ କାର୍ତ୍ତିକ ସେଠି ପରିଚାଳନା କରିଥିଲେ। କ୍ଲଷ୍ଟରସ୍ତରର ସମସ୍ତ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଓସହ ଶିକ୍ଷକ, ଗ୍ରାମବାସୀ, ଛାତ୍ରଛାତ୍ରୀ ଶ୍ରୀ ଛତରଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହାପରେ ଶ୍ରୀ ଛତରଙ୍କୁ ବିଶ୍ୱନାଥପୁର ସ୍ଥିତ ବାସଭବନକୁ ପାଛୋଟି ନେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରମେଶ ହରିଜନ, ହରିଶ୍ଚନ୍ଦ୍ର ପ୍ରଧାନ, ଗଣେଶ ଠେଲା, ବିଶିକେଶନ ଦୋରା, ଶିକ୍ଷୟିତ୍ରୀ ଲିଲାନ ପ୍ରଭା ରାଉତ ରୁନି ସାହୁ, ସାନିଆ ସେଖେର ବେହେରା, ସୁନିଲ ପ୍ରଧାନ, ଜୟଶ୍ରୀ ସ୍ୱାଇଁ, ପ୍ରତିମା ସୁନା ପ୍ରେମ ରାଜ, ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଟ୍ରକ୍ ଧକ୍କାରେ ସାଇକଲ ଆରୋହୀ ଗୁରୁତର

**ଧର୍ମଗଡ଼, ୧।୩(ସମିସ):** ଧର୍ମଗଡ଼ ଥାନା ଗଡ଼ିଆଜୋର ବିଜୁ ଏକ୍ସପ୍ରେସ ରାସ୍ତାରେ ଜଣେ ସାଇକଲ ଆରୋହୀକୁ ଟ୍ରକ୍ ଧକ୍କା ଦେବାରୁ ସାଇକଲ ଆରୋହୀ ଜଣକ ଗୁରୁତର ହୋଇ ପଡ଼ିଛନ୍ତି।ଗୁରୁତର ଜଣକ ବଡଘୁମର ଗ୍ରାମର ଚିତ୍ରସେନ ଗୋପାଳ (୫୫)ବୋଲି ଜଣାପଡ଼ିଛି।ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଡାକ୍ତରଖାନା ନେଇ ଥିବା ସୂଚନା ମିଳିଛି।ତେବେ ଚିତ୍ରସେନ ନିଜ ଗାଁରୁ ପାଖରେ ଥିବା ବନ୍ଧୁ ବାନ୍ଧବ ଘର ଗଡ଼ିଆଯୋର ଗାଁକୁ ମାଙ୍ଗଳିକ ଭୋଜି ଖାଇବାକୁ ଯାଉଥିବା ବେଳେ ପର୍ଲା ଆଡୁ ସିଜି୧୮ ଏ ୫୩୮୧ନମ୍ବର ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଚିତ୍ରସେନ ଛିଟିକି ପଡ଼ିଥିବା ବେଳେ ଟ୍ରକ୍ ଚାଳକ ଗାଡି ନେଇ ଫେରାର ମାରିଛି।ଧର୍ମଗଡ଼ ପୁଲିସକୁ ପ୍ରତ୍ୟକ୍ଷ ଦର୍ଶୀମାନେ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପୁଲିସ ପକ୍ଷରୁ ଶାନ୍ତି କମିଟି ବୈଠକ

**ମ.ରାମପୁର, ୧।୩(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ପକ୍ଷରୁ ଥାନା ଅଧିକାରୀ ଚିତ୍ତ ରଞ୍ଜନ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୪ତାରିଖରେ ପାଳନ ହେବାକୁ ଥିବା ହୋଲି ପର୍ବ କିଭଳି ଶାନ୍ତି ଶୃଙ୍ଖଳା ସହ ପାଳନ କରାଯିବା ନେଇ ଆଲୋଚନା କରାଯାଇଥିଲା। ସହରରେ ବିଭିନ୍ନ ଚୋରି, ଡକାୟତିକୁ କିଭଳି ରୋକା ଯାଇପାରିବ ସେଥିପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଆବଶ୍ୟକ ବୋଲି ଆଲୋଚନା ହୋଇଥିଲା।କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ସାମନ୍ତରା, ବୃନ୍ଦାବନ ନାଗ, ଅଲ ଓଡ଼ିଶା ସିଭିଲକାଷ୍ଟ ଫେଡେରେସନ ଜିଲ୍ଲା ସଭାପତି ବୃନ୍ଦାବନ ନାଗ, ବ୍ଲକ ସଭାପତି ଦାୟାଦନ ନାଗ, ବାର ଆସୋସିଏସନ ସଭାପତି ଜୟ କୁମାର ସିଂହଦେଓ, ସମାଜସେବୀ ଅଭିରାମ ନନ୍ଦ, ଯୁବ ନେତା ବିକାଶ ରଞ୍ଜନ ସିଂହ ଦେଓ, ଆଇନଜୀବୀ ହିମାଦ୍ରୀ ସ୍ୱାଇଁ, ସଚେତନ ନାଗରିକ ଗୋବିନ୍ଦ ଅଗ୍ରୱାଲ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଥାନା ଏ ଏସଆଇ ବି ଅଭିରାମ ରାଓ ସମେତ ଅନ୍ୟାନ୍ୟ ପୁଲିସ କର୍ମଚାରୀ ସହଯୋଗ କରିଥିଲେ।

# ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ ସଫଳତା

**ଭବାନୀପାଟଣା, ୧।୩ (ସମିସ):** ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ରାଜ୍ୟ ତଥା ଜାତୀୟସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରି ବିଶ୍ୱବିଦ୍ୟାଳୟକୁ ନୂତନ ପରିଚୟ ଦେଇଛନ୍ତି। ଚଳିତ ବର୍ଷ ଓଡ଼ିଶା ଅନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ୨୦୨୫-୨୦୨୬ (କ୍ରୀଡା) ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି।ପ୍ରତିଯୋଗିତାର ଉଦ୍‌ଯାପନୀ ପର୍ବରେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ନିବେଦିତା ନାଥ ସମ୍ମାନିତ ଅତିଥିଭାବେ ଯୋଗଦାନ କରି କ୍ରୀଡାବିତମଙ୍କୁ ଉତ୍ସାହ ପ୍ରଦାନ କରିବା ଅବସରରେ କ୍ରୀଡା ଦ୍ୱାରା ମଣିଷର ଶାରୀରିକ ଓ ମାନସିକ ବିକାଶ ସହିତ ରାଷ୍ଟ୍ରର ସମୃଦ୍ଧି କିଭଳି ହୁଏ ବୋଲି କହିଥିଲେ। ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ବ୍ୟାଡମିଣ୍ଟନ ଯୁଗ୍ମ (ପୁରୁଷ) ସୁବ୍ରତ ପ୍ରଧାନ ଓ ବିକାଶ ଧରୁଆ ତୃତୀୟ ସ୍ଥାନ (ବ୍ରୋଞ୍ଜ ପଦକ), କ୍ୟାରମ (ପୁରୁଷ)ରେ ସମୀର ମହାରଣା ପ୍ରଥମ ସ୍ଥାନ (ସ୍ୱର୍ଣ୍ଣ ପଦକ), ବ୍ୟାଡମିଣ୍ଟନ ଯୁଗ୍ମ (ମହିଳା) ରୋଜାଲିନ ନାଏକ ଓ ଭାରତୀ ଭୋଇ ତୃତୀୟ ସ୍ଥାନ (ବ୍ରୋଞ୍ଜ ପଦକ), କ୍ୟାରମ (ମହିଳା)ରେ ଜୟଶ୍ରୀ ବେହେରା ତୃତୀୟ ସ୍ଥାନ (ବ୍ରୋଞ୍ଜ ପଦକ) ହାସଲ କରି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସମ୍ମାନ ବୃଦ୍ଧି କରିଛନ୍ତି। ସୁବ୍ରତ ପଟ୍ଟନାୟକ, ଭାରତୀ ଭୋଇ ଓ ରୋଜାଲିନ ନାଏକ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ ମହାବିଦ୍ୟାଳୟ, ଜୁନାଗଡ଼ର ସମୀର ମହାରଣା ଓ ଜୟଶ୍ରୀ ଭୋଇ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଓ ବିକାଶ ଧରୁଆ ଆଦର୍ଶ ସ୍ନାତକ ଡିଗ୍ରୀ ମହାବିଦ୍ୟାଳୟ, ଖରିଆର, ନୂଆପଡ଼ାର ଅଟନ୍ତି। ବିଶ୍ୱବିଦ୍ୟାଳୟ ତଥା ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟର କର୍ମଚାରୀମାନେ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନିୟମଗିରି ରାଜା ପରବ ଉଦ୍‌ଯାପିତ

# ନିୟମଗିରିର ସୁରକ୍ଷା ପାଇଁ ଆଦିବାସୀଙ୍କ ବଜ୍ର ଶପଥ

**ଲାଞ୍ଜିଗଡ଼, ୧।୩(ସମିସ):** ଜୀବନର ଶେଷ ରକ୍ତବିନ୍ଦୁ ଥିବା ଯାଏ କୌଣସି କମ୍ପାନୀ କିମ୍ବା ସରକାରଙ୍କୁ ନିୟମଗିରିରୁ ମୁଠାଏ ମାଟି ଦେବେ ନାହିଁ ବୋଲି ଡଙ୍ଗରିଆ ଓ ଝରଣିଆ କନ୍ଧ ଆଦିବାସୀ ବଜ୍ରଶପଥ ନେଇଛନ୍ତି। ନିୟମଗିରି ପର୍ବତ ଶିଖର ଧାଙ୍ଗଡ଼ାଭଟାଠାରେ ଗତ ଫେବୃଆରି ୨୭ରୁ ମାର୍ଚ୍ଚ ୧ ତାରିଖ ତିନିଦିନ ଧରି ଆୟୋଜିତ ନିୟମ ରଜା ପର୍ବରେ ଆଦିବସୀମାନେ ବଜ୍ରଶପଥ ନେଇଛନ୍ତି।ନିୟମଗିରି ସୁରକ୍ଷା ସମିତିର ଡାକରାରେ ପ୍ରତିବର୍ଷ ଫେବୃଆରି ଶେଷ ସପ୍ତାହରେ ତିନିଦିନ ଧରି ଆୟୋଜିତ ପର୍ବରେ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାର ଶହ ଶହ ଡଙ୍ଗରିଆ





ଯୋଗ ଦେଇଥିଲେ। ସେମାନେ ମାଟିପୂଜା, ଜଳପୂଜା କରିବା ପରେ ନିୟମରଜାଙ୍କଠାରେ ବୋଦା, ଘୁଷୁରୀ, କୁକୁଡା, ପାରା ଆଦି ବଳି ଦେଇଥିଲେ। ଡଙ୍ଗରିଆମାନେ ନାରୀ ଅଧିକାରକୁ ପ୍ରାଧାନ୍ୟ ଦେଇଥିବାରୁ ସକାଳେ ନିୟମରଜାଙ୍କୁ ପ୍ରଥମେ ବେଜେନ୍(ନାରୀ ପୂଜକ)ମାନେ ପୂଜାର୍ଚ୍ଚନା କରିଥିଲେ। ରାତିରେ ଜାନୀ(ପୁରୁଷ ପୂଜକ)ମାନେ ପୂଜା କରିଥିଲେ। ପରେ ଦଳଦଳ ହୋଇ ଡଙ୍ଗରିଆମାନେ କୁଇ ଭାଷାରେ ଗୀତ ଗାଇ ଗାଇ ଗୁଦି (ପାରମ୍ପରିକ ପୂଜାସ୍ଥଳ)ରେ ଢାପ, ନିସାନର ତାଳେ ତାଳେ ନାଚିଥିଲେ। ଆଦିମ ଜନଜାତି ଡଙ୍ଗରିଆ ଓ ଝରଣିଆ କନ୍ଧମାନେ ପ୍ରକୃତିର ଉପାସକ। ତାଙ୍କ ଦେବଦେବୀ ହେଲେ ଧରଣୀ ପେନୁ (ଧରିତ୍ରୀ ମାତା), ହୋରୁ ପେନୁ (ଡଙ୍ଗର ଦେବତା), ଏୟୁ ପେନୁ (ଝରଣା ବା ଜଳ ଦେବତା) ଇତ୍ୟାଦି। ନିୟମଗିରି ପର୍ବତ ହିଁ ତାଙ୍କ ଦେବତା। ନିୟମରାଜା ବୋଲି ସେମାନେ ଅନାଦି କାଳରୁ ପୂଜା କରି ଆସୁଛନ୍ତି। ଡଙ୍ଗରିଆମାନଙ୍କର ଜୀବନ ଜୀବିକା ଓ ସଂସ୍କୃତି ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ। ନିୟମଗିରି ସେମାନଙ୍କ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି। ମାଟି ତଳେ ଭରି ରହିଛି ବକ୍ସାଇଟ୍, ଯାହା ଉପରେ ବହୁରାଷ୍ଟ୍ରୀୟ କମ୍ପାନୀ ଓ ସରକାରଙ୍କର ଲୋଲୁପ ନଜର ପଡ଼ିଛି। ତେଣୁ ରକ୍ତଚାଉଳ ଧରି ସେମାନେ ନିୟମଗିରି ନ ଛାଡିବାକୁ ଶପଥ ନେଇଥିଲେ। ନିୟମଗିରି ପର୍ବତ ଶିଖରରେ ତିନି ଦିନଧରି ଚାଲିଥିବା ନିୟମରାଜା ପରବ ସମ୍ପନ୍ନ ହୋଇଛି। ପ୍ରକୃତିର ନିୟମଗିରି ପର୍ବତ ଉପରେ ପ୍ରାୟ ୧୧୨ ଖଣ୍ଡ ଗାଁର ଆଠ ହଜାରରୁ ଅଧିକ ଡଙ୍ଗରିଆ ଏବଂ ଝରଣିଆ କନ୍ଧ ବସବାସ କରିଥାନ୍ତି। ଏହି ଆଦିବାସୀମାନେ ପର୍ବତ ଉପରେ କାନ୍ଦୁଲ, ମାଣ୍ଡିଆ, କୋଲଥ, ମକା, କମଳା, କଦଳୀ, ସପୁରୀ ଆଦି ଚାଷକରି ନିଜର ଜୀବିକା ନିର୍ବାହ କରିଥାନ୍ତି। ଆଦିବାସୀ ଡଙ୍ଗରିଆ ଓ ଝରଣିଆ କନ୍ଧମାନଙ୍କ ବିଶ୍ୱାସ ରହିଛି ଯେ, ସେମାନଙ୍କ ଆରାଧ ଦେବତା ନିୟମରାଜାଙ୍କୁ ବଳିଦେଇ ସନ୍ତୁଷ୍ଟ କଲେ ସମସ୍ତ ରୋଗ କଷ୍ଟରୁ ମୁକ୍ତି ମିଳିବା ସହ ସେମାନଙ୍କ ଫସଲ ଉତ୍ପାଦନ ବଢ଼ିଥାଏ। ତେଣୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ନିୟମଗିରି ପର୍ବତ ଶିଖର ଉପରେ ଥିବା ନିୟମରାଜାଙ୍କ ଧରଣୀପେନୁ ଠାରେ ଆଦିବାସୀ ଡଙ୍ଗରିଆ ଓ ଝରଣିଆ କନ୍ଧମାନେ ପୂଜାର୍ଚ୍ଚନା କରିବା ସହ ପାରମ୍ପାରିକ ପୋଷାକ ଓ ଅସ୍ତ୍ର ଶସ୍ତ୍ର ଧରି ନାଚଗୀତ କରିଥିଲେ। ଧରଣୀପେନୁ ଠାରେ କୁକୁଡ଼ା, ପାରା, ବୋଦା ଓ ପୋଡ଼ ଆଦି ବଳିଦେଇ ନିୟମରାଜାକୁ ସନ୍ତୁଷ୍ଟ କରିବା ସହ ରକ୍ତ ଚାଉଳ ଧରି ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ନିୟମଗିରିର ସୁରକ୍ଷା ପାଇଁ ଶପଥ ନେଇଥିଲେ।ନିୟମଗିରି ପାହାଡର ଶିଖରରେ ତିନି ଦିନ ପରେ ଆଜି ରବିବାର ଆଦିବାସୀଙ୍କ ଏହି ନିୟମରାଜା ପରବ ଉଦଯାପିତ ହୋଇଛି। ତିନିଦିନ ଧରି ଚାଲିଥିବା ପର୍ବରେ ବିଭିନ୍ନ ଜନ ଆନ୍ଦୋଳନ ସଂଗଠନ, ସେଚ୍ଛାସେବୀ, ପରିବେଶବିତ ଓ ପ୍ରକୃତିପ୍ରେମୀ ଯୋଗ ଦେଇଥିବା ବେଳେ ନିୟମଗିରି ସୁରକ୍ଷା ସମିତିର ସଭାପତି ଲଦ ସିକକା, ଦଧି ପୁଷିକା, ଲେଲିନ କୁମାର, ଖଣ୍ଡୁଲ ମାଳି ସୁରକ୍ଷା ସମିତି କାର୍ତିକ ମାଝୀ, ସମ୍ପାଦକ ବ୍ରିଟିଶ କୁମାର, ସିପିଆଇ ସଞ୍ଜୟ ସୁନାନୀ, ରାଜେଶ ଯାନୀ, ଦାସ ନଦୀବାଲିଆ, ଡ୍ରିଞ୍ଜୁ ହିକକା, ନିରଞ୍ଜନ, ସାହିବୁ ପୁଷିକା, କୃଷ୍ଣ ହିକକା, କୁଣଜି କୁଟ୍ରିକା, ନବଘନ, ପ୍ରମୁଖ ନେତୃତ୍ୱ ନେଇଁ ଥିବା ବେଳେ ସମସ୍ତ ସଂଗ୍ରାମୀ ନେତା, କର୍ମକର୍ତ୍ତା ଓ ହଜାର ହଜାର ଆଦିବାସୀ ମହିଳା ଓ ପୁରୁଷମାନେ ସାମିଲ ହୋଇଥିଲେ।

## ବଲଙ୍ଗି 'ସିନ୍ଦେର୍' ଉତ୍ସବ ଉଦ୍‌ଯାପିତ

# ସିନ୍ଦେର୍ ଜଳପ୍ରପାତର ପାରିପାର୍ଶ୍ୱିକ ବିକାଶ ପାଇଁ ପ୍ରୟାସ

**ଥୁଆମୂଳରାମପୁର, ୧।୩(ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ରହିଛି ଅନେକ ପର୍ଯ୍ୟଟନ ସ୍ଥାନ।ତନ୍ମଧ୍ୟରୁ ବଲଙ୍ଗି ସ୍ଥିତ ସିନ୍ଦେର୍ ଜଳପ୍ରପାତ ଅନ୍ୟତମ। ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ସିନ୍ଦେର୍ ଜଳପ୍ରପାତର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଓ ପ୍ରଚାର ପ୍ରସାର ଲକ୍ଷ୍ୟରେ ଆୟୋଜିତ 'ସିନ୍ଦେର୍ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାୟ ୧୦ ବର୍ଷ ଧରି ପ୍ରତିବର୍ଷ ନିରନ୍ତର ଭାବେ ଆୟୋଜିତ ଉତ୍ସବ ଏବେ ଅଞ୍ଚଳବାସୀଙ୍କ ମଧ୍ୟରେ ଏକ ପରିଚିତ ପର୍ବ ରୂପେ ପରିଚୟ ପାଇଛି। ଉତ୍ସବ ଅବସରରେ ସ୍ଥାନୀୟ ଲୋକଙ୍କ ସହଭାଗୀତାରେ ବିଭିନ୍ନ ସାଂସ୍କୃତିକ ଓ କ୍ରୀଡା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହିଳା ଓ ଝିଅମାନଙ୍କ ପାଇଁ ଝୋଟି ଓ ଚୌକି ବସା ପ୍ରତିଯୋଗିତା ହୋଇଥିବା ବେଳେ ସାଂସ୍କୃତିକ ମଞ୍ଚରେ ଗୀତ, ରେକର୍ଡ ଡ୍ୟାନ୍ସ ଓ ସ୍ଥାନୀୟ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାସହ ଗ୍ରାମ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ପ୍ରତିଭାକୁ ମଞ୍ଚ ମିଳିଥିବାରୁ ଯୁବପିଢ଼ି ମଧ୍ୟରେ ବେଶ୍ ଉତ୍ସାହ ଦେଖାଯାଇଥିଲା। କ୍ରୀଡା କ୍ଷେତ୍ରରେ ବିଭିନ୍ନ ଗ୍ରାମର ଯୁବକଙ୍କୁ ନେଇ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଫାଇନାଲ୍ ମ୍ୟାଚ୍‌ରେ ଦାବ୍ରିଗୁଡା ଦଳକୁ ପରାଜିତ କରି ବାଗଡ଼ିଆଣି ଦଳ ଚାମ୍ପିଅନ ହୋଇଥିଲା। ତୀର ଚାଳନା ପ୍ରତିଯୋଗିତାରେ ବଲଙ୍ଗି ଗ୍ରାମର ଚୈତନ୍ୟ ନାଏକ ପ୍ରଥମ ଓ ଅଗିନ୍ ମାଝୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଲୋକଙ୍କ ମନୋରଞ୍ଜନ ପାଇଁ ହାଇଦ୍ରାବାଦର ଆକାଶ ଯାଦୁଗରଙ୍କ ଦ୍ୱାରା ମେଜିକ୍ ପ୍ରଦର୍ଶନ ହୋଇଥିବା ବେଳେ, ରାତିରେ ଗିତିନାଟ୍ୟ ଦେଖିବା ପାଇଁ ବିଶେଷ ଆୟୋଜନ କରାଯାଇଥିଲା। ସିନ୍ଦେର୍ ଉତ୍ସବ କମିଟିର ସଭାପତି ଗୁଲାପ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ କମଳଲୋଚନ ନାଏକ, ଲକ୍ଷ୍ମୀପତୀ ନାଏକ, ଭଜମନ ବାଗ, ବିଜନ ସାଗର, ବିରେନ୍ଦ୍ର ନାଏକ, କମଳାକାନ୍ତ ନାଏକ, କାଶୀନାଥ ନାଏକ, ସିମାଞ୍ଚଳ ନାଏକ, ବଂଶଧର ନାଏକ, ସରୋଜ କୁମାର ନାଏକ ଓ ବୃନ୍ଦାବନ ନାଏକ ସହ ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହଯୋଗରେ ପରିଚାଳିତ ହୋଇଥିଲା।ଉତ୍ସବ ମାଧ୍ୟମରେ ସିନ୍ଦେର୍ ଜଳପ୍ରପାତକୁ ଆଗାମୀ ଦିନରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ିତୋଳିବା ପାଇଁ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବେ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।




## ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ

# ଟିସି ନେଇଯିବାକୁ ଅଭିଭାବକଙ୍କ ଚେତାବନୀ

**କୋମନା, ୧।୩(ସମିସ):** ସ୍କୁଲରେ ପାଠ ପଢ଼ିବାକୁ ପିଲା ଅଛନ୍ତି, ହେଲେ ପଢ଼ାଇବାକୁ ଶିକ୍ଷକ ନାହାନ୍ତି। କୋମନା ବ୍ଲକ ଝଗ୍ରାହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଉଗ୍ରରୂପ ଧାରଣ କରିଛି। ବିଦ୍ୟାଳୟରୁ ଶିକ୍ଷକଙ୍କୁ ବଦଳି



ଓ ଡେପୁଟେସନରେ ପଠାଯାଉଥିବା ବିରୋଧରେ ଏବେ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ସ୍ୱର ଉତ୍ତୋଳନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଝଗ୍ରାହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ପୂର୍ବରୁ ଏଠାରେ ଶିକ୍ଷକ ସଂଖ୍ୟା କମ୍ ଥିବା ବେଳେ, ନିକଟରେ ଜଣେ ଶିକ୍ଷକଙ୍କୁ ବଦଳି କରାଯାଇଛି ଏବଂ ଅନ୍ୟ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ଅନ୍ୟ ସ୍କୁଲକୁ ପଠାଇ ଦିଆଯାଇଛି। ଫଳରେ ବର୍ତ୍ତମାନ ମାତ୍ର ୪ ଜଣ ଶିକ୍ଷକଙ୍କ ଭରସାରେ ୯ଟି ଶ୍ରେଣୀର ପିଲାଙ୍କ ଭବିଷ୍ୟତ ଗଢା ହେଉଛି। ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ ଗ୍ରାମବାସୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ତୁରନ୍ତ ଡେପୁଟେସନରେ ଯାଇଥିବା ଶିକ୍ଷକଙ୍କୁ ଫେରାଇ ଅଣାନଯାଏ ଏବଂ ନୂତନ ଶିକ୍ଷକ ନିଯୁକ୍ତି ନହୁଏ, ତେବେ ସମସ୍ତ ପିଲାଙ୍କ ଟିସି ନେଇ ଅନ୍ୟ ବିଦ୍ୟାଳୟକୁ ଯିବାକୁ ସେମାନେ ବାଧ ହେବେ ବୋଲି ପରିଚାଳନା କମିଟି ସଭାପତି ଦିଲୀପ କୁମାର ଭୋଇ ସମେତ ସଦସ୍ୟ ଗଙ୍ଗାରାମ ସୁନାନୀ, ହଳଧର ବାଗ, ସୁଭଦ୍ରା ମାଝୀ, ପୁଷ୍ପାଞ୍ଜଳୀ ମାଝୀ, ଯମୁନା ମାଝୀ ପ୍ରମୁଖ ଚେତାବନୀ ଦେଇଛନ୍ତି।





# ଜଳୁଛି ମଧ୍ୟପ୍ରାଚ୍ୟ



## ଖାମନେଇଙ୍କ ହତ୍ୟା

# ବିଶ୍ୱବ୍ୟାପୀ ନିନ୍ଦା; ବିକ୍ଷୋଭ ପ୍ରଦର୍ଶନ

ଇରାନର ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା କରିବାକୁ ନେଇ ଆମେରିକା ଏବଂ ଇସ୍ରାଏଲକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜସକିଆନ କହିଛନ୍ତି ଯେ ନେତାଙ୍କ ହତ୍ୟା କରି ମୁସଲମାନଙ୍କ ବିରୋଧରେ ଖୋଲା ଯୁଦ୍ଧ ଘୋଷଣା କରାଯାଇଛି। ଏହି ଦୁଃଖଦ ଘଟଣା ଆଜି ଇସଲାମିକ ବିଶ୍ୱ ସାମ୍ନା କରୁଥିବା ସବୁଠାରୁ ବଡ଼ ପରୀକ୍ଷା ପାଲଟିଛି। ଆମେରିକା ଏବଂ ଇସ୍ରାଏଲ ଜଘନ୍ୟ ହତ୍ୟା କରିଛନ୍ତି। ସମ୍ପୂର୍ଣ୍ଣ ସାମର୍ଥ୍ୟର ସହ ଇରାନ ଏହାର ଜବାବ ଦେବ। ଇରାନ ଦୃଢ଼ ଭାବରେ ଠିଆ ହୋଇଛି। ଜନତା ଏବଂ ସହଯୋଗୀଙ୍କ ସମର୍ଥନରେ ଦେଶ ଆଗକୁ ବଢ଼ିବ। ନେତାଙ୍କ ରକ୍ତ ଅତ୍ୟାଚାର ଏବଂ ଅନ୍ୟାୟ ବିରୁଦ୍ଧରେ ଲଢ଼ିବାକୁ ଶକ୍ତି ଯୋଗାଇବ।

ରୁଷ୍, ଚୀନ୍, ଜର୍ମାନୀ, ଓମାନ ଆଦି ଦେଶ ମଧ୍ୟ ଏଭଳି କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛନ୍ତି। ଏହାକୁ ବିରୋଧ କରି ଅନେକ ଦେଶରେ ସିଆ ସମ୍ପ୍ରଦାୟର ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭାରତରେ ମଧ୍ୟ ଏଥିରୁ ବାଦ ପଡ଼ି ନାହିଁ। ଜମ୍ମୁ-କଶ୍ମୀରର ଶ୍ରୀନଗର, ବଡ଼ଗାମ, ବାନ୍ଦିପୋରା, ଅନନ୍ତନାଗ, ପୁଲୱାମା, ଉତ୍ତର ପ୍ରଦେଶର ଲକ୍ଷ୍ନୌ, ସମ୍ଭଲ, ବିହାରର ପାଟନା, କର୍ଣ୍ଣାଟକ, ନୂଆଦିଲ୍ଲୀ ଆଦିରେ ମୁସଲିମ ସମ୍ପ୍ରଦାୟର ଲୋକେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନୂଆଦିଲ୍ଲୀରେ ମହମବତୀ ଶୋଭାଯାତ୍ରା କରି ଶୋକ ମନାଇଛନ୍ତି। କଂଗ୍ରେସ ପକ୍ଷରୁ ଆନୁଷ୍ଠାନିକ ବୟାନ ଜାରି କରି ଖାମନେଇଙ୍କ ଉପରେ ଆକ୍ରମଣକୁ ନିନ୍ଦା କରାଯାଇଛି। ରାଜସ୍ଥାନ ଆଜମେରରେ ତିନି ଦିନିଆ ଶୋକ ଘୋଷଣା କରାଯାଇଛି।

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି ଯେ ଖାମନେଇ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ହତ୍ୟା ଅତ୍ୟନ୍ତ ନିନ୍ଦନୀୟ। ଏହା ମାନବିକତା, ନୈତିକତା ଏବଂ ଅନ୍ତର୍ଜାତୀୟ ନିୟମକୁ ଉଲ୍ଲଙ୍ଘନ କରୁଛି। ଖାମନେଇଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରି ଇରାନ ରାଷ୍ଟ୍ରପତି ମାସୁଦ ପେଜସକିଆନଙ୍କୁ ପୁଟିନ ଚିଠି ଲେଖିଛନ୍ତି। ଦୁଇ ଦେଶରେ ସମ୍ବନ୍ଧକୁ ମଜବୁତ କରିବାରେ ଖାମନେଇଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ରୁଷ ସର୍ବଦା ମନେ ରଖିବ ବୋଲି କୁହାଯାଇଛି। ସେହିପରି ଗଲ୍ଫ କୋଅପରେସନ କାଉନସିଲ (ଜିସିସି)ର ବୈଦେଶିକ ମନ୍ତ୍ରୀମାନେ ଭିଡିଓ କନଫରେନ୍ସ ମାଧ୍ୟମରେ ଜରୁରୀ ବୈଠକ କରିଛନ୍ତି। ୨୭ ସଦସ୍ୟ ବିଶିଷ୍ଟ ୟୁରୋପୀୟ ସଂଘ ମଧ୍ୟ ଜରୁରୀ ବୈଠକ କରି ସ୍ଥିତି ଉପରେ ଆଲୋଚନା କରିଛି।

ଚୀନ ହତ୍ୟାକୁ ଦୃଢ଼ ନିନ୍ଦା କରିଛି। ଆକ୍ରମଣ କରି ଇରାନର ସାର୍ବଭୌମତ୍ୱ, ସୁରକ୍ଷା, ମିଳିତ ଜାତିସଂଘର ଚାର୍ଟାର ଏବଂ ଅନ୍ତର୍ଜାତୀୟ ସମ୍ପର୍କର ସାଧାରଣ ନିୟମକୁ ଉଲ୍ଲଙ୍ଘନ କରାଯାଇଛି। ତୁରନ୍ତ ଅସ୍ତ୍ରବିରତି ପାଇଁ ଚୀନ୍ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଦାବି କରାଯାଇଛି। ଜର୍ମାନୀ ଚାନସେଲର ଫ୍ରେଡରିକ ମର୍ଜ କହିଛନ୍ତି ଯେ ନିଜ ଭାଗ୍ୟ ନିର୍ଦ୍ଧାରଣ କରିବାର ସମ୍ପୂର୍ଣ୍ଣ ଅଧିକାର ଇରାନ ଲୋକଙ୍କର ଅଛି। ଏହି ସମୟରେ ଆମେରିକା, ଇସ୍ରାଏଲ ଏବଂ ଅଞ୍ଚଳର ଅନ୍ୟ ସହଯୋଗୀମାନଙ୍କ ସହ ଜର୍ମାନୀ ଯୋଗାଯୋଗରେ ଅଛି। ସରକାର ଏହି ଅଞ୍ଚଳରେ ଶାନ୍ତି ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ସେହିପରି ଓମାନ ବିଦେଶ ମନ୍ତ୍ରୀଲ କହିଛନ୍ତି ଯେ ଜାରି ସକ୍ରିୟ ଆଲୋଚନାକୁ ଆଉ ଥରେ ବିଗାଡ଼ି ଦିଆଯାଇଛି। ଏହା ଦ୍ୱାରା ନା ଆମେରିକାର କିଛି ଲାଭ ହେବ, ନା ଦୁନିଆରେ ଶାନ୍ତି ଆସିବ। ସେ ଆମେରିକାକୁ ଯୁଦ୍ଧ ବନ୍ଦ କରିବା ପାଇଁ ନିବେଦନ କରିଛନ୍ତି।



## ଯୁଦ୍ଧ ଜାଲରେ ୧୨ ଦେଶ

ଦୋହା, ୧।୩ (ଏଜେନ୍ସି): ଆମେରିକା ଓ ଇସ୍ରାଏଲକୁ କଡ଼ା ଜବାବ ଦେବା ପାଇଁ ଇରାନ ତା'ର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନକୁ ଆହୁରି ଜୋରଦାର କରିଛି। ରବିବାର ଲଗାତାର ଦ୍ୱିତୀୟ ଦିନ ପାଇଁ ଦୁବାଇ ଓ କାତାରର ରାଜଧାନୀ ଦୋହା ଆକାଶରେ ଭୟଙ୍କର ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି। ଇରାନର ଭୟଙ୍କର ପ୍ରତିଆକ୍ରମଣରେ ଆମେରିକା ଓ ଇସ୍ରାଏଲ୍‌କୁ ସମର୍ଥନ କରୁଥିବା ୧୨ଟି ଦେଶ ଯୁଦ୍ଧ ଜାଲରେ ଛନ୍ଦି ହୋଇଯାଇଛନ୍ତି। ଇରାନର ସରକାରୀ ଗଣମାଧ୍ୟମ 'ଫାର୍ସ' ଦାବି କରିଛି ଯେ, ଦୁବାଇରେ ଥିବା ଆମେରିକୀୟ ଗୁଇନ୍ଦା ସଂସ୍ଥା (ସିଆଇଏ) ସହ ଜଡ଼ିତ କେନ୍ଦ୍ର ଉପରେ ମିସାଇଲ ମାଡ଼ କରାଯାଇଛି। ପଶ୍ଚିମ ଏସିଆରେ ଥିବା ଆମେରିକାର ସମସ୍ତ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବାକୁ ଇରାନ ଚେତାବନୀ ଦେଇଛି। ଆକାଶମାର୍ଗରେ ଡ୍ରୋନ ଓ ମିସାଇଲକୁ ପ୍ରତିହତ କରାଯାଉଥିବା ବେଳେ ଏହାର ଭଗ୍ନାବଶେଷ ପଡ଼ି ଦୁବାଇରେ ଦୁଇଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଜେବେଲ ଅଲି ବନ୍ଦରରେ ପ୍ରବଳ ନିଆଁ ଲାଗିବା ସହ କଳା ଧୂଆଁ ବାହାରୁଥିବା ଦେଖାଯାଇଛି। ଦୋହାରେ ମଧ୍ୟ ଏକ ଶିଳ୍ପାଞ୍ଚଳରେ ମିସାଇଲର ଭଗ୍ନାବଶେଷ ପଡ଼ି ସାମାନ୍ୟ ଅଗ୍ନିକାଣ୍ଡ ଘଟିଛି। ତେବେ ସେଠାରେ କୌଣସି ମୃତାହତର ଖବର ମିଳିନାହିଁ। ସମଗ୍ର ଅଞ୍ଚଳରେ ବର୍ତ୍ତମାନ ଯୁଦ୍ଧ କାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ଦେଶର ସୁରକ୍ଷା ବଳକୁ ଆଲର୍ଟରେ ରଖାଯାଇଛି ଏବଂ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

**ଦୁବାଇ, ଦୋହାରେ ପୁଣି ଶୁଭିଲା ବିସ୍ଫୋରଣର ଶବ୍ଦ**



## 'ଆବ୍ରାହମ୍ ଲିଙ୍କନ'କୁ ଇରାନର ଆକ୍ରମଣ

ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକା ବିମାନବାହୀ ଜାହାଜ ଟ୍ୟୁଏସ୍‌ଏସ୍ ଆବ୍ରାହମ୍ ଲିଙ୍କନ' ଉପରେ ଇରାନ ଆକ୍ରମଣ କରିଛି। ଇରାନର ରିଭୋଲ୍ୟୁସନାରୀ ଗାର୍ଡସ୍ (ଆଇଆରଜିସି) ଏହି ସୂଚନା ଦେଇଛି। କୁହାଯାଇଛି ଯେ ଆବ୍ରାହାମ ଲିଙ୍କନ ଉପରେ ଚାରୋଟି ବାଲିଷ୍ଟିକ୍ ମିସାଇଲ୍ ମାଡ଼ କରାଯାଇଛି। ଏଥିରେ ଯୁଦ୍ଧ ଜାହାଜର ଅଶେଷ କ୍ଷତି ହୋଇଛି। ସମୁଦ୍ରରୁ ଆତଙ୍କବାଦୀ ଆକ୍ରମଣକାରୀଙ୍କ ପାଇଁ ଏହା କବରସ୍ତାନ ପାଲଟିବ ବୋଲି କୁହାଯାଇଥିଲା। ମାତ୍ର ଆମେରିକୀୟ ସେଣ୍ଟ୍ରାଲ୍ କମାଣ୍ଡ (ସେଣ୍ଟକମ) ଇରାନର ଏହି ଦାବିକୁ ମିଥ୍ୟା କହିଛି। ସେଣ୍ଟ୍ରାଲ୍ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ, ମାଡ଼ କରାଯାଇଥିବା କ୍ଷେପଣାସ୍ତ୍ର ଗୁଡ଼ିକ ଜାହାଜର ପାଖାପାଖି ମଧ୍ୟ ଆସିପାରି ନାହିଁ। ପୂର୍ବଭଳି ଏହା ବିମାନଗୁଡ଼ିକୁ କାର୍ଯ୍ୟକ୍ଷମ ରଖିଛି। ଇରାନ ଶାସନରୁ ସୃଷ୍ଟି ହେଉଥିବା ବିପଦକୁ ଦୂର କରି ଆମେରିକୀୟ ଜନସାଧାରଣଙ୍କ ସୁରକ୍ଷା ପାଇଁ ସେଣ୍ଟ୍ରାଲ୍ କମାଣ୍ଡର ନିରନ୍ତର ଅଭିଯାନକୁ ସହଯୋଗ କରୁଛି।

## ଆୟୋତୁଲ୍ଲା ଖାମନେଇ: ଉତ୍ତରପ୍ରଦେଶର କିନ୍ତୁର ଗାଁରୁ ଇରାନର ଶାସନ ଗାଦି

ବାରାବଙ୍କି, ୧।୩ (ଏଜେନ୍ସି): ଆୟୋତୁଲ୍ଲା ଖାମନେଇଙ୍କ ମୃତ୍ୟୁ ପରେ ଉତ୍ତରପ୍ରଦେଶର ବାରାବଙ୍କି ଜିଲ୍ଲାର କିନ୍ତୁର ଗାଁ ଏବେ ସାରା ବିଶ୍ୱର ନଜରକୁ ଆସିଛି। ଏହି ଗାଁ ସହିତ ଇରାନର ପ୍ରଥମ ସର୍ବୋଚ୍ଚ ନେତା ତଥା ଖାମନେଇଙ୍କ ଗୁରୁ ଆୟୋତୋଲ୍ଲା ରୁହୋଲ୍ଲା ଖୋମେନେଇଙ୍କ ପୂର୍ବପୁରୁଷଙ୍କର ଗଭୀର ସମ୍ପର୍କ ରହିଛି। ଖୋମେନେଇଙ୍କ ଜେଜେବାପା ସୟଦ ଅହମ୍ମଦ ମୁସାଭି ୧୯୦୦ ଶତାବ୍ଦୀର ପ୍ରାରମ୍ଭରେ ବାରାବଙ୍କିର କିନ୍ତୁର ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ ୧୮୩୦ରେ ମସିହାରେ ଧାର୍ମିକ ଯାତ୍ରାରେ ଇରାକର ନଜାଫ ଯାଇଥିଲେ ଓ ସେଠାରେ ସ୍ଥାୟୀ ଭାବେ ରହିଯାଇଥିଲେ। ନିଜର ଭାରତୀୟ ପରିଚୟ ବଜାୟ ରଖିବା ପାଇଁ ସେ ନିଜ ନାମରେ 'ହିନ୍ଦୀ' ଶବ୍ଦ ଯୋଡ଼ିଥିଲେ ଓ ଏହା ଇରାନର ସରକାରୀ ରେକର୍ଡରେ ଆଜି ବି ଲିପିବଦ୍ଧ ହୋଇ ରହିଛି। ଗାଁର ବାସିନ୍ଦାମାନେ ଦାବି କରିଛନ୍ତି ଯେ ୧୯୭୯ ଇରାନ ବିପ୍ଳବର ମୁଖ୍ୟ ନାୟକ ଖୋମେନେଇଙ୍କ ପରିବାର ଏହି ମାଟିର। ଏହି ଗାଁରେ ସେମାନଙ୍କ ପୈତୃକ ଘର ଆଜି ବି ସୁରକ୍ଷିତ ରହିଛି। ମୁସାଭି ପରିବାର ସପ୍ତମ ସିଆ ଇମାମ, ଇମାମ ମୁସା ଅଲ୍- କାଜିମ୍‌ଙ୍କ ବଂଶଧର ବୋଲି କୁହାଯାଏ। ଏହି କାରଣରୁ ଏହି ପରିବାର ସିଆ ଧର୍ମାବଲମ୍ବୀଙ୍କ ମଧ୍ୟରେ ଅତ୍ୟନ୍ତ ସମ୍ମାନଜନକ ସ୍ଥାନ ଅଧିକାର କରିଛି।

ଖାମନେଇ ନିଜେ ଖୋମେନେଇଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ଯଦିଓ ଖାମନେଇଙ୍କ ଭାରତ ସହିତ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନଥିଲା। କିନ୍ତୁ ତାଙ୍କ ମାର୍ଗଦର୍ଶକ ଖୋମେନେଇଙ୍କ ପରିବାରର ଚେର ଉତ୍ତର ପ୍ରଦେଶର ଏହି ଛୋଟ ଗାଁରେ ରହିଛି। ଖାମନେଇଙ୍କ ମୃତ୍ୟୁ ପରେ କିନ୍ତୁର ଗାଁରେ ଶୋକର ଛାୟା ଖେଳିଯାଇଥିଲା। ଗାଁର ଅନେକ ପରିବାର ଆଜି ବି ନିଜ ଘରେ ପୂର୍ବପୁରୁଷଙ୍କ ଫଟୋ ରଖି ସେହି ଐତିହାସିକ ସମ୍ପର୍କକୁ ଜୀବନ୍ତ ରଖିଛନ୍ତି।

**ଖାମନେଇଙ୍କ ଗୁରୁଙ୍କ 'ବାରାବଙ୍କି' ସଂଯୋଗ**

## ଇରାନ ବିରୋଧୀ ଅଭିଯାନ; ଆମେରିକାର ତିନି ସୈନିକ ମୃତ

ୱାସିଂଟନ, ୧।୩ (ଏଜେନ୍ସି): ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଅନ୍ୟପଟେ ଇରାନ ମଧ୍ୟ କ୍ରମାଗତ ଭାବେ ପାଲଟା ଆକ୍ରମଣ କରୁଛି। ଏପରି ସମୟରେ ଇରାନ ଆକ୍ରମଣରେ ଆମେରିକାର ତିନିଜଣ ସୈନିକଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ସୈନିକ ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ ଏହି ସୂଚନା ଦେଇଛି। ତେବେ ସେନା ପକ୍ଷରୁ ଏହା ବ୍ୟତୀତ ଆଉ କୌଣସି ସୂଚନା ଦିଆଯାଇ ନାହିଁ। ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ମିଳିତ ଆକ୍ରମଣ ଯୋଗୁଁ ଗତକାଲି ଆରମ୍ଭ ହୋଇଥିବା ଯୁଦ୍ଧରେ ପ୍ରଥମ ଥର ପାଇଁ ଆମେରିକୀୟ ସୈନିକ ମୃତାହତ ହେବାର ନିଶ୍ଚିତ କରାଯାଇଛି। ସେଣ୍ଟ୍ରାଲ କମାଣ୍ଡ କହିଛି ଯେ, ଆଉ କିଛି ସୈନିକ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ପୁଣି ଡ୍ୟୁଟିକୁ ପଠାଇବା ପ୍ରକ୍ରିୟା ଜାରି ରହିଛି। ଏବେ ବି ପ୍ରମୁଖ ସାମରିକ ଅଭିଯାନ ଜାରି ରହିଛି।

## ଇରାନର ପ୍ରାର୍ଥନା ଆପ୍‌କୁ ହ୍ୟାକ୍ କରିଥିଲା ଇସ୍ରାଏଲ

ତେହରାନ, ୧।୩ (ଏଜେନ୍ସି): ଆକ୍ରମଣ କରିବା ପୂର୍ବରୁ ଇରାନରେ ଇସ୍ରାଏଲ ସାଇବର ଆଟାକ କରିଥିଲା। ଏହା ମାଧ୍ୟମରେ ଲୋକପ୍ରିୟ ପ୍ରାର୍ଥନା ଆପ୍ 'ବାଦେସାବା କ୍ୟାଲେଣ୍ଡର' ହ୍ୟାକ୍ କରିଥିଲା। ଏହି ଆପ୍ ମୁସଲମାନଙ୍କୁ ନମାଜ ପଢିବା ସମୟ ଜାଣିବାରେ ସାହାଯ୍ୟ କରିଥାଏ। କେବଳ ଗୁଗଲ୍ ପ୍ଲେ ଷ୍ଟୋରରୁ ଏହାକୁ ପାଞ୍ଚ ନିୟୁତରୁ ଅଧିକ ଥର ଡାଉନଲୋଡ୍ କରାଯାଇଛି। ଶନିବାର ସକାଳେ ହ୍ୟାକ ପରେ କୋଟି କୋଟି ମୋବାଇଲକୁ ନୋଟିଫିକେସନ୍ ଯାଇଥିଲା। ଇରାନର ସାମରିକ କର୍ମଚାରୀଙ୍କୁ ସରକାରଙ୍କ ବିରୋଧରେ ବିଦ୍ରୋହ କରିବାକୁ ଏବଂ ଦେଶକୁ ମୁକ୍ତ ପାଇଁ ପ୍ରୟାସରେ କରିବାକୁ ଅନୁରୋଧ କରାଯାଇଥିଲା। ଏଥିପାଇଁ ପାର୍ସୀ ଭାଷାରେ ବାର୍ତ୍ତା ଦିଆଯାଇଥିଲା। ନୋଟିଫିକେସନରେ ସାହାଯ୍ୟ ପହଞ୍ଚିଛି ବୋଲି କୁହାଯାଇଥିଲା। ରିପୋର୍ଟ ଅନୁଯାୟୀ, ଅୟତୁଲ୍ଲା ଶାସନରେ ସୁରକ୍ଷା ବାହିନୀ ପାଇଁ ଏକ ଭୟଙ୍କର ସମୟ ଆସିଯାଇଛି। ଆଇଆରଜିସି ଏବଂ ବାସିଜକୁ ଶକ୍ତ ଝଟ୍‌କା ଲାଗିଛି।

## ପ୍ରତିଶୋଧର ପତାକା ଉଡ଼ାଇଲା ଇରାନ

ଆମେରିକା ଏବଂ ଇସ୍ରାଏଲକୁ ଜବାବ ଦେବା ପାଇଁ ଇରାନର ଧାର୍ମିକ ଭାବନା ସହ ଜଡ଼ିତ ଜାମକରନ ମସଜିଦ୍‌ର ଗମ୍ବୁଜ ଉପରେ ଏକ ନାଲି ରଙ୍ଗର ପତାକା ଲଗାଯାଇଛି। ଏହାକୁ ପ୍ରତିଶୋଧର ପତାକା କୁହାଯାଉଛି।



## ଭାରତ ମହାସାଗରରେ ଇରାନର 'ଅପରେସନ ଟ୍ରୁ ପ୍ରମିଜ-୪'

ଭାରତର ମହାସାଗରରେ ଇରାନର ଆଇଆରଜିସି 'ଅପରେସନ ଟ୍ରୁ ପ୍ରମିଜ-୪' ଆରମ୍ଭ କରିଛି। ଏହା ମାଧ୍ୟମରେ ମହାସାଗରରେ ଅନେକ ଆକ୍ରମଣ କରାଯାଇଛି। ଜେବେଲ ଅଲିରେ ଥିବା ଏକ ଜାହାଜରେ ଚାରୋଟି ଡ୍ରୋନ ଆକ୍ରମଣ କରାଯାଇଛି। ଏହା ମାଧ୍ୟମରେ ଆମେରିକା ଜାହାଜ ପାଇଁ ଅସ୍ତ୍ରଶସ୍ତ୍ର ନିଆ ଯାଉଥିଲା। ଏହି ଆକ୍ରମଣରେ ଜାହାଜର ବିପୁଳ କ୍ଷତି ହୋଇଛି। ଏହା ଚାଲିବା ଭଳି ସ୍ଥିତିରେ ନାହିଁ। ଇରାନ କୌଣସି ଆକ୍ରମଣର ଜବାବରେ କ୍ଷେପଣାସ୍ତ୍ର କିମ୍ବା ଡ୍ରୋନ ଆକ୍ରମଣ କଲେ ତାହାକୁ 'ଟ୍ରୁ ପ୍ରମିଜ' କହିଥାଏ। ଆଇଆରଜିସି ଏହି କାର୍ଯ୍ୟାନୁଷ୍ଠାନ ନେଇଥାଏ।

# ସ୍ଥିତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

**ଇରାନ ଆକ୍ରମଣରେ ଭାରତୀୟ ଆହତ**

ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ଇରାନରେ ମିଳିତ ଆକ୍ରମଣ ପାଇଁ ବିଶ୍ୱରେ ଅସ୍ଥିରତା ସୃଷ୍ଟି ହୋଇଛି। ଏପରି ସମୟରେ ରବିବାର ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ବନ୍ଧିତ କ୍ୟାବିନେଟ କମିଟି (ସିସିଏସ)ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୈଶ୍ୱିକ ସ୍ଥିତି ଏବଂ ଭାରତ ଉପରେ ପଡ଼ିବାକୁ ଥିବା ପ୍ରଭାବ ବିଷୟରେ ଆଲୋଚନା କରାଯାଇଛି। ମଧ୍ୟପ୍ରାଚ୍ୟରେ ବସବାସ କରୁଥିବା ପ୍ରାୟ ୯୭ ଲକ୍ଷ (୯.୭ ନିୟୁତ) ଭାରତୀୟଙ୍କ ସୁରକ୍ଷାକୁ ନେଇ ବଢୁଥିବା ଚିନ୍ତା ମଧ୍ୟରେ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଭାରତ ସରକାର ଘଟଣାକ୍ରମ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଏବଂ ପରିସ୍ଥିତି ଅଧିକ ବିଗିଡ଼ିଲେ ସମ୍ଭାବ୍ୟ ସ୍ଥାନାନ୍ତର ସମେତ ଜରୁରୀକାଳୀନ ଯୋଜନା ପ୍ରସ୍ତୁତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ ୭, ଲୋକ କଲ୍ୟାଣ ମାର୍ଗରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ ଜର୍ଜରିତ ଅଞ୍ଚଳରେ ଫସି ରହିଥିବା ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯିବାର ସମ୍ଭାବନା ରହିଛି। ଇରାନରେ ପଶି ଇସ୍ରାଏଲ ଏବଂ ଆମେରିକା ଆକ୍ରମଣ କରିବା ଏବଂ ପ୍ରତିଶୋଧ ନେବା ପାଇଁ ଇରାନ ଚେତାବନୀ ଦେବା ପରେ ସମଗ୍ର ଅଞ୍ଚଳକୁ ଉତ୍ତେଜନା ବ୍ୟାପି ଯାଇଛି। ଏହା ବିଶ୍ୱର ତୈଳ ଯୋଗାଣ ଏବଂ ଆଞ୍ଚଳିକ ସ୍ଥିରତାକୁ ମଧ୍ୟ ବିପନ୍ନ କରିପାରେ।



## ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହ କଥାହେଲେ ଜୟଶଙ୍କର

ଏହା ପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଇରାନ, ଇସ୍ରାଏଲ ଏବଂ ଗଲ୍ଫ ଦେଶଗୁଡ଼ିକର ନିଜ ପ୍ରତିପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ସେ ସଂଯମତା ରକ୍ଷା କରିବାକୁ ଅନୁରୋଧ କରିବା ସହ ଭାରତର ଚିନ୍ତା ବିଷୟରେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଆଲୋଚନା ଏବଂ କୂଟନୀତିର ପନ୍ଥା ଆପଣାଇବାକୁ ଭାରତ ଆହ୍ୱାନ ଦେଇଛି। ଏହା ମଧ୍ୟରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ଆବୁଧାବିରେ ଇରାନ କରିଥିବା ଆକ୍ରମଣରେ ଜଣେ ଭାରତୀୟ ନାଗରିକ ଆହତ ହୋଇଛନ୍ତି। ଏବେ ନାଗରିକ ବିପଦମୁକ୍ତ ଅଛନ୍ତି। ଭାରତୀୟ ଦୂତାବାସ ତାଙ୍କ ସହ ଯୋଗାଯୋଗରେ ଅଛି। ସମସ୍ତ ପ୍ରକାର ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯାଉଛି ବୋଲି କୁହାଯାଇଛି।

## ଆଜିର ରାଶିଫଳ

**ମେଷ:** ଅଜଣା ଲୋକଙ୍କୁ ବିଶ୍ୱାସ କରି ନିବେଶ କରନ୍ତୁନି। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାର୍ଯ୍ୟ ପୂରା କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ବଢ଼ିବ। ପ୍ରେମ ଜୀବନ ସୁଖମୟ ହେବ।

**ବୃଷ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦାନଧର୍ମ କରନ୍ତୁ। ଭାବିଚିନ୍ତି କଥା କୁହନ୍ତୁ।

**ମିଥୁନ:** ବୁଝି ବିଚାରି କାମ କରନ୍ତୁ। ଅଯଥାରେ ଖର୍ଚ୍ଚାନ୍ତ ହୋଇପାରନ୍ତି। ସମସ୍ୟାର ସମାଧାନ ହୋଇପାରେ। ବିଦ୍ୟାର୍ଥୀ ଖେଳକୁଦରେ ଅଧିକ ସମୟ ବିତାଇବେ। ଦାନଧର୍ମ କରନ୍ତୁ।

**କର୍କଟ:** ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଅଚାନକ ଖୁସି ଖବର ପାଇପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ। ଯାନବାହନ କ୍ରୟ କରିପାରନ୍ତି। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ।

**କନ୍ୟା:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହିତ ସେୟାର କରନ୍ତୁନି। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ଅଫିସ୍ କାମକୁ ନେଇ ଚିନ୍ତା ବଢ଼ିପାରେ। ଅଟକି ଥିବା ଧନ ମିଳିପାରେ। ସମ୍ପର୍କୀୟଙ୍କଠାରୁ ଉପହାର ପାଇବେ। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ।

**ବିଛା:** ନୂତନ ଜମି କ୍ରୟ କରିପାରନ୍ତି। ଲୋକସମ୍ପର୍କ ବୃଦ୍ଧି ପାଇବ। ମହିଳାମାନେ ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇ ପାରନ୍ତି। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ।

**ଧନୁ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଧୈର୍ଯ୍ୟ ହରାନ୍ତୁନି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

**ମକର:** ପୁରୁଣା ନିବେଶରୁ ଲାଭ ମିଳିପାରେ। ମହିଳାମାନେ ଉଦାସ ରହି ପାରନ୍ତି। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ।

**କୁମ୍ଭ:** ଦୀର୍ଘ ଦିନର ଆଶା ପୂରଣ ହୋଇପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଆଜି ଦିନଟି ଆପଣଙ୍କୁ ମିଶ୍ରିତ ଫଳ ଦେବ। ବନ୍ଧୁଙ୍କ ସହିତ ସମୟ ବିତାଇବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୯୦୧-ବିଶ୍ୱର ପ୍ରଥମ ୱେୟାରଲେସ୍ ଟେଲିଗ୍ରାଫ୍ କମ୍ପାନି ହାୱାଇରେ ଖୋଲିଲା।
- ୧୯୪୯- ସରୋଜିନୀ ନାଇଡୁଙ୍କ ପରଲୋକ।
- ୧୯୮୨-ପାଟନାରେ ମହାତ୍ମା ଗାନ୍ଧୀ ସେତୁର ଉଦ୍‌ଘାଟନ କରାଗଲା।
- ୧୯୯୭- ଚୀନ୍ ତା'ର ପ୍ରତିରକ୍ଷା ବଜେଟ୍‌କୁ ୧୨% ବୃଦ୍ଧି କଲା।

## ମୃତ୍ୟୁ ପରେ ଜୀବିତ ହୋଇଥିବା ଦାବି କଲେ ମହିଳା



ଜନ୍ମ ଆଉ ମୃତ୍ୟୁ ଚିରନ୍ତନ ସତ୍ୟ। ହେଲେ ଏବେ ଅନେକ ଲୋକ ମୃତ୍ୟୁ ପରର ଦୁନିଆ ଦେଖିଥିବା ଦାବି କରୁଛନ୍ତି। ଏମିତି ଜଣେ ମହିଳା ହେଉଛନ୍ତି ଲୋର୍ନା ହ୍ୟାରିସ୍। ଇଂଲଣ୍ଡ, କେଣ୍ଟସ୍ଥିତ ହ୍ୱିଟଷ୍ଟେବଲର ବାସିନ୍ଦା ଲୋର୍ନା ୨୦୨୩ ମସିହାରେ ହଠାତ୍ ଦିନେ ସକାଳେ ଉଠିବା ମାତ୍ରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସେ ନିଃଶ୍ୱାସ ନେବା କଷ୍ଟ ହୋଇଯାଇଥିଲା। ସେ ନିଦରୁ ଉଠିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବାରୁ ଖଟରୁ ତଳକୁ ଖସି ପଡ଼ିଥିଲେ। ବହୁତ କଷ୍ଟରେ ସେ ୯୯୯କୁ ଫୋନ୍ କରି ଆମ୍ବୁଲାନ୍ସକୁ ଡାକିଥିଲେ। ସେ ନିଜେ ଘୁଷୁରି ଘୁଷୁରି ଯାଇ ଘରର ମୁଖ୍ୟଦ୍ୱାର ପାଖେ ପହଞ୍ଚିଥିଲେ। ମେଡିକାଲ ଟିମ୍ ତାଙ୍କର ଇସିଜି କରାଇ ତାଙ୍କର ହୃଦ୍‌ରୋଗ ସମସ୍ୟା ଦେଖାଯାଇଛି ବୋଲି ଜାଣିବାକୁ ପାଇଥିଲେ। ଏହାପରେ ତାଙ୍କୁ ଆମ୍ବୁଲାନ୍ସରେ ଭର୍ତ୍ତି କରାଯାଇଥିଲା। ତାଙ୍କ ହାତ ଏବଂ ପାଦ ଶିଥୀଳ ହୋଇଯାଉଥିବାରୁ ସେ ଆମ୍ବୁଲାନ୍ସ ଚାଳକଙ୍କୁ ଶୀଘ୍ର ହସ୍‌ପିଟାଲ ନେବାକୁ କହିଥିଲେ। ଲୋର୍ନା କୁହନ୍ତି, ଏହି ସମୟରେ ଅଚାନକ ତାଙ୍କୁ ଚତୁଃପାର୍ଶ୍ୱରୁ ଉଜ୍ଜ୍ୱଳ ଧଳା ଆଲୋକ ଦୃଶ୍ୟମାନ ହୋଇଥିଲା। ସେ ନିଜକୁ ଉପରୁ ଦେଖୁଥିବାର ଦେଖିଲେ, ଯେପରି ଏକ ଡ୍ରୋନ୍ ଉପରୁ ସମ୍ପୂର୍ଣ୍ଣ ଦୃଶ୍ୟକୁ ରେକର୍ଡ କରୁଥିଲା। ଆମ୍ବୁଲାନ୍ସରୁ ହସ୍‌ପିଟାଲ କରିଡରକୁ ତାଙ୍କୁ ଖୁବ୍‌ଶୀଘ୍ର ନିଆଯାଉଥିବା ସେ ଦେଖି ପାରୁଥିଲେ। ଜଣେ ମହିଳା ଡାକ୍ତର ତାଙ୍କୁ ସିପିଆର୍ ଦେଉଥିଲେ। ଏହାପରେ ଜଣେ ସର୍ଜନ ଆସିଥିଲେ। ସର୍ଜନ ଜଣକ ରଙ୍ଗୀନ ବ୍ୟାଣ୍ଡ ସାଙ୍ଗକୁ ସ୍ପୋର୍ଟସ୍ ଜୋତା ପିନ୍ଧିଥିବାର ସେ ଦେଖି ପାରୁଥିଲେ। ଲୋର୍ନା ଅପରେସନ୍ ଟେବୁଲରେ ନିଜକୁ ଅଧା ପୋଷାକ ପିନ୍ଧି ଶୋଇଥିବାର ଦେଖି ଲଜ୍ଜିତ ଅନୁଭବ କରିଥିଲେ। ସର୍ଜନ ତାଙ୍କର ଗୋଲାପୀ ପାଇଜାମାକୁ ନର୍ସଙ୍କୁ ସୁରକ୍ଷିତ ଭାବେ ରଖିବାକୁ କହୁଥିବା ସେ ଶୁଣିଥିଲେ। ସେ ଅପରେସନ୍ ରୁମ୍‌ର କୋଣ ଅନୁକୋଣକୁ ବେଶ୍ ସ୍ପଷ୍ଟ ଭାବେ ଦେଖି ପାରୁଥିଲେ। ଏହା ପରେ ସବୁକିଛି ଅନ୍ଧକାର ହୋଇଯାଇଥିଲା। ଲୋର୍ନା ଅନୁଭବ କରିଥିଲେ ସେ ମରିଯାଇଛନ୍ତି। ହେଲେ ଏହାକୁ ନେଇ ସେ ଭୟଭୀତ ନ ଥିଲେ। ଲୋର୍ନାଙ୍କୁ ହୋସ୍ ଆସିବା ପରେ ସେ ନିଜକୁ କାର୍ଡିୟାକ୍ କେୟାର୍ ୟୁନିଟ୍‌ରେ ପାଇଥିଲେ। ଏହାପରେ ଡାକ୍ତର ତାଙ୍କର ହୃଦ୍‌ଘାତ ସହ ଦୁଇଥର ହୃଦୟନ୍ତ୍ର କାର୍ଯ୍ୟ କରିବା ବନ୍ଦ କରି ଦେଇଥିବା କହିଥିଲେ। ଅସ୍ତ୍ରୋପଚାର ଦ୍ୱାରା ସେମାନେ ତାଙ୍କ ହୃଦ୍‌ଯନ୍ତ୍ରରେ ଜମାଟ ବାନ୍ଧିଥିବା ରକ୍ତକୁ କାଢ଼ି ଦେଇଥିବା କହିଥିଲେ। ଏହାପରେ ଲୋର୍ନା ତାଙ୍କର ଏହି ଅନୁଭବ ବିଷୟରେ ତାଙ୍କୁ ଚିକିତ୍ସା କରୁଥିବା ଜଣେ ହୃଦ୍‌ରୋଗ ବିଶେଷଜ୍ଞଙ୍କୁ କହିଥିଲେ। ଏନେଇ ଡାକ୍ତର ଜଣକ ମୃତ୍ୟୁକୁ ଅତି ନିକଟରେ ଦେଖିବା ଅଭିଜ୍ଞତା ଚିକିତ୍ସା ବିଜ୍ଞାନର ସବୁଠାରୁ ବଡ଼ ରହସ୍ୟ ବୋଲି କହିଥିଲେ। ଏପରି ଅନୁଭବ ଅନେକ ରୋଗୀ ସେୟାର କରନ୍ତି ବୋଲି ସେ ଲୋର୍ନାଙ୍କୁ କହିଥିଲେ। କିଛି ମାସ ପରେ ଲୋର୍ନାଙ୍କର ଜଣେ ବନ୍ଧୁ ତାଙ୍କର ଅସ୍ତ୍ରୋପଚାର କରିଥିବା ସର୍ଜନଙ୍କୁ ଭେଟିବାକୁ ଯାଇଥିଲେ। ସେ ସତରେ ରଙ୍ଗୀନ ବ୍ୟାଣ୍ଡ ଆଉ ସ୍ପୋର୍ଟସ୍ ଜୋତା ପିନ୍ଧନ୍ତି କି ନାହିଁ ତାଙ୍କୁ ପଚାରିଥିଲେ। ଲୋର୍ନାଙ୍କ କଥା ସତ ଥିଲା। ତେବେ ଲୋର୍ନା କୁହନ୍ତି, ଏବେ ତାଙ୍କୁ ମୃତ୍ୟୁକୁ ନେଇ ଆଉ ଭୟ ନାହିଁ। କାରଣ ମୃତ୍ୟୁ ଭୟାନକ ନୁହେଁ ବରଂ ଶାନ୍ତିପୂର୍ଣ୍ଣ ଥିଲା। ସେ ନିଜକୁ ନୁହେଁ, ଅନ୍ୟ କାହାକୁ ଦେଖିବା ପରି ଲାଗୁଥିଲା। ଲୋର୍ନା ତାଙ୍କ କାହାଣୀ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି।

## ଏହି କଳାକାରଙ୍କ ସହ କାମ କରିବେ ମୋହିତ୍





ଗତବର୍ଷ ରିଲିଜ୍ ହୋଇଥିବା ମୋହିତ୍ ସୂରୀଙ୍କ ଫିଲ୍ମ 'ସୈୟାରା' ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହୋଇଥିଲା। ଆହାନ୍ ପାଣ୍ଡେ ଓ ଅନିତ୍ ପଡ୍ଡାଙ୍କୁ ମୋହିତ୍ ଏହି ଫିଲ୍ମ ମାଧ୍ୟମରେ ଲଞ୍ଚ୍ କରି ରାତାରାତି ଷ୍ଟାର୍ କରି ଦେଇଥିଲେ। ଏବେ ମୋହିତ୍ ଆଉ ଏକ ବଡ଼ ପ୍ରୋଜେକ୍ଟ ନେଇ ଆସୁଛନ୍ତି। ଯଶରାଜ୍ ଫିଲ୍ମସ୍ ତଥା ଆଦିତ୍ୟ ଚୋପ୍ରାଙ୍କ ସହ ସେ ଏକ ରୋମାଣ୍ଟିକ୍ ଫିଲ୍ମ ଆଣୁଛନ୍ତି। ଏହା ଏକ ସଙ୍ଗୀତଭିତ୍ତିକ ପ୍ରେମ କାହାଣୀ ହେବ ଓ ଏହାର ପ୍ରଚ୍ଛଦପଟରେ ହତିଆର ତଥା ଅପରାଧର ଦୁନିଆକୁ ଦେଖାଯିବ। ଏବେ ଏହାର କାହାଣୀ ଲେଖା ହେଉଛି। ଚଳିତବର୍ଷ ଏହାର ସୁଟିଂ ଆରମ୍ଭ ହୋଇପାରେ। ମୋହିତ୍‌ଙ୍କ ଏହି ଫିଲ୍ମରେ ନାୟକ ଭାବେ ଦେଖାଯିବେ ରଣବୀର କପୁର। ମୋହିତ୍ ମଧ୍ୟ ଇତିମଧ୍ୟରେ ରଣବୀରଙ୍କୁ ଅନେକ ଥର ସାକ୍ଷାତ କରି କାହାଣୀ ବାବଦରେ ଆଲୋଚନା କରିଛନ୍ତି। ରଣବୀରଙ୍କୁ ଫିଲ୍ମର କାହାଣୀ ପସନ୍ଦ ଆସିଥିବା ଜଣାପଡ଼ିଛି। ରଣବୀର ଏବେ ନୀତେଶ ତିୱାରିଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ରାମାୟଣ'ରେ ରାମ ଭୂମିକାରେ ଅଭିନୟ କରୁଛନ୍ତି। ଏହାବାଦ୍ ସେ ସଞ୍ଜୟ ଲୀଳା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍'ରେ ମଧ୍ୟ ଲିଡ୍ ରୋଲରେ ଦେଖାଯିବେ।

## କୋଲଡ୍ ଡ୍ରିଙ୍କସ୍‌ରେ କୋଡ଼ିଏ ବର୍ଷ



ଅନେକେ ସେମାନଙ୍କ ଅଜବ ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାନ୍ତି। କେହି ପାଣି, ତ କେହି ଫଳ ଖାଇ ବଞ୍ଚିଥିବା ଘଟଣା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଏବେ ଇରାନ୍‌ର ଘୋଲମରେଜା ଅଦେଶିରି ନାମକ ବ୍ୟକ୍ତି ଦୀର୍ଘ ୨୦ ବର୍ଷ ଧରି କୋଲ୍ଡ ଡ୍ରିଙ୍କସ୍ ବା ମୃଦୁ ପାନୀୟ ପିଇ ଜୀବିତ ଥିବା ଦାବି କରି ଚର୍ଚ୍ଚାକୁ ଆସିଛନ୍ତି। ସେ ଏତେ ଦିନ ହେଲାଣି କେବଳ ପେପ୍‌ସି ଏବଂ ସେଭେନ୍‌ଅପ୍ ଭଳି ମୃଦୁ ପାନୀୟ ପିଇ ଜୀବିତ ଥିବା କହିଛନ୍ତି। ଘୋଲମରେଜା ୨୦୦୬ ମସିହା ପରଠୁ ଦାନାଟିଏ ବି ପେଟକୁ ନେଇ ନାହାନ୍ତି। ଫାଇବର୍ ଗ୍ଲାସ୍ ମରାମତି କରୁଥିବା ଘୋଲମରେଜାଙ୍କ କହିବାନୁଯାୟୀ, ତାଙ୍କ ପେଟ କେବଳ କୋଲ୍ଡ ଡ୍ରିଙ୍କସ୍ ହଜମ କରିପାରେ। ଅନ୍ୟ ଯାହା ଖାଇଲେ ତାଙ୍କର ବାନ୍ତି ହୋଇଯାଏ। ପେପ୍‌ସି, ସେଭେନ୍‌ଅପ୍‌ରୁ ମିଳୁଥିବା ଶକ୍ତି ତାଙ୍କ ପାଇଁ ଯଥେଷ୍ଟ। ସେ ଦିନସାରା ପାଖାପାଖି ୩ ଲିଟର ମୃଦୁ ପାନୀୟ ପିଇ ନିଜକୁ ଶାରୀରିକ ଭାବେ ସୁସ୍ଥ ରଖିଥାନ୍ତି। ସବୁଦିନ ସେ ଚାରି ଘଣ୍ଟା ହିଁ ଶୋଇଥାନ୍ତି। ତେବେ ସେ ନିଜର ଅଜବ ରୁଚିକୁ ନେଇ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇଥିଲେ। ଖାଦ୍ୟ ଖାଇବା ପରେ ତାଙ୍କ ପାଟିରେ କେଶ ଲାଗିବା ପରି ମନେ ହେଉଥିବା ସେ ଡାକ୍ତରଙ୍କୁ କହିଥିଲେ। ଡାକ୍ତର ଚିକିତ୍ସାରୁ ଜାଣିବାକୁ ପାଇଥିଲେ ଯେ, ତାଙ୍କର କୌଣସି ପ୍ରକାର ସମସ୍ୟା ନାହିଁ। ଏହା ଏକ ମାନସିକ ସମସ୍ୟା ହୋଇଥିବାରୁ ଡାକ୍ତର ତାଙ୍କୁ ମନସ୍ତତ୍ତ୍ୱବିତ୍‌ଙ୍କୁ ଦେଖାଇବା ପାଇଁ କହିଥିଲେ। ଘୋଲମରେଜାଙ୍କ ସମସ୍ୟା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାକଥା, କୋଲଡ୍‌ଡ୍ରିଙ୍କସ୍‌ରେ ଅଧିକ ମାତ୍ରାରେ ସୁଗାର ଥାଏ। ଯାହା ମୋଟାପଣ ଏବଂ ମଧୁମେହ ଭଳି ସମସ୍ୟା ବୃଦ୍ଧି କରିଥାଏ। ତେଣୁ ଏହାକୁ ସୀମିତ ମାତ୍ରାରେ ବ୍ୟବହାର କରିବାକୁ କୁହାଯାଇଥାଏ। ଅନ୍ୟପକ୍ଷରେ ଘୋଲମରେଜାଙ୍କ ପରିବାର ଲୋକେ କେବେ ତାଙ୍କ ସମ୍ମୁଖରେ ଖାଆନ୍ତିନି। ସେମାନଙ୍କୁ ଖାଦ୍ୟ ଖାଇବାର ଦେଖିଲେ ତାଙ୍କୁ ବାନ୍ତି ଲାଗିଥାଏ ବୋଲି ଘୋଲମରେଜା କହିଛନ୍ତି।

## ଚନ୍ଦ୍ରଗ୍ରହଣରେ କ'ଣ କରିବେ ଓ କରିବେନି



ଦୋଳପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ଲାଗିବ। ଏହି ଗ୍ରହଣ ଧାର୍ମିକ ଓ ଜ୍ୟୋତିଷ ଦୃଷ୍ଟିକୋଣରୁ ଖୁବ୍ ମହତ୍ତ୍ୱପୂର୍ଣ୍ଣ ରହିବ। ଅବଶ୍ୟ ଗ୍ରହଣକୁ ନେଇ ଧର୍ମ ଶାସ୍ତ୍ରରେ ବିଶେଷ ନିୟମ ରହିଛି। ଏହି ସମୟ ମଧ୍ୟରେ କ'ଣ କରିବା ଉଚିତ ଓ ଅନୁଚିତ, ସେ ସମ୍ପର୍କରେ ଜାଣିବା।

- ଗ୍ରହଣ କାଳରେ କୌଣସି ପୂଜା ପାଠ କରନ୍ତୁ ନାହିଁ।
- ଗ୍ରହଣ ଲାଗିବା ସମୟରେ ଘରୁ ବାହାରିବା ଅନୁଚିତ। ବିଶେଷକରି ଗର୍ଭବତୀ ଘରୁ ବାହାରିବା ଭଲ ନୁହେଁ।
- ଗ୍ରହଣ ସମୟରେ ରୋଷେଇ କରିବା ଠିକ୍ ନୁହେଁ।
- ସେହିପରି ଗ୍ରହଣ ଲାଗିବା ସମୟରେ ଖାଦ୍ୟ ଖାଇବା ମନା।
- ତୁଳସୀ, ଅଶ୍ୱତ୍ଥ, ବରଗଛକୁ ସ୍ପର୍ଶ କରିବା ଅନୁଚିତ।
- ଖାଲି ଆଖିରେ ଗ୍ରହଣକୁ ଦେଖିବା ଭଲ ନୁହେଁ।
- ଗ୍ରହଣ ଶେଷ ପରେ ସ୍ନାନ କରିବା ଶୁଭ।
- ଗ୍ରହଣ ସମାପନ ପରେ ପୂଜାପାଠ ତଥା ଧାର୍ମିକ କାର୍ଯ୍ୟ କରାଯାଇପାରିବ।
- ଘରେ ଗଙ୍ଗାଜଳ ସିଞ୍ଚନ କରନ୍ତୁ। ଏହାଦ୍ୱାରା ପରିବେଶ ଶୁଦ୍ଧ ହୋଇଥାଏ।

## ହୋଲି ପୂର୍ବରୁ ଘରେ କେଉଁ ଜିନିଷ ରଖିବେ ନାହିଁ

ହୋଲି ଉତ୍ସବ ପୂର୍ବରୁ ଘରର ସଫା ସୁତୁରା ଉପରେ ଧ୍ୟାନ ଦିଆଯାଏ। ଏହାଦ୍ୱାରା ନକାରାତ୍ମକତା ଦୂର ହୋଇଥାଏ। ବାସ୍ତୁ ଅନୁସାରେ, ପ୍ରତ୍ୟେକ ପୂଜାପର୍ବରେ ଘରକୁ ସଫା ରଖିବା ସହ କିଛି ଜିନିଷ ଘରୁ ବାହାର କରି ଦେବା ଉଚିତ। କେଉଁ ଜିନିଷ ହୋଲି ପୂର୍ବରୁ ଘରେ ରଖିବେ ନାହିଁ, ସେ ସମ୍ପର୍କରେ ଜାଣିବା।



- ଅଚଳ ଘଣ୍ଟାକୁ ଘରୁ ବାହାର କରି ଦିଅନ୍ତୁ।
- ଘରେ ଛିଡ଼ା ଜୋତା, ଚପଲ ରଖିବା ଭଲ ନୁହେଁ।
- ସେହିପରି ଘରେ ଭଙ୍ଗା ବାସନ ଥିଲେ, ସେସବୁ ବାହାର କରି ଦେବା ଉଚିତ। ଏଭଳି ଜିନିଷ ରଖିବା ଦ୍ୱାରା ଘରେ ନକାରାତ୍ମକତା ପ୍ରବେଶ କରେ।
- ଖଣ୍ଡିତ ମୂର୍ତ୍ତି ଦୀର୍ଘ ସମୟ ଘରେ ରହିଲେ ବାସ୍ତୁ ବିଗିଡ଼ି ଥାଏ। ତେଣୁ ଠାକୁର ଘରୁ ଭଙ୍ଗା ଠାକୁରଙ୍କ ଫଟୋ ତଥା ମୂର୍ତ୍ତି ବାହାର କରିଦେଲେ ବାସ୍ତୁ ଦୋଷ ଠିକ୍ ହୋଇଯିବ।
- ଏହାବାଦ୍ ଘରେ ଭଙ୍ଗା କାଚ ଥିଲେ ବି ବାହାର କରିବା ଭଲ।

## ସ୍ୱସ୍ତି

## ଦୋଳପୂର୍ଣ୍ଣିମା

ଫଗୁ ଦଶମୀରୁ ଦୋଳଯାତ୍ରା ଆରମ୍ଭ ହୋଇଥାଏ। ଶାସ୍ତ୍ରରେ ଏହାକୁ 'ବସନ୍ତୋତ୍ସବ' ଓ 'ମଦନୋତ୍ସବ' କୁହାଯାଏ। ଏହି ପର୍ବର ଆରାଧ୍ୟ ଠାକୁର ହେଉଛନ୍ତି ରାଧା ଓ କୃଷ୍ଣ।



ଦୋଳଯାତ୍ରା ଅବସରରେ ଓଡ଼ିଶାର ଗାଁ ଗଣ୍ଡା ଉତ୍ସବମୁଖର ହୋଇ ଉଠିଥାଏ। ଘଣ୍ଟ ଘଣ୍ଟା, ସଂକୀର୍ତ୍ତନ ମଣ୍ଡଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ। ଠାକୁରମାନେ ସୁସଜ୍ଜିତ ଦୋଳ ବିମାନରେ ବିଜେ ହୋଇ ଗାଁ ଗାଁ ବୁଲି ଭୋଗ ଖାଇଥାନ୍ତି। ଠାକୁରଙ୍କୁ ଉଖୁଡ଼ା, ଚଣା, ସାକର, ବିଭିନ୍ନ ଫଳ ଆଦି ଭୋଗ ଲଗାଯାଏ। ଏହାବାଦ୍ ଦୋଳ ବିମାନ ସମ୍ମୁଖରେ ପାଞ୍ଜି ପାଠ କରାଯାଏ।

ବିଭିନ୍ନ ଗାଁରେ ମେଳଣ ଆୟୋଜନ ହୋଇଥାଏ। ଏହି ସମୟରେ ଭକ୍ତଙ୍କ ମଧ୍ୟରେ ଫଗୁ ଖେଳ ହୁଏ। ଏହି ପର୍ବ ଗାଁ ଗାଁ ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଏବଂ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସ୍ନେହ, ସଦ୍ଭାବ ଏବଂ ପାରମ୍ପରିକ ସୌହାର୍ଦ୍ଦ୍ୟର ପରିଚାୟକ ଭାବେ ପାଳିତ ହୋଇଥାଏ। ଦୋଳପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଶେଷ ନୀତି ହୁଏ। ଶ୍ରୀମନ୍ଦିରରୁ ଦୋଳଗୋବିନ୍ଦ ଆସି ଦୋଳବେଦିରେ ବିଜେ ହୁଅନ୍ତି। ଭକ୍ତମାନେ ଠାକୁରଙ୍କୁ ଫଗୁ ଲାଗି କରିଥାନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସୁନାବେଶ ହୋଇଥାଏ।

## ରାଧାକୃଷ୍ଣଙ୍କ ରଙ୍ଗ ଖେଳ

ରଙ୍ଗର ପର୍ବ ହୋଲି। ଏହାକୁ ସବୁ ଧର୍ମର ଲୋକ ପୂରା ଆନନ୍ଦ ଓ ଉତ୍ସାହର ସହ ପାଳନ କରନ୍ତି। ପ୍ରେମର ରଙ୍ଗରେ ପୂର୍ଣ୍ଣ ଏହି ପର୍ବ ଭାଇଚାରାର ବାର୍ତ୍ତା ପ୍ରଦାନ କରେ।

- ହୋଲି ପର୍ବ ସହ ଯୋଡ଼ି ହୋଇ ରହିଛି ଅନେକ ପୌରାଣିକ ଆଖ୍ୟାନ। ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ଖେଳାର ଅଂଶବିଶେଷ ହେଉଛି ହୋଲି। ମଥୁରାରେ କୃଷ୍ଣ ଜନ୍ମ ହୋଇଥିବା ବେଳେ ବୃନ୍ଦାବନରେ ବଡ଼ ହୋଇଥିଲେ ବୋଲି କୁହାଯାଏ। ତେବେ କୃଷ୍ଣ ଶ୍ୟାମଳ ବର୍ଣ୍ଣ ହୋଇଥିବାରୁ ସେ ଅନ୍ୟାମନଙ୍କଠାରୁ ନିଜକୁ ଅଲଗା ଭାବନ୍ତି।
- ଶ୍ରୀକୃଷ୍ଣଙ୍କୁ ଲାଗେ ତାଙ୍କ ରଙ୍ଗ ଯୋଗୁଁ ରାଧା କି ଅନ୍ୟ ଗୋପୀମାନେ ତାଙ୍କୁ ଭଲପାଇବେ ନାହିଁ। ବିଶ୍ୱାସ ରହିଛି ଯେ, ତାଙ୍କର ଏଭଳି ଚିନ୍ତାକୁ ଦେଖି ଯଶୋଦା, ଶ୍ରୀକୃଷ୍ଣଙ୍କୁ କହିଲେ ରାଧାଙ୍କଠାରେ ନିଜ ପସନ୍ଦର ରଙ୍ଗ ବୋଳିବାକୁ।
- ନନ୍ଦଗ୍ରାମରୁ କୃଷ୍ଣ ରଙ୍ଗ ଧରି ରାଧା ଓ ଅନ୍ୟ ଗୋପୀମାନଙ୍କୁ ରଙ୍ଗ ପକାଇବାକୁ ଯାଆନ୍ତି। କୃଷ୍ଣଙ୍କ ଏଭଳି କାମରେ ରାଧା ଓ ଅନ୍ୟ ଗୋପୀମାନେ ବାଡ଼ି ଧରି ଗୋଡ଼ାନ୍ତି।
- ଏହିପରି ଭାବେ ରାଧାକୃଷ୍ଣଙ୍କ ମଧ୍ୟରେ ଅଲୌକିକ ପ୍ରେମ ସୃଷ୍ଟି ହେବା ସହ ହୋଲି ଖେଳର ପ୍ରାରମ୍ଭ ହୋଇଥିବା କୁହାଯାଏ।



## ଟି-୨୦ ବିଶ୍ୱକପ୍ : ସଞ୍ଜୁ ସାମସନଙ୍କ ସୁପର ଶୋ

# ସେମିରେ ଭାରତ- ଇଂଲଣ୍ଡ



କୋଲକାତା,୧।୩(ଏଜେନ୍ସି)

ସଞ୍ଜୁ ସାମସନଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ୨୦୨୬ ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଆଜି ଖେଳାଯାଇଥିବା କର ଅବା ମର ମ୍ୟାଚ୍‌ରେ ଭାରତ ୫ ୱିକେଟରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରି କ୍ରମାଗତ ତୃତୀୟଥର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଆସନ୍ତା ୫ ତାରିଖରେ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଭାରତ ସହ ଇଂଲଣ୍ଡର ମୁକାବିଲା ହେବ। ଏହା ପୂର୍ବରୁ କୋଲକାତାର ଇଡେନ ଗାର୍ଡେନ୍ସରେ ମାର୍ଚ୍ଚ ୪ ତାରିଖରେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ସେମିଫାଇନାଲ ମୁକାବିଲା ହେବ। ଏହି ମ୍ୟାଚ୍‌ରେ ମାତ୍ର ୫୦ ବଲ୍‌ରୁ ୧୨ ଚୌକା ଓ ୪ ଛକା ସହ ୯୭ ରନ୍ ସହ ସୁପର ଡୁପର ବ୍ୟାଟିଂ କରି ଦଳକୁ ଜିତାଇଥିବା ସାମସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଆଜିର ଗ୍ରୁପ୍-୧' ସୁପର ଏଇଟସ ମୁକାବିଲା ପୂର୍ବରୁ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ୱେଷ୍ଟଇଣ୍ଡିଜ୍ ସମାନ ପଏଣ୍ଟ ରଖିଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକା ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ଏହି ଗ୍ରୁପ୍‌ରୁ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଥିଲା। ଏହା ଫଳରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମୁକାବିଲାରୁ ଯେଉଁ ଦଳ ବିଜୟ ହାସଲ କରିବ ସେହି ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥାନ୍ତା। ଭାରତ ଏହି ମ୍ୟାଚ୍‌କୁ ଷ୍ଟାଇଲ୍‌ରେ ଜିତି ଚଳିତ ବିଶ୍ୱକପ୍‌ର ଚତୁର୍ଥ ତଥା ଶେଷ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଆସନ୍ତା ୪ ଓ ୫ ତାରିଖରେ ସେମିଫାଇନାଲ ଓ ମାର୍ଚ୍ଚ ୮ ରେ ଫାଇନାଲ ମ୍ୟାଚ୍ ଖେଳାଯିବ। କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା ଏହି କର ଅବା ମର ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଗୁରୁତ୍ୱପୂର୍ଣ୍ଣ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଲାଗି ୱେଷ୍ଟଇଣ୍ଡିଜ୍‌କୁ ଆମନ୍ତ୍ରଣ କରିଥିଲା। ୱେଷ୍ଟଇଣ୍ଡିଜ୍ ଦଳ ଆରମ୍ଭରୁ ଶେଷ ଯାଏ ଦ୍ରୁତ ଗତିରେ ବ୍ୟାଟିଂ କରିବା ଫଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୪ ୱିକେଟ ହରାଇ ୧୯୫ ରନ୍ କରିଥିଲା। ଯାହା ଫଳରେ ଇଡେନ୍ ପିଚ୍‌ରେ ବ୍ୟାଟିଂ କରିବା ସହଜ ମନେ ହୋଇଥିଲା। ୧୯୬ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଭାରତ ମନ୍ଥର ଗତିରେ ବ୍ୟାଟିଂ ଆରମ୍ଭ କରିଥିଲେ ମଧ୍ୟ କ୍ରମାଗତ ୱିକେଟ ହରାଇଥିଲା। ଏହି ସମୟରେ ବାରମ୍ବାର ବିଫଳ ସତ୍ତ୍ୱେ ଏଠାରେ ପୁନର୍ବାର ଇନିଂସ ଓପନ କରିଥିବା ସଞ୍ଜୁ ସାମସନ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରି ଭାରତକୁ ଏହି ରୋମାଞ୍ଚକ ଓ ମହତ୍ତ୍ୱପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ। ଶେଷ ଦୁଇଟି ବଲ୍‌କୁ ଛକା ଓ ଚୌକା ମାରି ଭାରତକୁ ଜିତାଇଥିବା ସାମସନ ୫୦ବଲ୍‌ର ସମ୍ମୁଖୀନ ହୋଇଥିଲେ। ଏଥିରେ ସେ ୧୨ଟି ଚୌକା ଓ ୪ଟି ଛକା ମାରି ଭାରତକୁ ଜିତାଇବା ସହ ତାଙ୍କ ସମାଲୋଚକଙ୍କ ମୁହଁ ବନ୍ଦ କରିବାରେ ସମର୍ଥ ହୋଇଥିଲେ। ଭାରତର ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଅଭିଷେକ ଶର୍ମା ୧୦, ଇଶାନ କିଶାନ ୧୦, ସୂର୍ଯ୍ୟକୁମାର ଯାଦବ ୧୮, ତିଲକ ବର୍ମା ୨୭, ହାର୍ଦ୍ଦିକ ପାଣ୍ଡ୍ୟା ୧୭ ଓ ଶିବମ ଦୁବେ ଅପରାଜିତ ୮ ରନ୍ କରିଥିଲେ। ଜେସନ ହୋଲ୍ଡର ଓ ଶମାର ଯୋଶେଫ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ ମଧ୍ୟ ତାହା ଦଳର ବିଜୟରେ ସହାୟକ ହୋଇ ପାରି ନ ଥିଲା।

### ଭାରତର ଷଷ୍ଠ ସେମିଫାଇନାଲ

୬ଥର : ପାକିସ୍ତାନ (୨୦୦୭, ୨୦୦୯, ୨୦୧୦, ୨୦୧୨, ୨୦୨୧, ୨୦୨୨)
୬ଥର : ଭାରତ (୨୦୦୭, ୨୦୧୪, ୨୦୧୬, ୨୦୨୨, ୨୦୨୪, ୨୦୨୬)
୬ଥର : ଇଂଲଣ୍ଡ (୨୦୧୦, ୨୦୧୬, ୨୦୨୧, ୨୦୨୨, ୨୦୨୪, ୨୦୨୬)

### ଟି-୨୦ ବିଶ୍ୱକପ୍‌ରେ ସଫଳ ରନ ଚେଜ୍

| ଦଳ | ଟାର୍ଗେଟ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ଇଂଲଣ୍ଡ | ୨୩୦ | ଦ.ଆଫ୍ରିକା | ୨୦୧୬ |
| ଦ.ଆଫ୍ରିକା | ୨୦୬ | ୱେଷ୍ଟଇଣ୍ଡିଜ | ୨୦୦୭ |
| ଭାରତ | ୧୯୬ | ୱେଷ୍ଟଇଣ୍ଡିଜ | ୨୦୨୬ |
| ଆମେରିକା | ୧୯୬ | କାନାଡା | ୨୦୨୪ |

### ବିଶ୍ୱକପ୍‌ରେ ଗୋଟିଏ ସଂସ୍କରଣରେ ସର୍ବାଧିକ ଛକା

| ଖେଳାଳି | ଛକା | ବର୍ଷ |
|---|---|---|
| ସିମରନ ହେଟ୍‌ମାୟର | ୧୯ | ୨୦୨୬ |
| ଶାହିବଜାଦ ଫରହାନ | ୧୮ | ୨୦୨୬ |
| ନିକୋଲସ ପୁରନ | ୧୭ | ୨୦୨୪ |
| କ୍ରିସ ଗେଲ୍ | ୧୬ | ୨୦୧୨ |

### ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ୍ : ୧୯୫/୪, ୨୦ ଓଭର (ଚେଜ୍-୪୦, ପାୱେଲ-ଅପରାଜିତ-୩୪, ହୋଲ୍ଡର-ଅପରାଜିତ-୩୭, ହୋପ୍-୩୨, ହେଟମାୟର-୨୭, ଯଶପ୍ରୀତ୍ ବୁମ୍ରା-୨/୩୬, ହାର୍ଦ୍ଦିକ ପାଣ୍ଡ୍ୟା-୧/୪୦, ବରୁଣ ଚକ୍ରବର୍ତ୍ତୀ-୧/୪୦)।
ଭାରତ: ୧୯୯/୫, ୧୯.୨ ଓଭର (ସଞ୍ଜୁ- ଅପରାଜିତ-୯୭, ତିଳକ- ୨୭, ସୂର୍ଯ୍ୟକୁମାର - ୧୮, ପାଣ୍ଡ୍ୟା- ୧୭, ଅଭିଷେକ- ୧୦, କିଶାନ- ୧୦, ହୋଲ୍ଡର- ୨/୩୮, ଜୋସେଫ- ୨/୪୨)।

### ସେମିଫାଇନାଲ ମୁକାବିଲା

| | | |
|---|---|---|
| ୪।୩ | ଦକ୍ଷିଣ ଆଫ୍ରିକା-ନ୍ୟୁଜିଲାଣ୍ଡ | କୋଲକାତା |
| ୫।୩ | ଭାରତ-ଇଂଲଣ୍ଡ | ମୁମ୍ବଇ |
| ୮।୩ | ଫାଇନାଲ | ଅହମ୍ମଦାବାଦ୍ |

ଖେଳ ଆରମ୍ଭ-ରାତି ୭ଟା, ପ୍ରସାରଣ-ଷ୍ଟାର ସ୍ପୋର୍ଟ୍ସ/ଜିଓହଟ୍‌ଷ୍ଟାର

# ଅପରାଜେୟ ରହିଲା ଦକ୍ଷିଣ ଆଫ୍ରିକା



ନୂଆଦିଲ୍ଲୀ,୧।୩(ଏଜେନ୍ସି): ଅଧିନାୟକ ସିକନ୍ଦର ରାଜାଙ୍କ ଅଲରାଉଣ୍ଡ ସଫଳତା ସତ୍ତ୍ୱେ ଏଠାରେ ରବିବାର ଖେଳାଯାଇଥିବା ଟି-୨୦ ବିଶ୍ୱକପ୍ ସୁପର ଏଇଟ୍‌ସ ଏକ ଗ୍ରୁପ୍-୧' ମୁକାବିଲାରେ ଜିମ୍ବାୱେ ୫ ୱିକେଟରେ ଦକ୍ଷିଣ ଆଫ୍ରିକାଠାରୁ ପରାଜିତ ହୋଇଛି। ଏହା ଫଳରେ ଦକ୍ଷିଣ ଆଫ୍ରିକା ଏଯାଏ ଅପରାଜେୟ ରହି ସେମିଫାଇନାଲରେ ପ୍ରବେଶ କରିଛି। କୋଲକାତାରେ ମାର୍ଚ୍ଚ ୪ ତାରିଖ ବୁଧବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ସହ ନ୍ୟୁଜିଲାଣ୍ଡର ମୁକାବିଲା ହେବ। ଏହି ମ୍ୟାଚ୍‌ରେ ୭୩ ରନ୍ କରିବା ସହ ୩ ୱିକେଟ ନେଇଥିବା ପରାଜିତ ଜିମ୍ବାୱେର ରାଜାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଆଜିର ମ୍ୟାଚ୍‌ରେ ସିକନ୍ଦରଙ୍କ ୪୩ବଲ୍‌ରେ ୮ ଚୌକା ଓ ୪ ଛକା ସହ ୭୩ ଏବଂ କ୍ଲାଇବ୍ ମାଦାଣ୍ଡେଙ୍କ ଅପରାଜିତ ୨୬ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୭ ୱିକେଟ ହରାଇ ୧୫୩ ରନ୍ କରିଥିଲା। ପ୍ରତିପକ୍ଷ ଦଳର ସମସ୍ତ ବୋଲର ଶୃଙ୍ଖଳିତ ପ୍ରଦର୍ଶନ କରିବା ଫଳରେ ଜିମ୍ବାୱେ ହାତଖୋଲା ସଟ୍ ଖେଳିପାରି ନ ଥିଲେ। କ୍ୱେନା ମାଫକା ଓ କର୍ବିନ ବୋଷ୍ଟ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୧୪ ରନ୍‌ରେ ଦୁଇ ଓପନର ଓ ୪୩ ରନ୍‌ରେ ୩ ୱିକେଟ ହରାଇବା ସତ୍ତ୍ୱେ ମିଡିଲ ଅର୍ଡର ବ୍ୟାଟରମାନେ ନିୟନ୍ତ୍ରଣରେ ବ୍ୟାଟିଂ କରି ଦଳକୁ ଜିତାଇଥିଲେ। ଡିୱାଲ୍ଡ ବ୍ରେଭିସ୍ ସର୍ବାଧିକ ୪୨, ପ୍ରଥମ ମ୍ୟାଚ୍ ଖେଳୁଥିବା ଜର୍ଜ ଲିଣ୍ଡେ ଅପରାଜିତ ୩୦, ଡେଭିଡ୍ ମିଲର ୨୨ ଓ ଟ୍ରିଷ୍ଟାନ ଷ୍ଟବ୍ସ ଅପରାଜିତ ୨୧ ରନ୍ କରିଥିଲେ। ସିକନ୍ଦରଙ୍କୁ ୩ଟି ୱିକେଟ ମିଳିଥିଲା।

## ଆଇଏସ୍‌ଏଲ୍-୧୨ ଓଡ଼ିଶା ଏଫ୍‌ସି-୧; ଚେନ୍ନାଇନ- ୧



ଭୁବନେଶ୍ୱର, ୧।୩ (ସମିସ): ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସଏଲ୍)ର ଦ୍ୱାଦଶ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଦଳ କ୍ରମାଗତ ଦ୍ୱିତୀୟ ମ୍ୟାଚ୍ ଡ୍ର ରଖିଛି। ରବିବାର ସନ୍ଧ୍ୟାରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚେନ୍ନାଇନ ଏଫ୍‌ସି ବିପକ୍ଷରେ ଓଡ଼ିଶା ଏଫ୍‌ସି ଖେଳିଥିବା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ମ୍ୟାଚର ଉଭୟାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମ କ୍ୱାର୍ଟର ଏକପ୍ରକାର ଗୋଲଶୂନ୍ୟ ଦିଗରେ ଅଗ୍ରସର ହେଉଥିବାବେଳେ ଭ୍ରମଣକାରୀ ଚେନ୍ନାଇନ ମ୍ୟାଚର ପ୍ରଥମ ଗୋଲ୍ ଦେଇଥିଲା। ଇଞ୍ଜୁରୀ ଟାଇମ (୪୫+୨ ମିନିଟ)ରେ ବ୍ରାଜିଲିଆନ ଡିଫେଣ୍ଡର ଏଲସିନୋଙ୍କ ଗୋଲ୍ ବଳରେ ଚେନ୍ନାଇନ ୧-୦ରେ ଅଗ୍ରଣୀ ରହିଥିଲା। ଏହାପରେ ଅବଶ୍ୟ ଦ୍ୱିତୀୟ କ୍ୱାର୍ଟରରେ ଘରୋଇ ଓଡ଼ିଶା ଏଫ୍‌ସି ଗୋଲଟି ଶୁଝାଇ ଦେଇଥିଲା। ୬୮ତମ ମିନିଟରେ କାର୍ଲୋସ ଡେଲଗାଡୋ ଓଡ଼ିଶା ପାଇଁ ଏହି ଗୋଲଟି ସ୍କୋର କରିଥିଲେ। ଫଳରେ ମ୍ୟାଚ୍ ୧-୧ର ବରାବର୍‌ସ୍ତରକୁ ଚାଲିଆସିଥିଲା। ପୂର୍ବରୁ ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚ ଏଠାରେ ଇଣ୍ଟର କାଶୀ ବିପକ୍ଷରେ ଗୋଲଶୂନ୍ୟ ଡ୍ର ରଖିଥିଲା। ଏବେ ଦୁଇଟି ମ୍ୟାଚରୁ ୨ ପଏଣ୍ଟ ପାଇ ଓଡ଼ିଶା ପଏଣ୍ଟ ତାଲିକାର ୯ମ ସ୍ଥାନରେ ପୂର୍ବଭଳି ରହିଛି। ଚେନ୍ନାଇନ ମଧ୍ୟ ୩ୟ ମ୍ୟାଚରୁ ୨ଟି ପରାଜୟ ଓ ଗୋଟିଏ ଡ୍ର ସହିତ ୧ ପଏଣ୍ଟ ପାଇ ଖାତା ଖୋଲିଛି।

## ପତ୍ନୀଙ୍କ ବିଦାୟୀ ମ୍ୟାଚ୍; ଭାବବିହ୍ୱଳ ହେଲେ ଷ୍ଟାର୍କ

ହୋବାର୍ଟ, ୧।୩ (ଏଜେନ୍ସି): ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର ଅଧିନାୟିକା ଆଲିସା ହେଲୀ ତାଙ୍କ ଶେଷ ଦିନିକିଆ ମ୍ୟାଚରେ ଚମକିଛନ୍ତି। ଭାରତ ବିପକ୍ଷରେ ୧୫୮ ରନର ମାରାଥନ ପାଳି ଖେଳି ସେ ଦଳକୁ ସ୍ମରଣୀୟ ବିଜୟୀ ଭେଟି ଦେଇଛନ୍ତି। ଭାରତ ବିପକ୍ଷ ଦ୍ୱି-ପାକ୍ଷିକ ସିରିଜ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲବିଦା କରିବେ ବୋଲି ୩୫ ବର୍ଷୀୟା ହେଲୀ ପୂର୍ବରୁ ଘୋଷଣା କରିଥିଲେ। ତେଣୁ ଏହା ତାଙ୍କ କ୍ୟାରିୟରର ଶେଷ ଧଳାବଲ୍ ମ୍ୟାଚ୍ ଥିଲା। ମାର୍ଚ୍ଚ ୬ରୁ ଆରମ୍ଭ ହେବାକୁ ଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳି ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବେ। ରବିବାର ଶେଷ ସୀମିତ ଓଭର ମ୍ୟାଚ୍ ଖେଳିବା ଅବସରରେ ହେଲୀଙ୍କ ସ୍ୱାମୀ ତଥା ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟର୍ ମିଚେଲ ଷ୍ଟାର୍କ ଷ୍ଟାଡିୟମରେ ଉପସ୍ଥିତ ରହି ତାଙ୍କୁ ଉତ୍ସାହିତ କରିଥିଲେ। ଏପରିକି ହେଲୀ ଶତକ ହାସଲ କରିବା ପରେ ଷ୍ଟାର୍କ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ୧୯ ଫେବୃଆରୀ ୨୦୧୦ରେ ଦିନିକିଆ ପଦାର୍ପଣ କରିଥିବା ହେଲୀ ୧୨୬ ମ୍ୟାଚ୍ ଖେଳି ୩୭ ହାରରେ ୩୭୭୭ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧୯ ଅର୍ଦ୍ଧଶତକ ଓ ୮ ଶତକ ସାମିଲ ରହିଛି।

## ହେଲୀ-ମୁନୀଙ୍କ ଚମକ: ଭାରତର ହ୍ୟାଟ୍ରିକ ପରାଜୟ

# ଅଷ୍ଟ୍ରେଲିଆର ଦିନିକିଆ ସିରିଜ କ୍ଲିନସୁଇପ୍


ଆଲିସା ହେଲୀ

ହୋବାର୍ଟ, ୧।୩ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ଦିନିକିଆ ସିରିଜର ସମସ୍ତ ମ୍ୟାଚରେ ପରାସ୍ତ ହୋଇଛି। ରବିବାର ଅନୁଷ୍ଠିତ ଅନ୍ତିମ ତଥା ୩ୟ ମ୍ୟାଚରେ ଆଲିସା ହେଲୀଙ୍କ ବିସ୍ଫୋରକ ଶତକ ବଳରେ ଅଷ୍ଟ୍ରେଲିଆ ମହିଳା ଦଳ ୧୮୫ ରନର ବିଶାଳ ବ୍ୟବଧାନରେ ଭାରତକୁ ମାତ୍ ଦେଇଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ୬ ୱିକେଟ୍ ଓ ୫ ୱିକେଟରେ ଜିତିଥିବା ଅଷ୍ଟ୍ରେଲିଆ ଏଥିସହ ସିରିଜକୁ ୩-୦ରେ କ୍ଲିନସୁଇପ୍ କରିନେଇଛି। ଅପରପକ୍ଷରେ ଟି-୨୦ ସିରିଜ ବିଜୟୀ ହୋଇଥିବା ଭାରତକୁ ଦିନିକିଆରେ ନିରାଶ ହେବାକୁପଡ଼ିଛି। ଦୁଇଦଳ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ମାର୍ଚ୍ଚ ୬ରୁ ପର୍ଥରେ ଆରମ୍ଭ ହେବ।

**ଅଷ୍ଟ୍ରେଲିଆ ୪୦୯/୭**

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଦୁଇ ଦୁଇଟି ଶତକୀୟ ପାଳି ବଳରେ ୫୦ ଓଭରରେ ୭ ୱିକେଟ ହରାଇ ୪୦୯ ରନ କରିଥିଲା। ଅଧିନାୟିକା ହେଲୀ ୮ମ ଶତକ ସହ ୯୮ ବଲରେ ୧୫୮ ରନ ସଂଗ୍ରହ କରିଥିଲେ। ସେହିଭଳି ବେଥ୍ ମୁନୀ ୮୪ଟି ବଲରେ ୧୦୬ ରନ କରି ଅପରାଜିତ ରହିଥିଲେ। ଜର୍ଜିଆ ଭଲ୍ ମଧ୍ୟ ୬୨ ରନର ଉପଯୋଗୀ ପାଳି ଖେଳିଥିଲେ। ଭାରତର ଶ୍ରୀଚରଣୀ ୧୦ ଓଭରରେ ୧୦୬ ରନ ଦେଇ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଭାରତ ୪୫.୧ ଓଭରରେ ୨୨୬ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ସ୍ନେହ ରାଣା ୪୪, ଜେମିମା ରୋଡ୍ରିଗ୍ସ ୪୨, ପ୍ରତୀକା ରାୱଲ ୨୭, ଦୀପ୍ତି ଶର୍ମା ୨୯, ଅଧିନାୟିକା ହରମନପ୍ରୀତ୍ କୌର ୨୫ ରନ କରିଥିଲେ। ସ୍ମୃତି ମନ୍ଧାନା ଖାତା ଖୋଲିବାରେ ବିଫଳ ହୋଇଥିଲେ।

## ଓଡ଼ିଶା ଚେସ୍ ସଂଘରେ ବିବାଦ

# ସମ୍ପାଦକଙ୍କୁ ବହିଷ୍କାର କଲେ ସଭାପତି




ଭୁବନେଶ୍ୱର,୧।୩ (ସମିସ): ଅଲ ଓଡ଼ିଶା ଚେସ୍ ସଂଘ (ଏଓସିଏ) ଯେଉଁ ପରିସ୍ଥିତିରେ ଯେଉଁ ଲକ୍ଷ୍ୟ ନେଇ ଗଠନ କରାଯାଇଥିଲା, ତାହା ଏବେ ରାସ୍ତା ଭୁଲିବାରେ ଲାଗିଛି। ଆଜି ଭୁବନେଶ୍ୱରରେ ଏଓସିଏର ସମ୍ପାଦକ ଦେବବ୍ରତ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜେନରାଲ ବଡି ମିଟିଂରେ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କୁ ବହିଷ୍କାର କରିଥିବା ଜଣାଯାଇଛି। ଏହାର କାରଣ ହେଲା ସଭାପତି ଶ୍ରୀ ପଟ୍ଟନାୟକ ନିକଟରେ ଆଉ କିଛି ସଦସ୍ୟଙ୍କ ସହ ବୈଠକ କରି ସମ୍ପାଦକଙ୍କୁ ବହିଷ୍କାର କରିଥିଲେ। ଏଓସିଏକୁ ବଦନାମ କରିବା ଓ ଓଡ଼ିଶାର ଚେସ୍ ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟି କରିବା ଅଭିଯୋଗରେ ସମ୍ପାଦକ ଶ୍ରୀ ଭଞ୍ଜ ଅନାସ୍ଥା ପ୍ରସ୍ତାବ ଆଣି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ବହିଷ୍କାର କରିଛନ୍ତି। ଭଦ୍ରକ ଜିଲ୍ଲା ଚେସ୍ ସଭାପତି ଶୁଭେନ୍ଦୁ ରାୟ ମହାପାତ୍ରଙ୍କୁ ନୂଆ ସଭାପତି ମନୋନୀତ କରିଛନ୍ତି। ଏହା ଫଳରେ ଓଡ଼ିଶା ଚେସ୍‌ରେ ଗୋଷ୍ଠୀ ବିବାଦ ପୁଣିଥରେ ଏକ ଧ୍ୱଂସମୁଖୀ ପରିସ୍ଥିତି ସୃଷ୍ଟି କରିଛି। ଏହାର ସିଧା ସଳଖ ପ୍ରଭାବ ଏଯାଏ ଖେଳାଳି ଓ ସଂଘ ଉପରେ ପଡ଼ି ନ ଥିଲେ ମଧ୍ୟ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ହେବା, ରାଜ୍ୟରେ ଏକାଧିକ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବା ଆଦି ଘଟଣା ଦେଖିବାକୁ ମିଳିଛି। ଉଭୟ ସଭାପତି ସତ୍ୟରଞ୍ଜନ ଓ ସମ୍ପାଦକ ଦେବବ୍ରତ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି। ଉଭୟ ଯଦି ମିଳିତଭାବେ ଓଡ଼ିଶା ଚେସ୍‌ର ଉନ୍ନତି ଲାଗି ହାତ ମିଳାନ୍ତେ, ତେବେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇପାରନ୍ତା।

## କଳାହାଣ୍ଡି କପ୍ କ୍ରିକେଟ

# ୩୧୨ ରନରେ ଜିତିଲା ରାଉରକେଲା

ଭୁବନେଶ୍ୱର, ୧।୩ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ସିନିଅର ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ରେ ରବିବାର ୬ଟି ମ୍ୟାଚ ଖେଳାଯାଇଛି। ଏଥିରେ ୩ଟି ବଡ଼ ଶତକୀୟ ପାଳି ଦେଖିବାକୁ ମିଳିଛି।


ଆଶୀର୍ବାଦ ସ୍ୱାଇଁ


ସୌଭାଗ୍ୟ ମିଶ୍ର


ସୂଜଲ ସିଂ


ଅମିନ ଖାନ

ରାଉରକେଲାର ଆଶୀର୍ବାଦ ସ୍ୱାଇଁ (୧୬୫) ଓ ସୂଜଲ ସିଂ (୧୬୦) ଏବଂ ଜଗତସିଂପୁରର ସୌଭାଗ୍ୟ (୧୩୮) ଶତକୀୟ ପାଳି ଖେଳି ନିଜ ଦଳକୁ ବିଜୟୀ କରାଇଛନ୍ତି। ବିଜେବି ସ୍କୁଲ ଗ୍ରାଉଣ୍ଡରେ ରାଉରକେଲା ୩୧୨ ରନର ବିଶାଳ ବ୍ୟବଧାନରେ ନୂଆପଡ଼ାକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୫୦ ଓଭରରେ ୪ ୱିକେଟ ହରାଇ ୪୧୭ ରନ ସଂଗ୍ରହ କରିଛି। ଆଶୀର୍ବାଦ ୧୩୯ ବଲରେ ୧୬୫ ଓ ସୂଜଲ ୮୧ ବଲରେ ଅପରାଜିତ ୧୬୦ ରନ କରିଥିଲେ। ଜବାବରେ ନୂଆପଡ଼ା ୨୪.୩ ଓଭରରେ ୧୦୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

ସନସାଇନ ଗ୍ରାଉଣ୍ଡରେ ଜଗତସିଂପୁର ୨୫ ରନରେ କନ୍ଧମାଳକୁ ପରାସ୍ତ କରିଛି। ସୌଭାଗ୍ୟଙ୍କ ୧୩୮ ଓ କିଶାନ ରଥଙ୍କ ୯୦ ରନ ବଳରେ ଜଗତସିଂପୁର ୮ ୱିକେଟରେ ୩୧୨ ରନ କରିଥିଲା। ପ୍ରତିପକ୍ଷ ବୋଲର ତୁଷାର ତ୍ରିପାଠୀଙ୍କୁ ୫ଟି ୱିକେଟ୍ ମିଳିଥିଲା। ଜବାବରେ କନ୍ଧମାଳ ୯ ୱିକେଟରେ ୨୮୭ ରନ କରିବାକୁ ସମର୍ଥ ହୋଇଥିଲା। ଅନ୍ୟମ୍ୟାଚଗୁଡ଼ିକରେ ପାରାଦୀପ ୫୮ ରନରେ ରାୟଗଡ଼ାକୁ, ଝାରସୁଗୁଡ଼ା ୬ ରନରେ କିଟ୍‌କୁ, କଳାହାଣ୍ଡି ୫ ୱିକେଟରେ କେନ୍ଦୁଝରକୁ ଓ ଗଜପତି ୯୧ ରନରେ ଗଞ୍ଜାମକୁ ହରାଇଛି। ଗଜପତିର ଅମିନ ଖାନ (୪ ୱିକେଟ୍ ଓ ୪୫ ରନ), ଝାରସୁଗୁଡ଼ାର ସନ୍ତୋଷ ଯାଦବ (୪ ୱିକେଟ), ପାରାଦୀପର ଅମିତ ସାହୁ (୯୫ ରନ) ଓ କଳାହାଣ୍ଡିର ସୁଖମିତ ଗିଲ୍ (୨ ୱିକେଟ୍ ଓ ୫୬ ରନ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

## ■ ରାଜ୍ୟ ଓପନ ଚେସ୍

# ସଞ୍ଜୀବନ ନାୟକ ଟାଇଟଲ ବିଜୟୀ



ଭୁବନେଶ୍ୱର,୧।୩ (ସମିସ): ଯାଜପୁରର ସଞ୍ଜୀବନ ନାୟକ ୫ମ ନଳୀନ ରାଜଗୁରୁ ସ୍ମାରକୀ ରାଜ୍ୟ ଓପନ ଚେସ୍ ପ୍ରତିଯୋଗୀରେ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ୫ ରାଉଣ୍ଡ ବିଶିଷ୍ଟ ଏହି ଦିନିକିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁରର ସଞ୍ଜୀବନ ନାୟକ ସର୍ବାଧିକ ୪.୫ ପଏଣ୍ଟ ସଂଗ୍ରହ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ସଞ୍ଜୀବନଙ୍କ ପଛକୁ ୪ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଟାଇବ୍ରେକରରେ ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର ରନର୍ସଅପ୍, ଯାଜପୁରର ଦୀପ୍ତିରଞ୍ଜନ ନାୟକ ତୃତୀୟ, ଭୁବନେଶ୍ୱରର ନଟବର ଦାସ ଚତୁର୍ଥ ଓ ଡିଏନ୍ ୱିସ୍‌ଡମ୍ ଗ୍ଲୋବାଲ ସ୍କୁଲର ସାୟେଶା ସାହୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ଟାଟା କ୍ରୋମାର ସୁଧାଂଶୁ ଶେଖର ମିଶ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଓଡ଼ିଶା ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ଉଦ୍‌ଯାପିତ

# ରାପିଡ୍‌ରେ ଶ୍ରେୟଶ, ବ୍ଲିଜ୍‌ରେ ଆର୍ଯ୍ୟନ ଚାମ୍ପିଅନ

ଭୁବନେଶ୍ୱର,୧।୩ (ସମିସ)



କଟକର ଶ୍ରେୟସ ଶୁଭମ ପଟ୍ଟନାୟକ ଓ ଯାଜପୁରର ଆର୍ଯ୍ୟନ ବେହେରା ଆଜି ଶେଷ ହୋଇଥିବା ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ଚାମ୍ପିଅନସିପ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଆର୍ଯ୍ୟନଙ୍କୁ ରାପିଡ୍‌ରେ ଓ କେନ୍ଦ୍ରାପଡ଼ାର ଲବ୍ୟଜ୍ୟୋତି ବେହେରା ବ୍ଲିଜ୍‌ରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅଲ୍‌ଓଡ଼ିଶା ଚେସ୍ ସଂଘ, କଟକର ଟ୍ରିପଲ-ସି ଚେସ୍ କ୍ଲବ୍, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଫୁଲନଖରାସ୍ଥିତ ସିନର୍ଜି ଇଞ୍ଜିନିୟରିଂ କଲେଜ୍ କ୍ୟାମ୍ପସରେ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସିନର୍ଜି କଲେଜ୍‌ର ବରିଷ୍ଠ କର୍ମକର୍ତ୍ତା ଲକ୍ଷ୍ମୀକାନ୍ତ ପ୍ରଧାନ ଓ ସମରେନ୍ଦ୍ର ସାହୁ, ଟ୍ରିପଲ-ସି' ଚେସ୍ କ୍ଲବ୍‌ର ସଭାପତି ବିଶ୍ୱଜିତ ରାୟ ଓ ଚିଫ୍ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶ୍ରେୟସ, ଆର୍ଯ୍ୟନ ଓ ଲବ୍ୟଜ୍ୟୋତି ଝାଡଖଣ୍ଡର ରାଞ୍ଚିରେ ମାର୍ଚ୍ଚ ୧୧ରୁ ୧୩ ତାରିଖଯାଏ ଖେଳାଯିବାକୁ ଥିବା ଜାତୀୟ ରାପିଡ୍ ଓ ବ୍ଲିଜ୍ ଚେସ୍‌ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଟୁର୍ଣ୍ଣାମେଣ୍ଟକୁ ସୁରେଶ ସାହୁଙ୍କ ବ୍ୟତୀତ ତାପସ କୁମାର ମହାନ୍ତି, ଅଭିଷେକ ଆଚାର୍ଯ୍ୟ ଓ ସୁରଜ ମହାରଣା ପରିଚାଳନା କରିଥିଲେ।

ରାପିଡ୍‌ରେ ଖୋର୍ଦ୍ଧାର ଓମ୍‌ଆଦିତ୍ୟ ଖାଡଙ୍ଗା, କଟକର ନୀଳସୁ ପଟ୍ଟନାୟକ, କେନ୍ଦ୍ରାପଡ଼ାର ଲବ୍ୟଜ୍ୟୋତି ରାଉତରାୟ, କଟକର ସୋୟମ ଲକ୍ଷ୍ମୀଦତ୍ତ ଡି ସାବତ, ଗଜପତିର ତପନ ବଡମୁଣ୍ଡି, ରାୟଗଡ଼ାର ଫକୀର ମାଝି, ଖୋର୍ଦ୍ଧାର ମନୀଷ ମିଶ୍ର ଓ କଟକର ମୃତ୍ୟୁଞ୍ଜୟ ମଣ୍ଡଳ ଯଥାକ୍ରମେ ଦ୍ୱିତୀୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବ୍ଲିଜ୍‌ରେ ଗଜପତିର ତପନ ବଡମୁଣ୍ଡି, ରାୟଗଡାର ଫକୀର ମାଝି, ସୁନ୍ଦରଗଡର ଅମ୍ଳାନ ପ୍ରଧାନ, ପୁରୀର ରୁଦ୍ରନାରାୟଣ, କଟକର ଶ୍ରେୟସ ଶୁଭମ ପଟ୍ଟନାୟକ, ଖୋର୍ଦ୍ଧାର ସାତ୍ତ୍ୱିକ ସ୍ୱାଇଁ, ଖୋର୍ଦ୍ଧାର ସମ୍‌ଆଦିତ୍ୟ ଖାଡଙ୍ଗା ଓ ଯଶିତା ରାଉତ ଯଥାକ୍ରମେ ଦ୍ୱିତୀୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS